୬ ରୋହିତ ଶର୍ମା ହେଉଛନ୍ତି ୨୪ କ୍ୟାରେଟ୍ ସୁନା : ଆକାଶ ଚୋପ୍ରା



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୨୩୯ ● ୨୫ ସେପ୍ଟେମ୍ବର ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -31 ● Issue-239 ● 25th September 2024, Wednesday ● Bhubaneswar | Licensed to post without pre-payment of postage No- BN-60/22-24


# ବିକଶିତ ଓଡ଼ିଶାର ପ୍ରକୃତ ସାରଥୀ ହେବେ ଦକ୍ଷ ଯୁବଶକ୍ତି

ଭୁବନେଶ୍ୱର, ୨୪।୯

ନ୍ୟୁଜ୍ ବ୍ୟୁରୋ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଲୋକସେବା ଭବନରେ ୱାର୍ଲ୍ଡ ସ୍କିଲ କମ୍ପିଟେସନରେ ଭାଗ ନେଇଥିବା ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ପାଇଥିବା ଅମରେଶ ସାହୁଙ୍କୁ ମୁଖ୍ୟମନ୍ତ୍ରୀ ୨୫ ଲକ୍ଷ ଟଙ୍କା ପୁରସ୍କାର ଦେଇଥିଲେ ଏବଂ ମେଡାଲିୟନ ଫର ଏକ୍ସିଲେନ୍ସ ପାଇଥିବା ଗେଡେଲା ଅଖିଲଙ୍କୁ ୫ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡିଶାର ପିଲାମାନଙ୍କ ଦକ୍ଷତା ବର୍ତ୍ତମାନ ବିଶ୍ୱର ଦୃଷ୍ଟିକୁ ଆସିପାରିଛି। ଆଗାମୀ ଦିନରେ ଓଡ଼ିଶାରେ ଦକ୍ଷତା ବିକାଶକୁ ଏକ ଆନ୍ଦୋଳନରେ ପରିଣତ କରାଯିବ।

ସେ କହିଥିଲେ ଯେ, ୨୦୩୬ ଓ ୨୦୪୭ କୁ ଦୃଷ୍ଟିରେ ରଖି ଏକ ବିକଶିତ ଓଡ଼ିଶା ଗଠନ ପାଇଁ ଆମର କାର୍ଯ୍ୟକ୍ରମ ପ୍ରସ୍ତୁତ ହେଉଛି। ଆମର ଏହି ବିକଶିତ ଓଡ଼ିଶାର ପ୍ରକୃତ ସାରଥୀ ହେବେ ଆମର ଏହି ଦକ୍ଷ ଯୁବ ଶକ୍ତି। ଆମ ଯୁବ ଶକ୍ତି ହିଁ ଆମ ପରିଚୟ। ସେମାନେ ଆମ ପାଇଁ ନୂଆ କ୍ରାନ୍ତି । ସେମାନେ ହିଁ ଆମ ପାଇଁ ଅଖଣ୍ଡ ବିଶ୍ୱାସର ଆଧାର ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଯୁବ ଶକ୍ତିର ଦକ୍ଷତା ଆମର ଶକ୍ତି ଓ ଗୌରବ । ଆମର ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ଏକ ଆନ୍ଦୋଳନରେ ପରିଣତ କରିବାକୁ ପଡ଼ିବ। ପ୍ରତ୍ୟେକ କ୍ଷେତ୍ରରେ, ପ୍ରତ୍ୟେକ ସ୍ତରରେ ଦକ୍ଷତାର ବିକାଶ ପାଇଁ ଆମର ଉଦ୍ୟମ ଜାରି ରହିବ।

ସୂଚନାଯୋଗ୍ୟ ଯେ, ଫ୍ରାନ୍ସର ଲିଅନଠାରେ ସେପ୍ଟେମ୍ବର ୧୦ ରୁ ୧୫ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିବା ୱାର୍ଲ୍ଡ ସ୍କିଲ କମ୍ପିଟେସନରେ ଦେଶର ୬୦ ଜଣ ଭାଗ ନେଇଥିବା (ପୃଷ୍ଠା ୭ରେ)

## ଚର୍ଚ୍ଚା ମଧ୍ୟରେ ଜେଏସ୍‌ଡବ୍ଲ୍ୟୁର ପ୍ରତିକ୍ରିୟା

# ଓଡ଼ିଶାରୁ ଓହରିବନି କମ୍ପାନୀ

ଭୁବନେଶ୍ୱର, ୨୪।୯

ନ୍ୟୁଜ୍ ବ୍ୟୁରୋ



ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ଓଡ଼ିଶାରେ ପ୍ରସ୍ତାବିତ ୪୦ ହଜାର କୋଟି ଟଙ୍କାର ବିଦ୍ୟୁତଚାଳିତ ଯାନ(ଇଭି) ନିର୍ମାଣ ପ୍ରକଳ୍ପ ଓ ବ୍ୟାଟେରିଂ ମାନ୍ୟୁଫାକଚରିଂ ପ୍ରକଳ୍ପରୁ କମ୍ପାନୀ ଓହରିବ ନାହିଁ ବୋଲି କମ୍ପାନୀର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ରଞ୍ଜନ ନାୟକ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ଜେଏସଡବ୍ଲ୍ୟୁର ଇଭି ପ୍ରକଳ୍ପ ମହାରାଷ୍ଟ୍ରକୁ ସ୍ଥାନାନ୍ତରକୁ ନେଇ ଗଣମାଧ୍ୟମରେ ଚର୍ଚ୍ଚା ପରେ ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ମଧ୍ୟ ଗଣମାଧ୍ୟମ ସମ୍ମୁଖରେ ମୁହଁ ଖୋଲିଛନ୍ତି । ସେ କହିଛନ୍ତି ଜେଏସଡବ୍ଲ୍ୟୁ ଅଧିକାରୀମାନଙ୍କ ସହ ଆଲୋଚନା କରାଯାଉଛି ଓ ସେମାନେ ପ୍ରକଳ୍ପ ସ୍ଥାନାନ୍ତର ଚୂଡାନ୍ତ କରିନାହାନ୍ତି କିମ୍ବା ଆମକୁ କୌଣସି ସୂଚନା ଦେଇନାହାନ୍ତି ।

ଜାତୀୟ ଗଣମାଧ୍ୟମରେ ଜେଏସଡବ୍ଲ୍ୟୁର ପ୍ରସ୍ତାବିତ ଇଭି ପ୍ରକଳ୍ପ ଓଡ଼ିଶାରୁ ମହାରାଷ୍ଟ୍ରକୁ ସ୍ଥାନାନ୍ତର ହେଉଥିବା ଖବର ପ୍ରକାଶ ପାଇବା ପରେ ରାଜ୍ୟରେ ଏହାକୁ ନେଇ ବିଭିନ୍ନ ପ୍ରକାର ଚର୍ଚ୍ଚା ଜୋର ଧରିଥିଲା । ଶିଳ୍ପ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଜେଏସଡବ୍ଲ୍ୟୁ କମ୍ପାନୀ ତାର ପ୍ରସ୍ତାବିତ ଇଭି ପ୍ରକଳ୍ପକୁ ସ୍ଥାନାନ୍ତର କରିବା ନେଇ ରାଜ୍ୟ ସରକାରଙ୍କୁ କିଛି ଅବଗତ କରିନାହିଁ। କମ୍ପାନୀର ଅଧିକାରୀମାନଙ୍କ ସହ ଆଲୋଚନା ଜାରି ରହିଛି । ଏହି ଆଲୋଚନା ସରିବା ପରେ କିଛି ନିର୍ଯ୍ୟାସ ବାହାରିବ । ମାତ୍ର ସେମାନେ ଓଡ଼ିଶା ପ୍ରକଳ୍ପରୁ ଓହରିବା ନେଇ କୌଣସି ନିଷ୍ପତ୍ତି ହୋଇନାହିଁ। ପୁଞ୍ଜିନିବେଶକମାନେ ନିଜର ଆବଶ୍ୟକତା ଓ ଫିଜିବିଲିଟିକୁ ଦେଖି ନିଷ୍ପତ୍ତି ନେଇଥାନ୍ତି । ଇଭି ପ୍ରକଳ୍ପ କାର୍ଯ୍ୟ ଆରମ୍ଭରେ ବିଳମ୍ବ ହୋଇଛି, ତେବେ ତାଙ୍କ ସରକାର (ପୃଷ୍ଠା ୭ରେ)

## ଆଉ ନାହିଁ ବାର୍ଡ ଫ୍ଲୁ ଡର: ଏଣିକି ଚିକେନ ଖାଇବାରେ ବାରଣ ନାହିଁ



ଭୁବନେଶ୍ୱର, ୨୪।୯

ନ୍ୟୁଜ୍ ବ୍ୟୁରୋ

ଏଣିକି ଚିକେନ ଓ ଅଣ୍ଡା ଖାଇବାରେ ଆଉ କୌଣସି ବାରଣ ରହିବ ନାହିଁ। ବାର୍ଡ଼ ଫ୍ଲୁ ମୁକ୍ତ ହେଲାଣି ବ୍ରଏଲର ଚିକେନ। ଚିକେନ କି ଅଣ୍ଡା ଯାହା ଖାଇଲେ କିଛି ବିପଦ ନାହିଁ, ସରକାରଙ୍କ ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି। ଚଳିତବର୍ଷ ରାଜ୍ୟର ଯେଉଁସବୁ ଅଞ୍ଚଳରେ ବାର୍ଡ଼ ଫ୍ଲୁ ଚିହ୍ନଟ ହୋଇଥିଲା, ସେଠାରେ କୁକୁଡ଼ାଙ୍କୁ ମାରି ପୋତି ଦିଆଯାଇଛି।

ଏବେ ବିନା ଭୟରେ ଚିକେନ ଓ ଅଣ୍ଡା ଖାଇ ପାରିବେ ଖାଉଟି। ସେଥିରେ କିଛି ଅସୁବିଧା ନାହିଁ । କାରଣ ବାର୍ଡ଼ ଫ୍ଲୁ ଆତଙ୍କ ଆଉ ନାହିଁ । ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି । ବିଭାଗ ପକ୍ଷରୁ କୁହାଯାଇଛି ରାଜ୍ୟରେ ଉତ୍ପାଦନ ହେଉଥିବା ବ୍ରଏଲର ଚିକେନ କି ଅଣ୍ଡାରେ ଆଉ କୌଣସି ପ୍ରକାର ସଂକ୍ରମଣ ନାହିଁ । ଏ ବର୍ଷ ପୁରୀ ଜିଲ୍ଲାରେ ବାର୍ଡ଼ ଫ୍ଲୁ ସଂକ୍ରମଣ ଦେଖା ଦେଇଥିଲା । ପ୍ରଭାବିତ ଅଞ୍ଚଳରେ ପ୍ରାଣୀ ସମ୍ପଦ ବିଭାଗ ସହାୟତାରେ କୁକୁଡ଼ାଙ୍କୁ ମାରି ପୋତି ଦିଆଯାଉଥିଲା । ପ୍ରତିବର୍ଷ ଏହି ସିଜିନରେ ବାର୍ଡ ଫ୍ଲୁ ହୋଇଥାଏ। ବିଶେଷଜ୍ଞଙ୍କ କହିବା ଅନୁସାରେ ଅଧିକ ଉତ୍ତାପରେ ଚିକେନକୁ ଭଲ ଭାବେ ରୋଷେଇ କରି ଖାଇଲେ କିଛି ଅସୁବିଧା ନାହିଁ ।


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


# ୧୦ ଦଫା ଦାବି ନେଇ ଆଜିଠୁ ଆନ୍ଦୋଳନକୁ ଓହ୍ଲାଇବେ ନର୍ସିଂ କର୍ମଚାରୀ

ଭୁବନେଶ୍ୱର, ୨୪।୯

ନ୍ୟୁଜ୍ ବ୍ୟୁରୋ

ନର୍ସିଂ କର୍ମଚାରୀ ସଂଘ ୧୦ ଦଫା ଦାବି ନେଇ ବୁଧବାରଠାରୁ ରାଜ୍ୟରେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବାକୁ ଘୋଷଣା କରିଛି। ଏହି ଆନ୍ଦୋଳନରେ ୧୫ ହଜାର କର୍ମଚାରୀ ସାମିଲ ହେବେ । ସରକାରଙ୍କ 'ଏସମା' ଆଦେଶକୁ ବି ସେମାନେ ମାନିବେନି ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ୨୦୧୩ ପୂର୍ବରୁ ନିଯୁକ୍ତି ପାଇଥିବା ନର୍ସିଂ ଅଫିସରଙ୍କ ଛଅ ବର୍ଷ ଚୁକ୍ତି ଭିତ୍ତିକ ଅବଧିକୁ ମୂଳ ଚାକିରିରେ ମିଶାଇ ପଦୋନ୍ନତି ସହ ଆର୍ଥିକ ସହାୟତା ଦେବାକୁ ଦାବି ହୋଇଛି।

ସେହିପରି, ବରିଷ୍ଠତା ଭିତ୍ତିରେ ପଦୋନ୍ନତି, ସିଏଚଓ ପଦବୀରୁ ଫେରାଇ ଆଣି କ୍ୟାଡ଼ର ପୋଷ୍ଟରେ ଅବସ୍ଥାପିତ, ମେରୁଦଣ୍ଡ ଆଘାତ ଚିକିତ୍ସା କେନ୍ଦ୍ର ନର୍ସିଂ ଅଫିସରଙ୍କୁ ସ୍ଥାୟୀ ନିଯୁକ୍ତି ସହ ଠିକାସଂସ୍ଥା ଦ୍ୱାରା ନର୍ସିଂ ଅଫିସର ନିୟୋଜନ ଆଦେଶକୁ ପ୍ରତ୍ୟାହାର କରିବାକୁ ସଂଘ ପକ୍ଷରୁ (ପୃଷ୍ଠା ୭ରେ)



## କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କ ଚେତାବନୀ

ଭୁବନେଶ୍ୱର, ୨୪।୯ : ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ନର୍ସିଂ କର୍ମଚାରୀ ସଂଘଙ୍କ ଦ୍ୱାରା ବୁଧବାର ଆନ୍ଦୋଳନ ପାଇଁ ଡକରା ଦିଆଯାଇଥିବା ପରିପ୍ରେକ୍ଷୀରେ ରାଜ୍ୟସରକାରଙ୍କ ପକ୍ଷରୁ ମଙ୍ଗଳବାର ସବୁ ସିଡିଏମ୍‌ଓ ଓ ସରକାରୀ ମେଡିକାଲ କଲେଜଙ୍କୁ ଚିଠି ଲେଖିଛନ୍ତି । ଆନ୍ଦୋଳନ ଉପରେ ରୋକ ଲଗାଇବା ସହ କୌଣସି ନର୍ସିଂ କର୍ମଚାରୀ ଷ୍ଟ୍ରାଇକ କରୁଥିଲେ ତାଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସରକାର ଚେତାବନୀ ଦେଇଛନ୍ତି। ଅଗଷ୍ଟ ୭ ତାରିଖରୁ ନର୍ସିଂ ଅଫିସରଙ୍କ ବିରୋଧରେ ୬ ମାସ ପାଇଁ ଲାଗୁ ହୋଇଥିବା ଏସମାକୁ କଡ଼ାକଡ଼ି କାର୍ଯ୍ୟକାରୀ (ପୃଷ୍ଠା ୭ରେ)

# ଶ୍ରୀମନ୍ଦିରରେ ବ୍ୟବହାର ହେଉଥିବା ଘିଅର ମାନ ଯାଞ୍ଚ ହେବ

ପୁରୀ, ୨୪।୯ : ନ୍ୟୁଜ୍ ବ୍ୟୁରୋ



ତିରୁପତି ମନ୍ଦିରରେ ପଶୁ ଚର୍ବିରେ ପ୍ରସ୍ତୁତ ଘିଅ ବ୍ୟବହାର ହେଉଥିବା ଅଭିଯୋଗ ଉଠିବା ପରେ ଜାତୀୟସ୍ତରରେ ଆଲୋଡନ ସୃଷ୍ଟି ହୋଇଥିଲା। ହିନ୍ଦୁ ଧର୍ମ ଓ ସଂସ୍କୃତି ଉପରେ ଅତୁଟ ବିଶ୍ୱାସ ରଖିଥିବା ଶ୍ରଦ୍ଧାଳୁଙ୍କ ମନରେ ଏହା ଗଭୀର ଆଘାତ ସୃଷ୍ଟି ମଧ୍ୟ କରିଥିଲା। ଏବେ ଓଡ଼ିଶାର ଆରାଧ୍ୟ ଦେବତା ବଡ ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରରେ ବ୍ୟବହୃତ ହେଉଥିବା ଘିଅର ମାନ ଉପରେ ପ୍ରଶ୍ନ ଉଠିଲାଣି । ଶ୍ରୀମନ୍ଦିରରେ ପ୍ରସ୍ତୁତ ହେଉଥିବା ମହାପ୍ରସାଦ, କୋଠ ଭୋଗ, ବରାଦି ଭୋଗ ଓ ଅନ୍ୟାନ୍ୟ ଶୁଖିଲି ଭୋଗରେ ବ୍ୟବହୃତ ହେଉଥିବା ଘିଅର ମାନ କି ପ୍ରକାର ରହିଛି ସେଥିନେଇ ସନ୍ଦେହ ସୃଷ୍ଟି ହୋଇଛି। ଏନେଇ ଆଇନ୍‌ଜୀବୀ ଦିଲ୍ଲୀପ ବରାଳ ପୁରୀ ଜିଲ୍ଲାପାଳଙ୍କୁ ଚିଠି ଲେଖି ଘିଅର ମାନ ଯାଞ୍ଚ କରାଯିବା ପାଇଁ ଦାବି ଜଣାଇଛନ୍ତି। ଅନୁରୂପ ଭାବେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମୁଖ୍ୟ ବାଡଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର ମଧ୍ୟ ଘିଅର ମାନ ଯାଞ୍ଚ ହେବାର ଆବଶ୍ୟକତା ରହିଥିବା କହିଛନ୍ତି। ସେ କହିଛନ୍ତି ମହାପ୍ରଭୁଙ୍କ ମହାପ୍ରସାଦରେ କେଉଁ ପ୍ରକାର ଘିଅ ବ୍ୟବହାର ହେଉଛି ତାହା ଅସଲି କି ନକଲି ତାର ପରୀକ୍ଷା କରାଯିବା ଦରକାର।

ଏହି ପ୍ରସଙ୍ଗରେ ପୁରୀ ଜିଲ୍ଲାପାଳ କହିଛନ୍ତି ଶ୍ରୀମନ୍ଦିରରେ କେବଳ ଓମ୍‌ଫେଡ୍ ଘିଅର ବ୍ୟବହାର କରାଯାଉଛି। ମହାପ୍ରସାଦ ଓ ଅନ୍ୟାନ୍ୟ ଭୋଗରେ ପ୍ରସ୍ତୁତ ଘିଅ ନେଇ ଅଭିଯୋଗ ଉଠିଥିବାରୁ ଏହାର ମାନ ଯାଞ୍ଚ କରାଯିବ। ଫୁଡ୍ ସେଫ୍ଟି ଅଧିକାରୀ ଏହାର ଯାଞ୍ଚ କରିବେ।

ଶ୍ରୀମନ୍ଦିରରେ ପ୍ରସ୍ତୁତ ହେଉଥିବା ମହାପ୍ରସାଦ ଓ ଅନ୍ୟାନ୍ୟ ଶୁଖିଲି ଭୋଗ ନକଲି ଘିଅରେ ପ୍ରସ୍ତୁତ ହେଉଥିବା ନେଇ ସନ୍ଦେହ ପ୍ରକାଶ ପାଇବା ପରେ ଏହା ଉପରେ ଯାଞ୍ଚ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଯଥାଶୀଘ୍ର ଏହା ଉପରେ ଯାଞ୍ଚ କରାଯାଇ ପ୍ରକୃତ ତଥ୍ୟ ପ୍ରକାଶ ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ତେବେ ଶ୍ରୀମନ୍ଦିରର ପ୍ରତ୍ୟେକ ସେବାରେ ଏ ପର୍ଯ୍ୟନ୍ତ କେବଳ ଓମ୍‌ଫେଡ୍ ଘିଅ ବ୍ୟବହାର ହୋଇଆସୁଛି। ଯଦି କୌଣସି ଅନ୍ୟାନ୍ୟ ଘିଅର ବ୍ୟବହାର ସମ୍ପର୍କରେ ଯାଞ୍ଚରୁ ଜଣାପଡେ ତାହେଲେ ସେ ଦିଗରେ ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି।

# ବନ୍ୟା କ୍ଷତିଗ୍ରସ୍ତଙ୍କ ପାଇଁ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪।୯

ନ୍ୟୁଜ୍ ବ୍ୟୁରୋ

ଚଳିତ ସେପ୍ଟେମ୍ବର ମାସରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ବାଲେଶ୍ୱର ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଜିଲ୍ଲାରେ ବନ୍ୟା ପରିସ୍ଥିତିର ସମୀକ୍ଷା କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତ ମାସ ୧୮ ତାରିଖରେ ବାଲେଶ୍ୱର ଗସ୍ତ କରି କ୍ଷତିଗ୍ରସ୍ତ ମାନଙ୍କୁ ସହାୟତା ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ବାଲେଶ୍ୱର ଜିଲ୍ଲାର ବନ୍ୟା କ୍ଷତିଗ୍ରସ୍ତ ପାଇଁ ସହାୟତା ଘୋଷଣା କରାଯାଇଛି । ଏହି ନିଷ୍ପତ୍ତି ଅନୁଯାୟୀ ସଂପୂର୍ଣ୍ଣ କ୍ଷତିଗ୍ରସ୍ତ ବାସଗୃହର ତୁରନ୍ତ ମରାମତି ନିମନ୍ତେ ୧,୨୦,୦୦୦ ଟଙ୍କା, ଆଂଶିକ ଭାବେ କ୍ଷତିଗ୍ରସ୍ତ ପକ୍କା ବାସଗୃହର ମରାମତି ନିମନ୍ତେ ୬,୫୦୦ ଟଙ୍କା, ଆଂଶିକ କ୍ଷତିଗ୍ରସ୍ତ କଚ୍ଚା ଗୃହ ପାଇଁ ୪୦୦୦ ଟଙ୍କା, ଭାଙ୍ଗିଯାଇଥିବା କୁଡିଆ ଘର ପିଛା ୮୦୦୦ ଟଙ୍କା ଓ ଭାଙ୍ଗିଯାଇଥିବା ଗୁହାଳ ଘର ପାଇଁ ୩୦୦୦ ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ।

ପରିବାରଙ୍କର ବାସଗୃହ ସଂପୂର୍ଣ୍ଣ ଭାବେ ନଷ୍ଟ ହୋଇଥିଲେ କିମ୍ବା ୨ ଦିନ ଧରି ବନ୍ୟାଜଳରେ ବୁଡ଼ି ରହିଥିଲେ ଲୁଗାପଟା ପାଇଁ ୨୫୦୦ ଟଙ୍କା ଓ (ପୃଷ୍ଠା ୭ରେ)

## ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ସୁରକ୍ଷା ଚିନ୍ତା

# ୩୦ ତାରିଖ ମଧ୍ୟରେ ଉଚ୍ଚ ଶିକ୍ଷାନୁଷ୍ଠାନରେ ଆଇସିସି ଗଠନ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୪।୯

ନ୍ୟୁଜ୍ ବ୍ୟୁରୋ




ରାଜ୍ୟର ସର୍ବପୁରାତନ ବିଶ୍ୱବିଦ୍ୟାଳୟ ଉତ୍କଳ ବିଶ୍ୱବିଦ୍ୟାଳୟରେ ଜଣେ ଛାତ୍ରୀଙ୍କୁ ସହକାରୀ ପ୍ରାଧ୍ୟାପକ ଯୌନ ନିର୍ଯାତନା ଦେବା ଘଟଣା ପଦାକୁ ଆସିବା ପରେ ଉଚ୍ଚ ଶିକ୍ଷା ବିଭାଗର ଚେତା ପଶିଛି। ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀ ଓ କାର୍ଯ୍ୟରତ ମହିଳା କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ସରକାର। ସମସ୍ତ କ୍ୟାମ୍ପସ୍‌ରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ସରକାର। କମିଟି ଗଠନ କରିବା ସହ ଆସନ୍ତା ୩୦ ତାରିଖ ମଧ୍ୟରେ ଏନେଇ ଉଚ୍ଚ ଶିକ୍ଷା ବିଭାଗକୁ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରୀଙ୍କୁ ଯୌନ ନିର୍ଯାତନା ଘଟଣା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଅଭିଯୋଗ କରିବାର ମାସାଧିକ କାଳ କୌଣସି ପ୍ରକାର (ପୃଷ୍ଠା ୭ରେ)

## ଡକ୍ଟର ହରିନୀ ଅମରସୁରୀୟା ହେଲେ ଶ୍ରୀଲଙ୍କାର ନୂଆ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୨୪।୯

ଶ୍ରୀଲଙ୍କାର ପ୍ରଧାନମନ୍ତ୍ରୀ ଭାବେ ନ୍ୟାସନାଲ ପିପୁଲ୍ସ ପାୱାରର ସାଂସଦ ଡକ୍ଟର ହରିନୀ ଅମରସୁରୀୟା ମଙ୍ଗଳବାର ଶପଥ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ସଚିବାଳୟରେ ରାଷ୍ଟ୍ରପତି ଅନୁରା କୁମାର ଦିସାନାୟକେଙ୍କ ଉପସ୍ଥିତିରେ ସେ ଶପଥ ଗ୍ରହଣ କରିଛନ୍ତି। ନିର୍ବାଚନର ଗୋଟିଏ ଦିନ ପରେ ସୋମବାର ଶ୍ରୀ ଦିସାନାୟକେ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଥିଲେ।

## ଏକାଳ ପଖାଳ



ନୂଆ ଯେମିତି ପୁରୁଣାକୁ ଖେଦେ
ହାଲିଆ ଦଉଡି ଦଉଡି
ଭୁଲୁଟୁଲୁ ଯେତେ ଖୋଳିଲେ
ବଢଇ ଘଡିକି ଘଡି
କରିସବୁ ତଡାତଡି
ପଦ୍ମଁଅ ଏମିତି ହନ୍ତସନ୍ତ କରେ
ଶଙ୍ଖର ଗଡୁନି ଗାଡି।

# ଏଥର ଦୁର୍ଗାପୂଜା ହେବ ଡିଜେ, ମଦ ଓ ପ୍ଲାଷ୍ଟିକ ମୁକ୍ତ



ଭୁବନେଶ୍ୱର, ୨୪।୯

ନ୍ୟୁଜ୍ ବ୍ୟୁରୋ

ଜଗତଜନନୀ ମା' ଦୁର୍ଗାଙ୍କ ଶାରଦୀୟ ପୂଜା ପାଇଁ ପୀଠ ଓ ମଣ୍ଡପରେ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଗଲାଣି । ଦେବୀ ମନ୍ଦିରଗୁଡ଼ିକ ସାଜସଜ୍ଜା ଚାଲିଥିବା ବେଳେ ପୂଜାମଣ୍ଡପ ପ୍ରସ୍ତୁତି ପ୍ରାୟତଃ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ରାଜଧାନୀ ଭୁବନେଶ୍ୱରରେ ପରିଚାଳିତ ହେଉଥିବା ଦୁର୍ଗାପୂଜା ସ୍ଥଳୀକୁ ଆକର୍ଷଣୀୟ ଭାବେ ସଜ୍ଜୀକରଣ କରାଯାଉଛି। ଦୁର୍ଗାପୂଜା ପାଇଁ ପୂଜାକମିଟି ଗୁଡ଼ିକ ଓ ପୁଲିସ କମିଶନର ନିଜ ନିଜ ସ୍ତରରେ ପ୍ରସ୍ତୁତି ଜୋରଦାର ଚଳାଇଛନ୍ତି। ଏହାରି ମଧ୍ୟରେ କମିଶନରେଟ ପୁଲିସ ପକ୍ଷରୁ କଟକଣା ଜାରି କରାଯାଇଛି।

ପୁଲିସ କମିଶନର ସଂଜୀବ ପଣ୍ଡା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଏଥର ଦୁର୍ଗାପୂଜାରେ ଡିଜେକୁ ବାରଣ କରାଯାଇଛି । ଡିଜେ, ମଦ ଓ ପ୍ଲାଷ୍ଟିକ ମୁକ୍ତ ଦୁର୍ଗାପୂଜାକୁ ଗୁରୁତ୍ୱ ଦିଆଯାଇଛି। ଏଥି ସହିତ ପୂଜା ନାମରେ କେହି ବଟି ମାଗିଲେ ସଂପୃକ୍ତ ବ୍ୟକ୍ତି ବନ୍ଧା ହେବେ। ପୂଜା ମଣ୍ଡପରେ ମେଲୋଡି କାର୍ଯ୍ୟକ୍ରମ ରାତି ୧୨ଟା ଯାଏଁ ଚାଲିପାରିବ। କିନ୍ତୁ ରାବଣ ପୋଡିରେ ବାଣ ବ୍ୟବହାର ନକରିବାକୁ ନିବେଦନ କରାଯାଇଛି।

ସୂଚନାଯୋଗ୍ୟ ଯେ, ମା'ଙ୍କର ଷୋଳପୂଜା (ପୃଷ୍ଠା ୭ରେ)

# ଆଉ ୪ଦିନ ପ୍ରବଳ ବର୍ଷା

ଭୁବନେଶ୍ୱର, ୨୪।୯

ନ୍ୟୁଜ୍ ବ୍ୟୁରୋ



ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପଶ୍ଚିମ ରାଜସ୍ଥାନ ଏବଂ ଗୁଜରାଟ କଚ୍ଛର କିଛି ଅଞ୍ଚଳରୁ ବିଦାୟ ନେଇଛି। ଗତ ୧୭ ତାରିଖ ସୁଦ୍ଧା ମୌସୁମୀ ଫେରିବା ଆରମ୍ଭ କରିବ ବୋଲି ଭାରତୀୟ ପାଣିପାଗ ବିଜ୍ଞାନ କେନ୍ଦ୍ର ଆକଳନ କରିଥିବାବେଳେ ଏଥିରେ ୬ଦିନ ବିଳମ୍ବ ହୋଇଛି। ତେବେ ବିଦାୟୀ ମୌସୁମୀ ରେଖା ଅନୁପଗଡ଼, ବିକାନେର୍, ଯୋଧପୁର, ଭୁଜ, ଦ୍ୱାରକା ଦେଇ ଗତି କରୁଛି।

ଅନ୍ୟପଟେ କେନ୍ଦ୍ରୀୟ ବଙ୍ଗୋପସାଗରରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଥିବାରୁ କଟକ-ଭୁବନେଶ୍ୱର ସମେତ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହୋଇଥିବା ବେଳେ ଆସନ୍ତା ୪ଦିନ ବର୍ଷା ଲାଗି ରହିବ। ଦକ୍ଷିଣ ଓଡ଼ିଶାର ଅଧିକାଂଶ ଅଞ୍ଚଳ ଏବଂ ଉତ୍ତର ଓଡ଼ିଶାର କିଛି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ପ୍ରବଳ ବର୍ଷା ନେଇ ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, (ପୃଷ୍ଠା ୭ରେ)

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୫ ସେପ୍ଟେମ୍ବର ୨୦୨୪ ବୁଧବାର





# ଖେଳପଡ଼ିଆ ନିର୍ମାଣ ହେଇନି, ଦୃଶ୍ୟମାନ ହେଉଛି କେବଳ ସୂଚନା ଫଳକ

**କୋଟପାଡ଼, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରଙ୍କ ବହୁମୁଖୀ ଯୋଜନା ମଧ୍ୟରୁ ଗ୍ରାମାଞ୍ଚଳରେ ଲୁକ୍କାୟିତ ଭାବେ ରହିଥିବା ଖେଳାଳି ମାନଙ୍କୁ ଉଚିତ୍ କ୍ରୀଡା ପ୍ରଶିକ୍ଷଣ ପ୍ରଦାନ କରିବା ଲକ୍ଷ୍ୟ ନେଇ ରାଜ୍ୟ ଏବଂ ରାଜ୍ୟ ବାହାରେ ଉତ୍ତମ ପ୍ରଦର୍ଶନ କରିବାକୁ ପଞ୍ଚାୟତ ସ୍ତରରେ ଗ୍ରାମାଞ୍ଚଳ ଗୁଡିକରେ ଖେଳ ପଡିଆ ସବୁ ନିର୍ମାଣ କରାଗଲା । ଯେଉଁଥିପାଇଁ ରାଜ୍ୟ ସରକାରଙ୍କ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ହେଲେ ଅନେକ ଅଞ୍ଚଳରେ ଏହାକୁ ବାଟମାରଣା ହେଉଥିବା ଭଳି ସନ୍ଦେହ ଜାତ ହେଉଛି । ଏହିଭଳି କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକ ସ୍ଥିତ ସର୍ଗିଗୁଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ମିରିଗୁଡା ଗ୍ରାମରେ ମଧ ଗୋଟିଏ ଗ୍ରାମୀଣ ଖେଳ ପଡିଆ ନିର୍ମିତ ହୋଇଥିବାକୁ ନେଇ ଦୁଇ ଥର ପ୍ରଶାସନ ଦ୍ୱାରା ସୂଚନା ଫଳକରେ ସୂଚନା ପ୍ରଦାନ କରାଯାଇଥିଲା । ଆର୍ଥିକ ବର୍ଷ ୨୦୨୨/୨୩, ସୂଚନା ଫଳକ ଅନୁସାରେ କାର୍ଯ୍ୟ ସଂଖ୍ୟା: (୨୪୧୧୦୧୫୦୧୬/ଏଭି/୧୦୪୮୩୧୦୮୪) ମନରେଗା ଯୋଜନାରେ ନ'ଲକ୍ଷ ଟଙ୍କା ଅଟକଳ ମୂଲ୍ୟ, ଏବଂ ଆର୍ଥିକ ବର୍ଷ ୨୦୨୩/୨୪ ମସିହା ଅନୁସାରେ ଆମ ଓଡ଼ିଶା ନବୀନ ଓଡିଶା ଯୋଜନା ମାଧ୍ୟମରେ ପାଞ୍ଚ ଲକ୍ଷ ଟଙ୍କା ବ୍ୟୟ ଅଟକଳ ମୂଲ୍ୟର ସୂଚନା ପ୍ରଦାନ କରାଯାଇଥିଲା । କିନ୍ତୁ ଏଠାରେ କୌଣସି ଖେଳ ପଡିଆ ନିର୍ମିତ ହୋଇଥିବା ଦୃଷ୍ଟି ଗୋଚର ହୋଇପାରିନାହିଁ । କେବଳ ସୂଚନା ଫଳକ ଦୃଶ୍ୟମାନ ହେଉଛି । ତେଣୁ ଏହା ସର୍ବସାଧାରଣରେ ସନ୍ଦେହ ଘେରରେ ରହିଛି । ଏହାକୁ ଭିତ୍ତିକରି ସୂଚନା ଅଧିକାର କର୍ମୀ ଈଶ୍ୱର ମହନ୍ତ ତା : ୧୩/୦୧/୨୦୨୪ ରିଖରେ ସର୍ଗିଗୁଡା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ସୂଚନା ଅଧିକାର ଆଇନ୍ ବଳରେ ସମ୍ପୃକ୍ତ କାର୍ଯ୍ୟର ତଥ୍ୟ ପ୍ରଦାନ କରିବାକୁ ଆବେଦନ କରିଥିଲେ । କିନ୍ତୁ ପଞ୍ଚାୟତ ଅଧିକାରୀ ମିରିଗୁଡାରେ କୌଣସି ଖେଳ ପଡିଆ ନିର୍ମାଣ ହୋଇନାହିଁ କି ଏ ବାବଦକୁ କୌଣସି ଖର୍ଚ୍ଚ କରାଯାଇନଥିବା ପତ୍ରସଂଖ୍ୟା:୨/୨୦୨୪ ତା : ୦୩/୦୨/୨୦୨୪ ପ୍ରାପ୍ତ ସୂଚନା ପ୍ରକାରେ ଉକ୍ତ ସ୍ଥାନରେ ମନରେଗା ଯୋଜନାରେ କୌଣସି କାର୍ଯ୍ୟ ହୋଇନଥିବା ଦର୍ଶାଇଛନ୍ତି । କିନ୍ତୁ କେଉଁ କାରଣରୁ,କାହା ଉପରେ କିମ୍ବା କାହା ସ୍ୱାର୍ଥ ପାଇଁ ଦୁଇ ଦୁଇ ଥର ଜନସାଧାରଣଙ୍କ ସକାଶେ ସୂଚନା ପ୍ରଦାନ କରାଯାଇଛି ଏହା ସନ୍ଦେହ ଘେରରେ । ଏହି କାମକୁ ନେଇ ଜନସାଧାରଣଙ୍କ ମଧ୍ୟରେ ପ୍ରଶ୍ନଚିହ୍ନ ସୃଷ୍ଟି ହେଉଥିବା ବେଳେ ଏହାର ତଦନ୍ତର ଆବଶ୍ୟକତା ରହିଛି । ସ୍ଥାନୀୟ ଏବଂ ଜିଲ୍ଲା ପ୍ରଶାସନ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଭିତିରିଆ ରହସ୍ୟ ଲୋକଲୋଚନକୁ ଆସିପାରିବ ।

## ବାରିପଦାରେ ବିକାଶ ମେଳା

# ମୟୂରଭଞ୍ଜ ଜିଲ୍ଲାର ବିକାଶ ଉପରେ ପ୍ରଧାନମନ୍ତ୍ରୀ ଅଧିକ ଗୁରୁତ୍ୱ ଦେଉଛନ୍ତି

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ଛଉ ପଡିଆ ଠାରେ ରାଜ୍ୟ ସରକାରଙ୍କର ୧୦୦ ଦିନ ପୂର୍ତ୍ତି ଅବସରରେ ଆୟୋଜିତ ବିକାଶ ମେଳାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ଥିବା ବେଳେ କେନ୍ଦୁଝରେ ଠାରେ ତାଙ୍କର ହେଲିକ୍ୟାପ୍ଟରରେ କିଛି ତ୍ରୁଟି ହେବାରୁ ମୁଖ୍ୟମନ୍ତ୍ରୀ ବାରିପଦା ଆସିନପାରିବାରୁ ତାଙ୍କର ଅନୁପସ୍ଥିତିରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଏବଂ ଜଙ୍ଗଲ ଏବଂ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ବିଶିଷ୍ଟ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ବିକାଶ ମେଳାକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ମୟୁରଭଞ୍ଜ ସାଂସଦ ନବ ଚରଣ ମାଝୀ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ବାରିପଦା ବିଧାୟକ ପ୍ରକାଶ



ସୋରେନ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ସାରସକଣା ବିଧାୟକ ଭାଦବ ହାଁସଦା, ବଡ଼ସାହି ବିଧାୟକ ସନାତନ ବିଜୁଳି, ଉଦଳା ବିଧାୟକ ଭାସ୍କର ମଢେଇ, ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ, କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବ୍ରୁ ପ୍ରମୁଖ ଯୋଗଦେଇ ନିଜନିଜର ଅଭିଭାଷଣ ରଖିଥିଲେ । ଏହି ଅବସରରେ ସାମାଜିକ ସୁରକ୍ଷା ବିଭାଗ ତରଫରୁ ସୁଭଦ୍ରା ଯୋଜନା, ବିବାହ ସହାୟତା ରାଶି ଯୋଜନା, ଭିନ୍ନକ୍ଷମ ସହାୟତା ଯୋଜନା, ସ୍ୱୟଂ ସହାୟକ ଗୋଷ୍ଠୀ ସହାୟତା ଯୋଜନାର କିଛି ହିତାଧିକାରୀଙ୍କୁ ମନ୍ତ୍ରୀ ସହାୟତା ରାଶି ପ୍ରଦାନ କରିଥିଲେ । ଆୟୋଜିତ ସମାରୋହରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମନ୍ତ୍ରୀ ମୟୁରଭଞ୍ଜର ବିକାଶ ପାଇଁ ସୁବର୍ଣ୍ଣ ଯୁଗ ଆସିଛି । ମୟୁରଭଞ୍ଜ ଜିଲ୍ଲାର ୯ଟି ଯାକ ବିଧାନସଭା ଆସନ ସହିତ ସାଂସଦ ଆସନ ବିଜେପିକୁ ଦେଇଥିବାରୁ ମୟୁରଭଞ୍ଜକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ ବିକାଶ କ୍ଷେତ୍ରରେ ପ୍ରାଧାନ୍ୟ ଦେଇ ଆସୁଛନ୍ତି । ମନ୍ତ୍ରୀ ଓଡ଼ିଶାର ମୋହନ ସରକାରଙ୍କ ବିଗତ ୧୦୦ ଦିନର ରିପର୍ଟ କାର୍ଡ ବାବଦରେ ଅଳିଚନା କରି ବିଜେପି ନିର୍ବାଚନ ବେଳେ ଦେଇଥିବା ପ୍ରତିଶୃତିକୁ ରାଜ୍ୟ ସରକାର ତତ୍ପରତାର ସହ ପାଳନ କରୁଛନ୍ତି । ବର୍ତ୍ତମାନ ରାଜ୍ୟରେ ଲୋକଙ୍କ ସରକାର ଚାଲିଛି । ମୁଖ୍ୟମନ୍ତ୍ରୀ ଏବେ ଲୋକଙ୍କ କଥା ସିଧା ସଳଖ ଶୁଣୁଛନ୍ତି । ରାଜ୍ୟ ସରକାର ଦେଇଥିବା ପ୍ରତିଶୃତି ମୁତାବକ ତୁରନ୍ତ ପୁରୀ ଶ୍ରୀ ମନ୍ଦିରର ଚାରିଦ୍ୱାର ଖୋଲିବା, ରାଜ୍ୟରେ ମହିଳା ସଶକ୍ତିକରଣ ପାଇଁ ସୁଭଦ୍ରା ଯୋଜନା ପ୍ରଣୟନ କରିବା, ଚାଷୀ ମାନଙ୍କୁ ଧାନ କ୍ରୟରେ କୁଇଣ୍ଟାଲ ପ୍ରତି ୩୧ଶହ ଟଙ୍କା ସହାୟକ ମୂଲ୍ୟ ପ୍ରଦାନ କରିବା, ଶ୍ରମିକ ମାନଙ୍କର କଲ୍ୟାଣ ପାଇଁ ଦୈନିକ ସର୍ବନିମ୍ନ ମଜୁରୀ ବୃଦ୍ଧି କରିବା ଭଳି ବିଭିନ୍ନ କଲ୍ୟାଣ ମୂଳକ କାର୍ଯ୍ୟ କରାଯାଇଛି । ମୟୁରଭଞ୍ଜର ବିକାଶ ପାଇଁ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ଗୁରୁତ୍ୱର ସହ କାର୍ଯ୍ୟ କରୁଛନ୍ତି ବୋଲି କହିଥିଲେ ।

# କରଞ୍ଜି ଗ୍ରାମ ଚୋରି ଘଟଣା, ୮୩ ଗ୍ରାମ୍ ସୁନା ଅଳଙ୍କାର ଜବତ:ଅଭିଯୁକ୍ତ ଗିରଫ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ଥାନା ଅନ୍ତର୍ଗତ କରଞ୍ଜି ଗ୍ରାମରେ ଗତ ମାର୍ଚ୍ଚ ମାସରେ ହୋଇଥିବା ଏକ ଚୋରି ଘଟଣାରେ ଜଣେ ଅଭିଯୁକ୍ତକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଜଣକ ହେଲା ଗଞ୍ଜାମ ଜିଲ୍ଲା ରମ୍ଭା ଥାନା ଅଞ୍ଚଳର ଟି. ବାବୁଲା (୩୧) । ତାନିକଟରୁ ପୋଲିସ ମୋଟ୍ ୮୩ ଗ୍ରାମ ଓଜନର ୨ଟି ସୁନାହାର,୨ଟି ଚେନ୍ ଓ ୩ଟି ତରଳା ଯାଇଥିବା ସୁନା ମୁଣ୍ଡା ଜବତ କରିଛି । ପୋଲିସ ସୂଚନା ଅନୁଯାୟୀ କରଞ୍ଜି ଗ୍ରାମର ବିଜ୍ଞାନ ରଞ୍ଜନ ନାୟକ ତାଙ୍କ ଘରୁ ଚୋରି ହୋଇଥିବା ଗତ ମାର୍ଚ୍ଚ ମାସ ୧୨ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ପୋଲିସ ତଦନ୍ତ ଆରମ୍ଭ କରିଥିଲା । ବିଶେଷ ସୂତ୍ରରୁ ଖବରପାଇ ଚୌଦ୍ୱାର ଆଇଆଇସି ବିଶ୍ୱ ରଞ୍ଜନ ସାହୁଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ଅବିନାଶ ରାଉତ ସଦଳବଳେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅଭିଯୁକ୍ତ ଟି. ବାବୁଲାକୁ ଧରିବାରେ ସଫଳ ହୋଇଥିଲେ । ବାବୁଲା ପୂର୍ବରୁ ବିଭିନ୍ନ ଚୋରି ଘଟଣାରେ ସମ୍ପୃକ୍ତ ଥିବା ଏବଂ ତା ନାମରେ ରମ୍ଭା, ଖଲିକୋଟ, ବଡ଼ଚଣା, ଜଗତପୁର, ଚୌଦ୍ୱାର ଆଦି ଥାନାରେ ବିଭିନ୍ନ ଅପରାଧିକ ମାମଲା ଥିବା ପୋଲିସ ସୂଚନା ଦେଇଛି । ସୂଚନାଯୋଗ୍ୟ ଯେ ବାବୁଲାର ସହଯୋଗୀ ଅମରେଶ୍ୱର ମାହାନ୍ତି, ଆକାଶ ଦାସ, ସନ୍ତୋଷ ମହାରଣା ଆଦି ଅପରାଧିଙ୍କୁ ପୋଲିସ ପୂର୍ବରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।



# ଦିଲ୍ଲୀରେ ପ୍ରଦର୍ଶିତ ହେଲା ତ୍ରିଲୋଚନଙ୍କ 'ମୁଁ ଗଛ କହୁଛି' କାର୍ଯ୍ୟକ୍ରମ

**ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ଦିଲ୍ଲୀରେ ଇଣ୍ଡିଆ ଗେଟ୍ ସମ୍ମୁଖରେ ସମାଜସେବୀ ତ୍ରିଲୋଚନ ସାହୁଙ୍କ 'ମୁଁ ଗଛ କହୁଛି' କାର୍ଯ୍ୟକ୍ରମ ପ୍ରଦର୍ଶୀତ ହୋଇଛି । ଏହିଭଳି ଭାବରେ ଦିଲ୍ଲୀର ଚାରିଗୋଟି ଭିନ୍ନ ଭିନ୍ନ ଜାଗାରେ ଏହି ପ୍ରଦର୍ଶନ ହେବ ବୋଲି ଶ୍ରୀ ସାହୁ କହିଛନ୍ତି । ରାଷ୍ଟ୍ରପତି ଭବନ, ସଂସଦ ଭବନ, ଆଇଆଇଟି ଦିଲ୍ଲୀ ଏବଂ ଇଣ୍ଡିଆ ଗେଟ୍ ସାମ୍ନାରେ ପ୍ରସାରିତ ହେବ । ନିଜର ଜନ୍ମ ଦିନରେ ଅତି କମ୍‌ରେ ଗୋଟେ ଗଛ ଲଗାଇ ଏହାର ଯତ୍ନ ନେବା ଏବଂ ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ଶ୍ରୀ ସାହୁ ଦିଲ୍ଲୀର ଭିନ୍ନ ଭିନ୍ନ ସ୍ଥାନରେ ଏହି ପ୍ରଚାର ପାଞ୍ଚ ଦିନ ଧରି କରିବେ । ଆଗକୁ ପରିବେଶ ସୁରକ୍ଷା ଏବଂ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ଓଡ଼ିଶାର ବିଭିନ୍ନ ଜିଲ୍ଲା ଏବଂ ଭାରତର ବିଭିନ୍ନ ରାଜ୍ୟ ବୁଲି ସଚେତନତା ବାର୍ତ୍ତା ପ୍ରଚାର କରିବେ ବୋଲି ଶ୍ରୀ ସାହୁ କହିଛନ୍ତି ।

## ////////////// ଚାପିଦେବେ ବାଲିଯାତ୍ରା ଦୁର୍ନୀତି //////////////

# ଘୋଷଣାରେ ରହିଗଲା ଅଡିଟ୍ ଓ ତୃତୀୟପକ୍ଷ ତଦନ୍ତ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଐତିହାସିକ ବାଲି ଯାତ୍ରାରେ ୨୦୨୨ ଓ ୨୦୨୩ରେ ବ୍ୟାପକ ଦୁର୍ନୀତି ଅଭିଯୋଗ ହୋଇଥିବା ବେଳେ ସମୟ ଗଡ଼ାଇ ତାହାକୁ ଚାପି ଦେବା ପାଇଁ ପ୍ରୟାସ ଆରମ୍ଭ ହୋଇଛି । ଗତ ୨ ବର୍ଷର ବାଲିଯାତ୍ରାର ସମସ୍ତ କାମକୁ ତୃତୀୟ ପକ୍ଷଙ୍କ ଦ୍ୱାରା ଯାଞ୍ଚ କରାଯିବା ସହ ଚତୁଃସ୍ତରୀୟ ଅଡିଟ୍ କରାଯିବ ବୋଲି ପୂର୍ବରୁ ପୌର ନିଗମ କର୍ତ୍ତୃପକ୍ଷ ଘୋଷଣା କରିଥିଲେ। ହେଲେ ଏ ଦିଗରେ କୌଣସି ପ୍ରକ୍ରିୟା ଆରମ୍ଭ ହୋଇନଥିବା ବେଳେ ଏବେ ପୌର ନିଗମ ଅଧିକାରୀଙ୍କୁ ନେଇ ଗଠନ ହୋଇଥିବା କମିଟି ଦ୍ୱାରା ୨୦୨୩ ବାଲିଯାତ୍ରା କାମର ଯାଞ୍ଚ କରି ବିଲ୍ ପାସ୍ କରାଇ ନେବାର ମସୁଧା ଚାଲିଛି । ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କଟକ ବାଲିଯାତ୍ରା ୨୦୨୨ ଓ ୨୦୨୩ ଆୟୋଜନରେ କୋଟି କୋଟି ଟଙ୍କର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ୨୦୨୨ରେ ବାଲିଯାତ୍ରା ତଳ ପଡ଼ିଆ ପ୍ରସ୍ତୁତି କାମକୁ ବିନା ଟେଣ୍ଡରରେ କରିବା, ବଡ଼ ବଡ଼ କାମକୁ ଛୋଟ ଛୋଟ ଭାଗ କରି ବାଣ୍ଟିବା, ବାଲିଯାତ୍ରା ତଳ ପଡ଼ିଆ ଭିତ୍ତିଭୂମି ପ୍ରସ୍ତୁତିର ୨ କୋଟି ୯୧ ଲକ୍ଷ ୭୩ ହଜାର ୭୫୦ ଟଙ୍କାର ୯୮ଟି ସିଭିଲ୍ କାମରୁ ୭୬ଟି କାମକୁ ଗୋଟିଏ ପରିବାରର ତିନିଜଣ ସଦସ୍ୟଙ୍କୁ ଦେବା ଭଳି ଅଭିଯୋଗ ସାମନାକୁ ଆସିଥିଲା। ଏପରି ଅନିୟମିତତାକୁ ନେଇ ଖବର ପ୍ରକାଶ ପାଇବା ପରେ ସେତେବେଳେ ସବୁ ମହଲରେ ଏହାକୁ ନେଇ ବିରୋଧଭାଷ ସୃଷ୍ଟି ହୋଇଥିଲା। ଶେଷରେ ବାଲିଯାତ୍ରା କାମର ଲୋକାଲ୍ ଫଣ୍ଡ ଅଡିଟ୍, ସ୍ପେସାଲ୍ ଅଡିଟ୍ ସହ ଇଣ୍ଟରନାଲ୍ ଓ ସିଏଜି ଚତୁଃସ୍ତରୀୟ ଅଡିଟ୍ କରିବାକୁ ମେୟର ଓ କମିଶନର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଇତିମଧ୍ୟରେ ୨ବର୍ଷ ବିତିବାକୁ ବସିଥିବା ବେଳେ କୌଣସି ଅଡିଟ୍ କାମ ଆରମ୍ଭ ହେଲାନାହିଁ। ସେହିପରି ୨୦୨୩ ବାଲିଯାତ୍ରାରେ ନିଗମ ପକ୍ଷରୁ ହୋଇଥିବା ବିଭିନ୍ନ କାମକୁ ନେଇ ପ୍ରଶ୍ନ ଉଠିଥିଲା। ୨୦୨୨ ବାଲିଯାତ୍ରାରେ ଯେଉଁ କାମ କନ୍‌ସେପ୍ଟ କମ୍ୟୁନିକେସନ୍ ସଂସ୍ଥା ୧ କୋଟି ୬୬ ଲକ୍ଷ ଟଙ୍କାରେ କରିଥିଲା। ସେହି କାମ ୨୦୨୩ରେ ଉକ୍ତ ସଂସ୍ଥା ୩ କୋଟି ୩୨ ଲକ୍ଷ ଟଙ୍କାରେ କରିବା ଘଟଣାକୁ ନେଇ ପ୍ରଶ୍ନ ହେବା ସହ ଏହାକୁ ବିରୋଧ କରାଯାଇଥିଲା। ବିଶେଷ ଭାବେ ନିଗମ ଇଞ୍ଜିନିୟରିଂ ବିଭାଗ ତରଫରୁ ଏକ୍ସପ୍ରେସନ୍ ଅଫ୍ ଇନ୍ଟେଷ୍ଟ (ଇଓଆଇ)ରେ ୩୨ ଲକ୍ଷ ଟଙ୍କାରେ ୨ଟି ବାଲିଯାତ୍ରା ସ୍ୱାଗତ ଗେଟ୍, ୩୪ ଲକ୍ଷ ଟଙ୍କାରେ ଧୂଳି ନିୟନ୍ତ୍ରଣ ପାଇଁ କେମିକାଲ୍ ସ୍ପ୍ରେ, ୯୭ ଲକ୍ଷ ଟଙ୍କାର ଲେଜର ସୋ, ୨୭ ଲକ୍ଷ ଟଙ୍କାରେ ସବୁଜ ବାଣ, ୧ କୋଟି ୮୧ ଲକ୍ଷ ଟଙ୍କାର ଡିଜିଟାଲ୍ ଏସି ହ୍ୟାଙ୍ଗର, ୩୪ ଲକ୍ଷ ଟଙ୍କାରେ ପଡ଼ିଆ ସଫେଇ, ୧୮ ଲକ୍ଷ ଟଙ୍କାର ଅସ୍ଥାୟୀ ଶୌଚାଳୟ, ୧୫ ଲକ୍ଷରେ ସେଲ୍ଫି ପଏଣ୍ଟ, ୬୮ ଲକ୍ଷ ଟଙ୍କାରେ ବିଭିନ୍ନ ଜିଲ୍ଲାରେ ବୁଲିଥିବା ସ୍ୱାଗତ ରଥକୁ ନେଇ ବିରୋଧ ଉଠିଥିଲା । ଫଳରେ ସବୁ କାମର ତଦନ୍ତ ଏନ୍‌ଆଇଟି, ଭିଜିଲାନ୍ସ ଅଥବା ଅନ୍ୟ ତୃତୀୟପକ୍ଷଙ୍କ ଦ୍ୱାରା କରାଯିବା ପରେ ଟଙ୍କା ପୈଠ ହେବ ବୋଲି ଘୋଷଣା କରାଗଲା। ମାତ୍ର ଏବେ ୨୦୨୪ ବାଲିଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ପୂର୍ବ ବର୍ଷ ଦୁର୍ନୀତିକୁ ତଦନ୍ତ ନକରି ଠିକାସଂସ୍ଥାଙ୍କୁ ଟଙ୍କା ପୈଠ କରିବା ପାଇଁ ପ୍ରୟାସକୁ ନେଇ ପୌର ନିଗମ କାଉନ୍‌ସିଲ ବୈଠକରେ ତୁମୁଳ କାଣ୍ଡ ଘଟିଥିଲା। ନିଗମର ଡେପୁଟି କମିସନର, ସିଟି ଇଞ୍ଜିନିୟର, ଇଞ୍ଜିନିୟର ଓ ଷ୍ଟାଣ୍ଡିଂ କମିଟି ଅଧକ୍ଷଙ୍କୁ ନେଇ ଗଠିତ କମିଟି କାମ କରିଥିବା ସଂସ୍ଥାଙ୍କୁ ମିଳିବାକୁ ଥିବା ଟଙ୍କାର ୪୦ ପ୍ରତିଶତ କାଟି ଟଙ୍କା ଦେବାକୁ ରିପୋର୍ଟ ଦେଇଥିବା ସମ୍ପର୍କରେ ତଥ୍ୟ ଉପସ୍ଥାପନ ହୋଇଥିଲା। ତୃତୀୟପକ୍ଷଙ୍କ ଦ୍ୱାରା କାମର ତଦନ୍ତ ନକରି ନିଜ ଅଧିକାରୀଙ୍କ ଦ୍ୱାରା କମିଟି ଗଠନ କରି ଏପରି ନିଷ୍ପତ୍ତିକୁ ନେଇ କାଉନସିଲ୍ ବୈଠକରେ ଦୃଢ଼ ବିରୋଧ କରାଯାଇଥିଲା।

# ଗଞ୍ଜାମ ଓ ରମ୍ଭା ଏନ୍‌ଏସିରେ ୨୧ଟି ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଗୃହନାହିଁ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ପ୍ରାକ ବିଦ୍ୟାଳୟ ଶିକ୍ଷା ପାଇଁ ମହିଳା ଶିଶୁ ବିଭାଗ ଦ୍ୱାରା ଅଙ୍ଗନବାଡି କେନ୍ଦ୍ର ପରିଚାଳିତ ହେଉଛି । ଗଞ୍ଜାମ ଓ ରମ୍ଭା ଏନ୍‌ଏସିରେ ୧୫୩ଟି ଅଙ୍ଗନବାଡି କେନ୍ଦ୍ର ରହିଛି । ତେବେ ଏଥିମଧ୍ୟରୁ ୨୧ଟି କେନ୍ଦ୍ରର ନିଜସ୍ୱ ଗୃହ ନଥିବାରୁ କେନ୍ଦ୍ର ପରିଚାଳନାରେ ବାଧକ ସୃଷ୍ଟି ହେଉଛି । ତୁରନ୍ତ ଏହି ୨୧ କେନ୍ଦ୍ରର ସ୍ଥାୟୀ ଗୃହ ନିର୍ମାଣ ପାଇଁ ସାଧାରଣରେ ଦାବି ହେଉଛି ।

# ଅନୈତିକ ସମ୍ପର୍କ ନରଖିବାରୁ ମହିଳାଙ୍କୁ ହତ୍ୟା ଉଦ୍ୟମ

**କଟକ, ନ୍ୟୁଜ୍ ବ୍ୟୁରୋ**

ସ୍ୱାମୀଙ୍କ ଠାରୁ ଅଲଗା ରହୁଥିବା ଜଣେ ମହିଳା ଅବୈଧ ସମ୍ପର୍କ ରଖିବାକୁ ମନା କରିବାରୁ ଜଣେ ଯୁବକ ତାଙ୍କୁ ହତ୍ୟା ଉଦ୍ୟମ କରିଛି । ମହିଳାଙ୍କ ବାପାଙ୍କ ଉପରେ ଗରମ ପାଣି ଢାଳି ଦେବାରୁ ତାଙ୍କ ପିଠି ପୋଡ଼ିଯାଇଛି । ଏଭଳି ଲୋମହର୍ଷକ ଘଟଣା ମଧୁପାଟଣା ଅଞ୍ଚଳରେ ଘଟିଛି । ଏହି ମାମଲାରେ ପୋଲିସ ଅଭିଯୁକ୍ତ ନେତାଜୀ ନଗର ଘାଟକୂଳ ସାହିର ପୂର୍ଣ୍ଣଚନ୍ଦ୍ର କର (୩୦)କୁ ଗିରଫ କରି କୋର୍ଟ ଚାଲାଣ କରିଛି । ମଧୁପାଟଣା ଥାନା ଅନ୍ତର୍ଗତ ଜଗନ୍ନାଥ କଲୋନୀରେ ରହିଛି ଏହି ୩୬ ବର୍ଷୀୟା ମହିଳାଙ୍କ ବାପଘର । ବିବାହର କିଛି ବର୍ଷ ପରେ ଦାମ୍ପତ୍ୟ କଳହରୁ ମହିଳାଜଣକ ତାଙ୍କ ଦୁଇ ଝିଅଙ୍କୁ ଧରି ବାପ ଘରେ ରହୁଛନ୍ତି । ପରିବାର ଚଳାଇବା ପାଇଁ ସେ ସ୍ଥାନୀୟ ଅଞ୍ଚଳରେ ଥିବା ଏକ ମସଲା କମ୍ପାନୀରେ କାମ କରୁଥିଲେ । ପୂର୍ବରୁ ସେହି କମ୍ପାନୀରେ ପୂର୍ଣ୍ଣଚନ୍ଦ୍ର ଚାକିରି କରୁଥିଲା । ସେଠାରେ ପୂର୍ଣ୍ଣଚନ୍ଦ୍ର ସହିତ ମହିଳାଙ୍କର ପରିଚୟ ହୋଇଥିଲା । ଉଭୟଙ୍କ ମଧ୍ୟରେ ଘନିଷ୍ଠତା ବଢ଼ିଥିଲା । ପୂର୍ଣ୍ଣଚନ୍ଦ୍ର ମହିଳାଙ୍କ ଘରକୁ ଯିବାଆସିବା କରୁଥିଲା । ଦୁଇ ଝିଅଙ୍କ କଥା ବୁଝିବ ବୋଲି ପ୍ରତିଶ୍ରୁତି ଦେବାରୁ ମହିଳାଙ୍କୁ ଚାକିରି ଛାଡ଼ିବାକୁ କହିଥିଲା । ତାକଥାରେ ମହିଳା ଜଣକ ଚାକିରି ଛାଡ଼ି ଦେଇଥିଲେ । କିନ୍ତୁ ମହିଳାଙ୍କ ବାପା ପଞ୍ଚୁ ସେଠୀ ଏଭଳି କାର୍ଯ୍ୟକଳାପକୁ ବିରୋଧ କରୁଥିଲେ । ପରବର୍ତ୍ତୀ ସମୟରେ ପୂର୍ଣ୍ଣଚନ୍ଦ୍ର କୌଣସିପ୍ରକାର ଦାୟିତ୍ୱ ତୁଲାଇବା ବଦଳରେ ମହିଳାଙ୍କ ସହିତ ଅବୈଧ ସମ୍ପର୍କ ରଖିବାକୁ ବାଧ କରିଥିଲା । ଆର୍ଥିକ ସ୍ଥିତି ଜଟିଳ ହେବାରୁ ମହିଳା ଜଣକ ଏହାର ପ୍ରତିବାଦ କରିବା ସହିତ ପୂର୍ଣ୍ଣଚନ୍ଦ୍ର ଠାରୁ ଦୂରେଇ ଯାଇଥିଲେ । କିନ୍ତୁ ପୂର୍ଣ୍ଣଚନ୍ଦ୍ର ନିଜ ଜିଦ୍‌ରେ ଅଡ଼ି ବସିଥିଲା । ଏହି ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ରାତି ପ୍ରାୟ ସାଢ଼େ ୯ଟା ବେଳେ ପୂର୍ଣ୍ଣଚନ୍ଦ୍ର ନିଶାସକ୍ତ ଅବସ୍ଥାରେ ଜଗନ୍ନାଥ କଲୋନୀ ସ୍ଥିତ ପୀଡ଼ିତାଙ୍କ ଘରକୁ ଆସିଥିଲା। କବାଟ ବାଡ଼େଇବାରୁ ମହିଳା କବାଟ ଖୋଲିଥିଲେ । ପୂର୍ଣ୍ଣଚନ୍ଦ୍ର ଘର ଭିତରେ ଧସେଇ ପଶି ତାଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମାଡ଼ ମାରିଥିଲା। ତାଙ୍କ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲା । ଏହି ସମୟରେ ପୀଡ଼ିତାଙ୍କ ବାପା ପଞ୍ଚୁ ଘରେ ପହଞ୍ଚିଥିଲେ । ପୂର୍ଣ୍ଣଚନ୍ଦ୍ରଙ୍କୁ ଅଟକାଇବାକୁ ଉଦ୍ୟମ କରିଥିଲେ କିନ୍ତୁ ନିଶାସକ୍ତ ଅବସ୍ଥାରେ ଥିବା ପୂର୍ଣ୍ଣଚନ୍ଦ୍ର ତାଙ୍କ ରୋଷେଇ ଘରକୁ ଯାଇ ଏକ ପାତ୍ରରେ ଥିବା ଗରମ ପାଣି ଆଣି ପଞ୍ଚୁଙ୍କ ପିଠିରେ ଢ଼ାଳି ଦେଇଥିଲା । ଏଭଳି କାଣ୍ଡରେ ପଞ୍ଚୁଙ୍କ ପିଠିରେ ପଛ ଭାଗ ସମ୍ପୂର୍ଣ୍ଣ ପୋଡ଼ିଯାଇଛି । ଉଭୟ ବାପଝିଅ ପାଟି କରିବାରୁ ପଡ଼ୋଶୀମାନେ ସେଠାରେ ପହଞ୍ଚିଥିଲେ । ପୂର୍ଣ୍ଣଚନ୍ଦ୍ର କିନ୍ତୁ ଚତୁରତାର ସହ ସେଠାରୁ ଫେରାର୍ ହୋଇଯାଇଥିଲା । ପଞ୍ଚୁଙ୍କ ଏତଲା ଆଧାରରେ ମଧୁପାଟଣା ଥାନା ପୋଲିସ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ରକୁ ଗିରଫ କରିଛି ।

# ଅଟୋକୁ ଧକ୍କା ଦେଲା ଟ୍ରକ : ୭ମୃତ

**ନୂଆଦିଲ୍ଲୀ**

ମଧ୍ୟପ୍ରଦେଶର ଦମୋହ ତମନ୍ନା ତିରାହେ ନିକଟରେ ଏକ ଭୟଙ୍କର ସଡକ ଦୁର୍ଘଟଣା ଘଟିଛି । ଏଠାରେ ଏକ ଟ୍ରକ୍ ଏକ ଯାତ୍ରୀବାହୀ ଅଟୋକୁ ଧକ୍କା ଦେଇଛି। ଏହି ଦୁର୍ଘଟଣାରେ ୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଆହତ ହୋଇଥିବା ସୂଚନା ମିଳିଛି । ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ମୃତକ ମାନଙ୍କ ପରିଚୟ ଅସ୍ପଷ୍ଟ ରହିଛି । ଦାମୋହର ପୋଲିସ ଅଧୀକ୍ଷକ ଶର୍ତ କୀର୍ତ୍ତୀ ସୋମବଂଶୀ କହିଛନ୍ତି ଯେ, ଏହି ଘଟଣାରେ ୭ ଜଣଙ୍କର ମୃତ୍ୟୁ ହୋଇଛି ଏବଂ କିଛି ଲୋକ ଆହତ ହୋଇଛନ୍ତି। ଆହତ ମାନଙ୍କ ପରିଚୟ ଅସ୍ପଷ୍ଟ ରହିଛି, ପୋଲିସ୍ ଏହାର ଅନୁସନ୍ଧାନ କରୁଛି। ଆହତଙ୍କ ବ୍ୟତୀତ ଯେଉଁମାନେ ମୃତ୍ୟୁବରଣ କରିଛନ୍ତି ତାହା ମଧ ନିଶ୍ଚିତ ହୋଇନାହିଁ । ଅଟୋ ଡ୍ରାଇଭରଙ୍କୁ ମଧ ଆହତ ଅବସ୍ଥାରେ ଚିକିତ୍ସା ପାଇଁ ପଠାଯାଇଛି । ଘଟଣାଟି କିପରି ଘଟିଲା ଏବଂ ଏହାର କାରଣ କ'ଣ ଅନୁସନ୍ଧାନ କରାଯାଉଛି । ବରିଷ୍ଠ ଅଧିକାରୀ ମାନେ ଘଟଣାସ୍ଥଳରେ ପହଞ୍ଚିଛନ୍ତି ଏବଂ ଜେସିବି ସହାୟତାରେ ଉଦ୍ଧାର କାର୍ଯ୍ୟ କରାଯାଉଛି ।

# ଦାଦନ ନଯାଇ ନିଜ ଅଞ୍ଚଳରେ କାମ କରିବାକୁ ଶ୍ରମିକମାନଙ୍କୁ ନିବେଦନ

**ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ବ୍ଲକ ବୈଠକ ଗୃହ ଠାରେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ଜନଶୁଣାଣି ଶନିବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ନୋଡାଲ ଅଧିକାରୀ ତଥା ଏପିଡ଼ି (ଫାଇନାନ୍ସ) ମାନସରଞ୍ଜନ ମହାନ୍ତି ଯୋଗଦେଇ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଅଭିଯୋଗ କରି ଶୁଣାଣି ହୋଇଥାଏ। ଜନଶୁଣାଣି ଏମିତି ହେଉ ଆମ ବିରୋଧରେ କିଛି ଅଭିଯୋଗ ନଆସୁ । ନିୟମିତ ଭାବେ ଶ୍ରମିକଙ୍କ ଶ୍ରମର ପ୍ରାପ୍ୟ ଅନ୍ୟ ଆକାଉଣ୍ଟକୁ ଚାଲିଯାଉଛି ତାହା ହେଲେ ଏହା ଏକ ସାଂଘାତିକ । ଚାକିରି ଯିବାର ସମ୍ଭାବନା ରହିଛି । ଏନେଇ ପିଇଓ ମାନେ ସତର୍କତାର ସହିତ ଏହିଭଳି ଅଭିଯୋଗକୁ ଦେଖନ୍ତୁ ବୋଲି କହିଥିଲେ । ଜିଲ୍ଲା ସାମାଜିକ ସମୀକ୍ଷକ ବୈଭବ ଚରଣ ଚାଲାଣ ନବରଙ୍ଗପୁର ବ୍ଲକର ୧୩ ଗୋଟି ପଞ୍ଚାୟତର ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା, ଜମି ମରାମତି ଓ ଅନ୍ୟାନ୍ୟ ପ୍ରକଳ୍ପ ଗୁଡିକ କ୍ୟାସ୍‌ବୁକ୍, ମଷ୍ଟର ରୋଲ୍ ପରିଚାଳନା ସମ୍ପର୍କରେ ଆଲୋକପାତ କରିଥିଲେ । ପଞ୍ଚାୟତ, ବ୍ଲକ ଓ ଜିଲ୍ଲା ସ୍ତରରେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତ ଯୋଜନାର ସମୀକ୍ଷା ହେଉଛି । ତେବେ ପଞ୍ଚାୟତ ଗୁଡିକରେ ସମୀକ୍ଷା ସମୟରେ କେତେକ ଫାଇଲ୍ ଦେଉନଥିବାରୁ ସମସ୍ୟା ଦେଖାଦେଉଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୯୫ ଶ୍ରମ ଦିବସର ଟଙ୍କା ଶ୍ରମିକମାନେ ପାଇନଥିବା ନେଇ ଅଭିଯୋଗ ଆସିଥିଲା । ବିଡ଼ିଓ ସୁନୀଲ ଖରା ଏହିପ୍ରତି ଗୁରୁତ୍ୱ ଦେବାକୁ କହିଥିଲେ । ଅନେକ ଏମ୍‌ଜିଏନଆରଇଜିଏସ ଯୋଜନାର ଗ୍ରାମସଭା, ପଲ୍ଲିସଭା ଓ କ୍ୟାସ୍ ରେକର୍ଡ, ମଷ୍ଟର ରୋଲ୍ ଫାଇଲ୍‌ରେ ନଥିବା ମଧ ଅଭିଯୋଗ ଆସିଥିଲା। ସେଗୁଡିକ ପ୍ରତି ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଥିଲା । ସମୀକ୍ଷ ସମୟରେ କେତେକ ପଞ୍ଚାୟତରେ ଅନିୟମିତତା ଉପରେ ଆଲୋଚନା ହୋଇଥିଲା । ମନୋରମା ମାଝୀ ଜବ୍‌କାର୍ଡ ଥିବା ଶ୍ରମିକ ମାନେ କାମ ପାଇଁ ଦାବି କରିବାକୁ ପରାମର୍ଶ ଦେଇଥିଲେ । ସଦାଶିବ ପ୍ରହରାଜ୍ ଖର୍ଚ୍ଚ ବିବରଣୀ ଫଳକ କାର୍ଯ୍ୟ ଆରମ୍ଭ ପୂର୍ବରୁ ଲଗାଇବା । ଶ୍ରମିକମାନେ ଦାଦନ ନଯାଇ ନିଜ ଅଞ୍ଚଳରେ କାମ ପାଇଁ ଆବେଦନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ୨୦୨୩-୨୪ ଏମ୍‌ଜିଏନ୍‌ଆର୍‌ଜିଏସ୍ ୩ ୭୨୯ଟି ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ବେଳେ ସେଥିମଧ୍ୟରୁ ୭୦୫ଟି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ବଳକା ୩ ହଜାର ୨୪ଟି ପ୍ରକଳ୍ପ ଚାଲୁ ରହିଛି । ଏହି କର୍ଯ୍ୟ ପାଇଁ ୧୩ ହଜାର ୬୨୨ଟି ସକ୍ରିୟ ରହିଛି । ମୋଟ ୮୪୦୩ ଜବ୍‌କାର୍ଡ଼ ପରିବାର କାର୍ଯ୍ୟ ପାଇଁ ଆବେଦନ କରିଛନ୍ତି । ବର୍ତ୍ତମାନ ସୁଧା ୯ ଶହ ୭୭.୯୮ ଲକ୍ଷ ଟଙ୍କା ବ୍ୟୟ ହୋଇଛି । ୩୨୯ଟି ପରିବାର ୧୦୦ ଦିନର କାମ ପାଇଛନ୍ତି । ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ଶ୍ରମିକ, ପିଇଓ, ଜିଆରଏସ୍ ସାମାଜିକ ସମୀକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଇଆଇଏମ୍ ସମ୍ବଲପୁରରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ପଦ୍ଧତିକୁ ବଦଳାଇବ ଏଆଇ:ପ୍ରଫେସର ମହାଦେବ ଜୟସ୍ୱାଲ୍

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ଦେଶର ଅନ୍ୟତମ ପ୍ରମୁଖ ମ୍ୟାନେଜମେଣ୍ଟ ଅନୁଷ୍ଠାନ ଆଇଆଇଏମ୍ ସମ୍ବଲପୁରରେ ଏଆଇକୁ ବ୍ୟାପକ ଭାବେ ପ୍ରଚଳନ କରିବାକୁ ଘୋଷଣା କରାଯାଇଛି ଯାହା ଶ୍ରେଣୀଗୃହରେ ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଶୈଳୀରେ ପରିବର୍ତ୍ତନ ଆଣିବ । ଶିକ୍ଷକଙ୍କ ଭୂମିକାକୁ ଏହା ଶିକ୍ଷାଦାନରୁ ସୃଷ୍ଟି ଓ ଶିକ୍ଷଣରେ ପରିବର୍ତ୍ତନ କରିବ । ଆଇଆଇଏମ୍ ସମ୍ବଲପୁର ଏହାର ଦଶମ ପ୍ରତିଷ୍ଠା ଦିବସ ପାଳନ କରି ଏକ ଦଶନ୍ଧିର ଉତ୍କର୍ଷତା ଏବଂ ପରିବର୍ତ୍ତନମୂଳକ ଉପଲବ୍ଧିକୁ ପାଳନ କରୁଛି ତାହା ଅଭିନବତା, ସାମଗ୍ରିକତା ଏବଂ ଅଖଣ୍ଡତା ପ୍ରତି ଏହାର ପ୍ରତିବଦ୍ଧତାକୁ ଦର୍ଶାଉଛି । ଏହାର ପ୍ରତିଷ୍ଠା ପରଠାରୁ ଜାତୀୟ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ କାର୍ଯ୍ୟଭିତ୍ତିକ ଗବେଷଣା, ମୂଲ୍ୟ-ପରିଚାଳିତ ପରାମର୍ଶ ଏବଂ ଅନୁଭୂତିମୂଳକ ଶିକ୍ଷଣ ଶିକ୍ଷାଦାନ ମାଧ୍ୟମରେ ମ୍ୟାନେଜମେଣ୍ଟ ଶିକ୍ଷା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି ଏବଂ ଲିଙ୍ଗଗତ ବିବିଧତା, ନିଯୁକ୍ତି, ସାଂସ୍କୃତିକ ବିକାଶ, ସ୍ଥାୟିତ୍ୱ ପଦକ୍ଷେପ ଏବଂ ବୈଷୟିକ ଉନ୍ନତିରେ ନୂତନ ମାନଦଣ୍ଡରେ ଅଗ୍ରଣୀ ହୋଇ ବ୍ୟବସାୟ ଶିକ୍ଷାରେ ଦ୍ରୁତ ଗତିରେ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ଉଭା ହେଉଛି ଏହି ଅବସରରେ ଏମ୍‌ସିଏଲ୍‌ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ କାଓଲେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଡ. ଅନୁରାଗ ବାତ୍ରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ନେକ୍ସସ ପାୱାରର ସହ ପ୍ରତିଷ୍ଠାତା ତଥା ସିଇଓ ନିଶିତା ବଳିଆରସିଂହ ଓ ଆଇବିଏମ୍‌ର ଆସୋସିଏଟ୍ ପାର୍ଟନର ଅନିନ୍ଦ୍ୟା ଘୋଷ ଯୋଗ ଦେଇଥିଲେ । ଆଇଆଇଏମ୍ ସମ୍ବଲପୁରର ଦଶମ ପ୍ରତିଷ୍ଠା ଦିବସ ପ୍ରତିଷ୍ଠା ଦିବସ ପାଳନ ସମାରୋହକୁ ସ୍ୱାଗତ ଭାଷଣ ଜରିଆରେ ସମ୍ବୋଧନ କରି ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ କହିଛନ୍ତି ଯେ, ଏହି ବିଶ୍ୱସ୍ତରୀୟ ଅନୁଷ୍ଠାନ ଗଠନରେ ଯୋଗଦାନ କରିଥିବା ସମସ୍ତଙ୍କୁ ମୁଁ କୃତଜ୍ଞତା ଜଣାଉଛି । ମୁଁ ଅନୁଷ୍ଠାନର କିଛି ଅନନ୍ୟ ଆକର୍ଷଣ ଉପରେ ଆଲୋକପାତ କରିବାକୁ ଚାହୁଁଛି । ୨୦୧୫ରେ ମାତ୍ର ୪୯ ଜଣ ଏମ୍‌ବିଏ ଛାତ୍ରଙ୍କୁ ନେଇ ଆରମ୍ଭ ହୋଇଥିବା ଆଇଆଇଏମ୍ ସମ୍ବଲପୁର ଆଜି ଏକ ଗର୍ବିତ ଅନୁଷ୍ଠାନ । ଯେଉଁଥିରେ ୩୨୦ ଜଣ ଏମ୍‌ବିଏ ଛାତ୍ରଛାତ୍ରୀ ରହିଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ୭୫% ହେଉଛନ୍ତି ଛାତ୍ରୀ । ଆମେ ଆମର ଇନ୍‌କ୍ୟୁବେସନ୍ ସେଣ୍ଟର ଅଧୀନରେ ୬୦ରୁ ଅଧିକ ଷ୍ଟାର୍ଟଅପ୍‌ର ବିଶ୍ୱସ୍ତରୀୟ ଭିତ୍ତିଭୂମି ଏବଂ ପ୍ରକ୍ରିୟା ସୃଷ୍ଟି କରିଛୁ ଏବଂ ଅନ୍ତର୍ଜାତୀୟ ସହଯୋଗକୁ ପ୍ରୋତ୍ସାହିତ କରିଛୁ ଏକ ପରିବର୍ତ୍ତନଶୀଳନ ଅନୁଭୂତି ପାଇଁ ଆମେ ଶ୍ରେଣୀଗୃହରେ ଏଆଇ ଉପଯୋଗ ଆରମ୍ଭ କରିଥିବା ବିଷୟରେ ସେ ଘୋଷଣା କରିଛନ୍ତି । ସେ ଭାରତର ଲକ୍ଷ୍ୟକୁ ଆଗକୁ ବଢ଼ାଇବା ପାଇଁ ଫେବୃୟାରୀରେ ମହିଳା ସଶକ୍ତିକରଣ ଶିଖର ସମ୍ମିଳନୀ ଆୟୋଜନ କରିବାର ଯୋଜନା ବିଷୟରେ ମଧ କହିଥିଲେ । ମ୍ୟାନେଜମେଣ୍ଟ ଶିକ୍ଷାକ୍ଷେତ୍ରରେ ଆଇଆଇଏମ୍ ସମ୍ବଲପୁର ବିଶ୍ୱ ସ୍ତରରେ ଅଗ୍ରଣୀ ଭାବେ ଉଭା ହୋଇଛି । ଚଳିତ ବର୍ଷ ଆଇଆଇଏମ୍ ସମ୍ବଲପୁରରେ ତିନୋଟି ସେଣ୍ଟର ଅଫ୍ ଏକ୍ସଲେନ୍ସ ରହିବ ଯାହା ଏକ ବିବିଧ ଏମ୍‌ବିଏ ପ୍ରୋଗ୍ରାମ



ତଥା ଅନ୍ତର୍ଜାତୀୟ ମାନ୍ୟତା ଏବଂ ଚଳିତ ବର୍ଷ କ୍ୟାମ୍ପସ୍‌ର ସମ୍ପ୍ରସାରଣ ଦିଗରେ ଏନ୍‌ଇପିର କେନ୍ଦ୍ରୀଭୂତ ପ୍ରୟାସ ସହିତ ସମନ୍ୱିତ ରହିଛି ବୋଲି ସେ କହିଛନ୍ତି । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଏମ୍‌ସିଏଲ୍‌ର ସିଏମ୍‌ଡି ଉଦୟ କାଓଲେ କହିଛନ୍ତି ଯେ, ଆଇଆଇଏମ୍ ସମ୍ବଲପୁର ହେଉଛି ସବୁଠାରୁ ଜୀବନ୍ତ ଓ ସବୁଠାରୁ ଚର୍ଚ୍ଚିତ ଆଇଆଇଏମ୍ ଆଇଆଇଏମ୍ ସମ୍ବଲପୁର ସହ ଛାତ୍ରଛାତ୍ରୀମାନେ ଭଲ ହାତରେ ଅଛନ୍ତି । ଆଇଆଇଏମ୍ ସମ୍ବଲପୁର ଏପର୍ଯ୍ୟନ୍ତ ଯାହା କିଛି କରିଛି ସେଥିପାଇଁ ମୁଁ ସେମାନଙ୍କୁ ଅଭିନନ୍ଦନ ଜଣାଉଛି । ଏହି ଅନୁଷ୍ଠାନକୁ ଅଦମ୍ୟ କରିବା ଦିଗରେ ମୁଁ ଡକ୍ଟର ଜୟସ୍ୱାଲଙ୍କୁ ଅଭିନନ୍ଦନ ଜଣାଉଛି । ଏହି ଅଭିଭାଷଣ ମାଧ୍ୟମରେ ମୁଁ ଆଇଆଇଏମ୍ ସମ୍ବଲପୁରର ମହାନ ପ୍ରତିଭାମାନଙ୍କୁ ଦେଶର ସର୍ବବୃହତ କୋଇଲା ଉତ୍ପାଦନକାରୀ ଏମ୍‌ସିଏଲ୍‌ରେ ବ୍ୟବସାୟର ଦିଗ ଦେବାପାଇଁ ଉପଲବ୍ଧ କରାଇଛି । ନେକ୍ସସ ପାୱାରର ସହ ପ୍ରତିଷ୍ଠାତା ତଥା ସିଇଓ ନିଶିତା ବଳିଆରସିଂହ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପ୍ରୟାସର ନିରନ୍ତରତା ଏବଂ ନିଜ ପ୍ରତି ସଚ୍ଚୋଟ ରହିବା ବିଷୟରେ କହିଥିଲେ । ଆଇବିଏମ୍‌ର ଆସୋସିଏଟ୍ ପାର୍ଟନର ଅନିନ୍ଦ୍ୟା ଘୋଷ ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଜର ଶତ ପ୍ରତିଶତ ପ୍ରୟାସ, ଆପଣ ଯାହା କରୁଛନ୍ତି ତାହାକୁ ଭଲ ପାଇବା, ପ୍ରାରମ୍ଭିକ ପର୍ଯ୍ୟାୟରେ ଆର୍ଥିକ ଯୋଜନା ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ଡ. ଅନୁରାଗ ବାତ୍ରା ଅନ୍ୟମାନଙ୍କୁ ସାହାଯ୍ୟ କରିବା, ସ୍ଥାୟୀତା ଦିଗରେ କାର୍ଯ୍ୟ କରିବା ଏବଂ ଆଶାବାଦୀ ହେବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଆଇଡିଇ ବୁଟକ୍ୟାମ୍ପର ଦ୍ୱିତୀୟ ପର୍ଯ୍ୟାୟ ପ୍ରଥମ ସଂସ୍କରଣର ଉଦ୍‌ଘାଟନ ପ୍ରତିଷ୍ଠା ଦିବସ ପାଳନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପରିକଳ୍ପିତ ଇନୋଭେସନ୍, ଡିଜାଇନ୍ ଏବଂ ଉଦ୍ୟୋଗ (ଆଇଡିଇ) ବୁଟ୍‌କ୍ୟାମ୍ପ (ଦ୍ୱିତୀୟ ସଂସ୍କରଣ - ପ୍ରଥମ ପର୍ଯ୍ୟାୟ)ର ଶୁଭାରମ୍ଭ କରାଯାଇଛି । ଶିକ୍ଷା ମନ୍ତ୍ରଣାଳୟ, ଏଆଇସିଟିଇ ଏବଂ ଶିକ୍ଷା ମନ୍ତ୍ରଣାଳୟର ଇନୋଭେସନ୍ ସେଲ୍ (ଏମ୍‌ଆଇସି)ର ନେତୃତ୍ୱରେ ୨୦୨୪ ସେପ୍ଟେମ୍ବର ୨୩ରୁ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପଦକ୍ଷେପର ଉଦ୍ଦେଶ୍ୟ ସମଗ୍ର ଭାରତରେ ଛାତ୍ରଛାତ୍ରୀ ଉଦ୍ଭାବକମାନଙ୍କ ମଧ୍ୟରେ ଉଦ୍ଭାବନ, ଡିଜାଇନ୍ ଏବଂ ଉଦ୍ୟୋଗୀ ଦକ୍ଷତାକୁ ପ୍ରୋତ୍ସାହିତ କରିବା ସମଗ୍ର ଦେଶର ୯ଟି ପ୍ରତିଷ୍ଠିତ ଅନୁଷ୍ଠାନରେ ଏକାସାଙ୍ଗରେ ବୁଟ୍ କ୍ୟାମ୍ପ ଆୟୋଜନ କରାଯାଇଛି । ଏହି ବୁଟ୍ କ୍ୟାମ୍ପରେ ଦେଶର ଉଚ୍ଚ ଶିକ୍ଷାନୁଷ୍ଠାନର ୩୦୦୦ରୁ ଅଧିକ ଛାତ୍ର ଉଦ୍ଭାବକ ଓ ଇନୋଭେସନ୍ ଆମ୍ବାସାଡର ନିୟୋଜିତ ଅଛନ୍ତି । ଆଇଆଇଏମ୍ ସମ୍ବଲପୁର ଆଇଡିଇ ବୁଟ୍‌କ୍ୟାମ୍ପକୁ ନବସୃଜନ, ଉଦ୍ୟୋଗ ଏବଂ ଅନୁଭୂତିମୂଳକ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦେଇ ସକ୍ରିୟ ଭାବରେ ସମର୍ଥନ କରୁଛି । ଯାହା ଏହି ପଦକ୍ଷେପର ମୂଳ ଲକ୍ଷ୍ୟ ସହିତ ସମନ୍ୱିତ ରହିଛି । କାର୍ଯ୍ୟଭିତ୍ତିକ ଗବେଷଣା ଏବଂ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ ଏକ ଅଗ୍ରଣୀ ମ୍ୟାନେଜମେଣ୍ଟ ଅନୁଷ୍ଠାନ ଭାବରେ ଆଇଆଇଏମ୍ ସମ୍ବଲପୁର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଦ୍ୟୋଗୀ ମାନସିକତା ଏବଂ ସୃଜନଶୀଳ ସମସ୍ୟା ସମାଧାନ ଦକ୍ଷତାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ମଜ୍‌ବୁତ୍ ପ୍ଲାଟ୍‌ଫର୍ମ ପ୍ରଦାନ କରୁଛି । ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ମହାଦେବ ଜୟସ୍ୱାଲ କହିଛନ୍ତି, ଏହି ବୁଟ୍ କ୍ୟାମ୍ପ୍‌ର ଶୁଭାରମ୍ଭ ସହିତ ଭାରତ ନିଜର ଯୁବପିଢ଼ିଙ୍କ ଉଦ୍ୟୋଗୀ ମନୋଭାବକୁ ପ୍ରୋତ୍ସାହିତ କରିବା ଏବଂ ଏହାର ଉଦ୍ଭାବନ ଇକୋସିଷ୍ଟମ୍‌କୁ ସୁଦୃଢ଼ କରିବା ଦିଗରେ ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛି । ଏହି କାର୍ଯ୍ୟକ୍ରମରେ ଉଦ୍ଭାବକ ଏବଂ ଷ୍ଟାର୍ଟଅପ୍ ଦ୍ୱାରା ଏକ ପ୍ରଦର୍ଶନୀ ମଧ ପ୍ରଦର୍ଶିତ ହୋଇଥିଲା ଯେଉଁଥିରେ ୭୦ରୁ ଅଧିକ ଷ୍ଟାର୍ଟଅପ୍ ସେମାନଙ୍କର ଅନନ୍ୟ ଉତ୍ପାଦ ପ୍ରଦର୍ଶନ କରିଥିଲେ । ବୈଷୟିକ ଉତ୍ପାଦ, କୃଷି ଉତ୍ପାଦ ଏବଂ ସ୍ୱାସ୍ଥ୍ୟସେବା ଉତ୍ପାଦ ଇତ୍ୟାଦି ସମେତ ବିଭିନ୍ନ ପ୍ରକାରର ଉତ୍ପାଦ ଥିଲା । ଏହି ପ୍ରଦର୍ଶନୀରେ ଦେଶର ବିଭିନ୍ନ ସ୍ଥାନରୁ ଷ୍ଟାର୍ଟଅପ୍ ଅଂଶଗ୍ରହଣ କରିଛନ୍ତି ।





## କେନାଲକୁ ଖସିଲା ଚଳନ୍ତା କାର୍:ଯୁବକ ମୃତ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ସଦର ଥାନା ଅନ୍ତର୍ଗତ ବର୍ମ୍ମକୁଦ ଅଞ୍ଚଳରେ କେନାଲ୍‌କୁ ଏକ ଚଳନ୍ତା କାର୍ ଖସି ଚାଳକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ବର୍ମ୍ମକୁଦ ଗାଁର କାହ୍ନା ଜେନା ସେ ରାତିଠାରୁ ଘରକୁ ଫେରିନଥିଲେ, ମଙ୍ଗଳବାର ରାସ୍ତାକଡ କେନାଲ୍‌ରେ ଏକ କାର୍ ପଶି ବୁଡି ରହିଥିବା ସ୍ଥାନୀୟ ଲୋକେ ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଏହାପରେ କାର୍ କେନାଲରୁ ଉଦ୍ଧାର ସମୟରେ କାର୍ ଚାଳକ ସିଟ୍‌ରେ ବସିଥିବା ଅବସ୍ଥାରେ ତାଙ୍କ ମୃତଦେହ ମିଳିଛି । ବିଳମ୍ବିତ ରାତିରେ କାର୍ ଚଳାଇ ଘରକୁ ଫେରିବା ବାଟରେ ଭାରସାମ୍ୟ ହରାଇ ରାସ୍ତାକଡ଼ କେନାଲ୍‌କୁ ଖସିପଡିଥିବା ଅନୁମାନ କରାଯାଉଛି । ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି ।

## ଜନନୀ ଯନ୍ତ୍ରଣା:ପାଞ୍ଚ କିମି ଭାରରେ ବୁହାହେଲେ ଗର୍ଭବତୀ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ବ୍ଲକରେ ଜନନୀ ଯନ୍ତ୍ରଣା ଥମିବାର ନାଁ ନେଉନି । ଗାଁକୁ ପକ୍କା ରାସ୍ତା ନଥିବାରୁ ପ୍ରସବ ବେଦନାରେ ଛଟପଟ ହେଉଥିବା ଜଣେ ମହିଳାଙ୍କୁ ୫ କିମି ଭାରରେ ବୋହିବା ପରେ ଆମ୍ବୁଲାନ୍ସ ଯୋଗେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ବୋଦାପୁଟ ପଞ୍ଚାୟତର ତେନ୍ତୁଳି ପଡ଼ା ଗ୍ରାମରେ । ସୂଚନା ଅନୁଯାୟୀ, ତେନ୍ତୁଳିପଡ଼ା ଗ୍ରାମର ହରି ପୂଜାରୀଙ୍କ ପତ୍ନୀ ଡାଲି ପୂଜାରୀ ସକାଳ ୬ଟାରେ ପ୍ରସବ ବେଦନା ଅନୁଭବ କରିଥିଲେ । ତେଣୁ ଡାଲିଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନେବା ନିମନ୍ତେ ହରି ପୂଜାରୀ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ । ଖବର ପାଇବା ମାତ୍ରେ ଆମ୍ବୁଲାନ୍ସ ତେନ୍ତୁଳିପଡ଼ା ଅଭିମୁଖେ ବାହାରିଥିଲା । କିନ୍ତୁ ତେନ୍ତୁଳିପଡ଼ା ଗାଁ ପାହାଡ଼ ଉପରେ ଥିବା ବେଳେ ରାସ୍ତା ଖରାପ ଥିବାରୁ ଆମ୍ବୁଲାନ୍ସ ପହଞ୍ଚି ପାରିଲାନି । ତଥାପି ଆମ୍ବୁଲାନ୍ସ ଡ୍ରାଇଭର ତେନ୍ତୁଳିପଡ଼ାରେ ପହଞ୍ଚିବା ପାଇଁ ୩ଟି ରାସ୍ତା ଦେଇ ଯିବାକୁ ଉଦ୍ୟମ କରିଥିଲେ ହେଁ ବିଫଳ ହୋଇଥିଲେ । ରାସ୍ତା ନଥିବାରୁ ବାଧ୍ୟ ହୋଇ ତେନ୍ତୁଳିପଡ଼ା ଠାରୁ ୫ କିମି ଦୂରରେ ଆମ୍ବୁଲାନ୍ସ ଅଟକି ଯାଇଥିଲା । ଖବରପାଇ ଗ୍ରାମବାସୀ ଡାଲିଙ୍କୁ କାଉଡ଼ିରେ ବୋହି ପାହାଡ଼ିଆ ରାସ୍ତା ପାର ହୋଇ ୫ କିମି ଦୂରରେ ଥିବା ଆମ୍ବୁଲାନ୍ସ ନିକଟରେ ପହଞ୍ଚିଥିଲେ । ବୈପାରିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ ଡାଲି ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ । ବର୍ତ୍ତମାନ ମା' ଏବଂ ନବଜାତ ଶିଶୁ ସୁସ୍ଥ ଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ ତେନ୍ତୁଳିପଡ଼ା ଗାଁକୁ ପକ୍କା ରାସ୍ତା ନଥିବାରୁ ଜରୁରୀ ସମୟରେ ଲୋକେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତେଣୁ ଗାଁକୁ ତୁରନ୍ତ ରାସ୍ତା ନିର୍ମାଣ କରିବା ପାଇଁ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

### ନୂଆ ସରକାର ଗଠନର ଶହେ ଦିନ ଅବସରରେ କେନ୍ଦୁଝରରେ ଜିଲ୍ଲାସ୍ତରୀୟ ଉତ୍ସବ

# ଲୋକଙ୍କ ମୁହଁରେ ନୁହେଁ, ହୃଦୟରେ ହସ ଫୁଟାଇବାକୁ ସରକାର ପ୍ରତିଶ୍ରୁତିବଦ୍ଧ:ମୁଖ୍ୟମନ୍ତ୍ରୀ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଆମ ସରକାର ଲୋକଙ୍କ ମୁହଁରେ ନୁହେଁ, ହୃଦୟରେ ହସ ଫୁଟାଇବାକୁ ଚେଷ୍ଟା ଜାରି ରଖିଛନ୍ତି । ନିର୍ବାଚନ ପୂର୍ବରୁ ଆମେ ଲୋକଙ୍କୁ କିଛି ପ୍ରତିଶ୍ରୁତି ଦେଇଥିଲୁ । ଆମର ସଂକଳ୍ପପତ୍ର ଘୋଷଣା କରିଥିଲୁ । ଏହା ଲୋକଙ୍କ ପ୍ରତି ଆମ ଦାୟିତ୍ୱବୋଧର ପ୍ରତିଫଳନ ଥିଲା । ଆମ ପାଇଁ ଆମ ସଂକଳ୍ପପତ୍ର ଆମ ଧର୍ମଗ୍ରନ୍ଥ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ମୋହନ ସରକାରଙ୍କ ୧୦୦ ଦିନ ପୂର୍ତ୍ତି ଅବସରରେ କହିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କର ତିନିଦିନିଆ କେନ୍ଦୁଝର ଗସ୍ତର ଶେଷ ଦିନରେ ସରକାରଙ୍କ ଶହେ ଦିନ ପୂର୍ତ୍ତି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି ଯେ ଗଣତନ୍ତ୍ରରେ ସରକାର ପ୍ରଜାଙ୍କର ଓ ପ୍ରଜାଙ୍କ ପାଇଁ ଲୋକମତ, ଲୋକହିତ ଓ ଲୋକସ୍ୱାର୍ଥ ହିଁ ସର୍ବୋପରି । ଆମ ସରକାର ଲୋକଙ୍କ ସମର୍ଥନରେ ଗଢ଼ା ହୋଇଥିବା ଲୋକଙ୍କ ସରକାର । ସେ ଆହୁରି କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରୀମଣ୍ଡଳର ସମସ୍ତ ସଦସ୍ୟ ସିଧାସଳଖ ଭାବରେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଓ ସମସ୍ୟାର ପ୍ରତି ବିଧାନ ପାଇଁ ପ୍ରୟାସ କରୁଛନ୍ତି । ଏହାକୁ ଦୃଷ୍ଟିରେ ରଖି କେନ୍ଦୁଝରଠାରେ ରାଜ୍ୟର ପ୍ରଥମ ଅଭିଯୋଗ ପ୍ରକୋଷ୍ଠ କ୍ୟାମ୍ପ ଖୋଲାଯାଇଛି । ଏହା ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ କରିବାରେ ନିଶ୍ଚିତ ରୂପେ ସହାୟକ ହେବ ବୋଲି ସେ କହିଥିଲେ । କେନ୍ଦୁଝରର ବିକାଶ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେନ୍ଦୁଝରରେ ପ୍ରାଚୁର୍ଯ୍ୟତା ମଧ୍ୟରେ ଦାରିଦ୍ର୍ୟତା ରହିଛି । ଦାରିଦ୍ର୍ୟତା ଓ କୁପୋଷଣକୁ ଦୂର କରିବା ପାଇଁ ଆମ ସରକାର ଦୂରଦୃଷ୍ଟି ସମ୍ପନ୍ନ କାର୍ଯ୍ୟକ୍ରମମାନ ହାତକୁ ନେଉଛନ୍ତି । କେନ୍ଦୁଝର ଜିଲ୍ଲାରେ ଗମନାଗମନ, ସ୍ୱାସ୍ଥ୍ୟ, ଭିତ୍ତିଭୂମି, ରେଳ





ବିକାଶ ସମେତ ସମସ୍ତ ଉନ୍ନତିମୂଳକ କାର୍ଯ୍ୟକ୍ରମ ସରକାର ହାତକୁ ନେଇଛନ୍ତି । ଚଳିତ ବର୍ଷ ଧରଣୀଧର ମେଡ଼ିକାଲ କଲେଜରେ ଟ୍ରମା କେୟାର କେନ୍ଦ୍ର ନିଶ୍ଚିତ ଭାବେ ଖୋଲାଯିବ । କେନ୍ଦୁଝରର ବିକାଶ ପାଇଁ ୯୦୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । କେନ୍ଦୁଝରବାସୀଙ୍କ ଆନ୍ତରିକ ସହଯୋଗରେ ଏହି ବିକାଶ ଧାରା ସଫଳ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଥିଲେ । ଦୀର୍ଘ ୪୦ ବର୍ଷ ଧରି ଅସମ୍ପୂର୍ଣ୍ଣ ଥିବା କାନୁପୁର ଜଳସେଚନ ପ୍ରକଳ୍ପ କାର୍ଯ୍ୟକୁ ଆମ ସରକାର ପ୍ରାଥମିକତା ଦେଇ କାର୍ଯ୍ୟ ତ୍ୱରାନ୍ୱିତ କରିଛନ୍ତି । ଆସନ୍ତା ଜୁନ୍ ମାସ ସୁଦ୍ଧା ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ଏବଂ ସ୍ଥାନୀୟ ବାସିନ୍ଦା ଏବଂ କେନ୍ଦୁଝର ଜିଲ୍ଲାବାସୀଙ୍କ ବହୁଦିନର ଆକାଂକ୍ଷା ପୂରଣ ହେବ । ବଡ଼ବିଲ୍-ପାରାଦୀପ ୮ ଲେନ୍ ବିଶିଷ୍ଟ ରାସ୍ତା ପ୍ରକଳ୍ପ ସାକାର ହେବାକୁ ଯାଉଛି । ଉତ୍ତର ଓଡ଼ିଶା ବିକାଶ ପରିଷଦ ମଧ୍ୟ ଗଠନ କରାଯାଇଛି । ଏହା ସଂପୃକ୍ତ ଜିଲ୍ଲାଗୁଡ଼ିକର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ । ମା' ତାରିଣୀଙ୍କ ମନ୍ଦିରର ସୌନ୍ଦର୍ଯ୍ୟୀକରଣ ପାଇଁ ଆଉ ଅଧିକ ୫୦ କୋଟି ଟଙ୍କା ଯୋଗାଇ ଦିଆଯାଇଛି । ଆଗାମୀ ଦିନରେ ମନ୍ଦିରର ସମ୍ପୂର୍ଣ୍ଣ ସୌନ୍ଦର୍ଯ୍ୟୀକରଣ ପାଇଁ ୨୦୦ କୋଟି ଟଙ୍କା ସରକାର ଖର୍ଚ୍ଚ କରିବେ । କେନ୍ଦୁଝରରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଚାଲିଲା । ଆଗାମୀ ଦିନରେ କେନ୍ଦୁଝରରୁ ନୂଆଦିଲ୍ଲୀ ପର୍ଯ୍ୟନ୍ତ ଟ୍ରେନ୍ ଚାଲିବ । ଆଜି ଆମେ ଯାହା ଚାହୁଁଛୁ କେନ୍ଦ୍ର ସରକାର ଆମକୁ ଯୋଗାଇ ଦେଉଛନ୍ତି । କେନ୍ଦୁଝର ଜିଲ୍ଲାର ପ୍ରାକୃତିକ ସମ୍ପଦ ଓ ଏଠାକାର ମାନବସମ୍ବଳର ଉପଯୁକ୍ତ ବିନିଯୋଗ କରି ଆମେ ସୁନାର କେନ୍ଦୁଝର ଗଢ଼ିବା ପାଇଁ ପ୍ରତିଶ୍ରୁତିବଦ୍ଧ । ଏହି ବିକାଶ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବାକୁ ପଡ଼ିବ ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ଏଥିପାଇଁ କେନ୍ଦୁଝରର ଭାଇ ଭଉଣୀମାନଙ୍କର ନିଷ୍ଠା ଓ ସହଯୋଗ କାମନା କରିଥିଲେ । ରାଜ୍ୟର ବିକାଶ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଶପଥ ପାଠର ଏକ ଘଣ୍ଟା ପରେ କ୍ୟାବିନେଟ୍ ଡକାଇ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ନିଷ୍ପତ୍ତି ନିଆଗଲା । ପରଦିନ ସକାଳୁ ସାଢ଼େ ଚାରିକୋଟି ଓଡ଼ିଆଙ୍କ ଭାବାବେଗକୁ ସମ୍ମାନ ଜଣାଇ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲାଗଲା । ଗତ ୫୨ ବର୍ଷ ମଧ୍ୟରେ ରତ୍ନ ଭଣ୍ଡାର ଖୋଲାଯାଇନଥିଲା ଆମ ସରକାର ଆସିବା ପରେ ଦୁଇମାସ ମଧ୍ୟରେ ଆମେ ଭିତର ରତ୍ନ ଭଣ୍ଡାର ଖୋଲି ଲୋକଙ୍କ ସାମ୍ନାକୁ ଆଣିଲୁ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଏହା ସମ୍ଭବ ହୋଇପାରିଲା । ଓଡ଼ିଆ ଅସ୍ମିତାର ସମ୍ମାନ ଓ ଏହାର ପୁନଃପ୍ରତିଷ୍ଠା ପାଇଁ ସରକାରୀ ସ୍ତରରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ନିଷ୍ପତ୍ତି ନିଆଗଲା । ଓଡ଼ିଆ ଅସ୍ମିତା ପାଇଁ କର୍ପସ୍ ଗଠନ କରି ବଜେଟ୍‌ରେ ୨୦୦ କୋଟି ଟଙ୍କାର ବ୍ୟୟବରାଦ କରାଗଲା । ଶ୍ରୀମନ୍ଦିରର ଉନ୍ନତିକରଣ ପାଇଁ ମଧ୍ୟ ୫୦୦ କୋଟି ଟଙ୍କର କର୍ପସ୍ ପାଣ୍ଠିର ବ୍ୟବସ୍ଥା କରାଯାଇଛି । ନୂଆ ସରକାର ପ୍ରତିଷ୍ଠା ହେବାପରେ ଗଣତନ୍ତ୍ରରେ ଲୋକଙ୍କ ପାଇଁ କାମ କରିବାକୁ ଗୁରୁତ୍ୱ ଦିଆଗଲା ଏବଂ ଆମ ସରକାର ଲୋକଙ୍କ ପାଇଁ ନିରନ୍ତର କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ଆମ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଗରିବ, ମହିଳା, ଚାଷୀ ଓ ଯୁବକଙ୍କ ବିକାଶ ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି । ଏହି ମର୍ମରେ ଆମ ସରକାର ଶହେ ଦିନ ଭିତରେ ଅନେକ ଯୁଗାନ୍ତକାରୀ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଚାଷୀ ଭାଇଭଉଣୀଙ୍କ ଆର୍ଥିକ ଉନ୍ନତିକୁ ଦୃଷ୍ଟିରେ ରଖି କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା କରାଯାଇଛି । ଚାଷୀର ବିକାଶ ଓ ସହାୟତା ପାଇଁ କେନ୍ଦ୍ର ସରକାର ପିଏମ୍ କିଷାନ ସମ୍ମାନ ନିଧି ଯୋଜନା ସହ ରାଜ୍ୟ ସରକାର ସିଏମ୍ କିଷାନ ସମ୍ମାନ ନିଧି ଯୋଜନାରେ ଚାଷୀଙ୍କୁ ସହାୟତା ପ୍ରଦାନର ବ୍ୟବସ୍ଥା କରାଯାଇଛି । ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ରାଜ୍ୟରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଛନ୍ତି । ଶୁଭାରମ୍ଭ ଦିନ ରାଜ୍ୟର ୨୫ ଲକ୍ଷ ମହିଳାଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ସହାୟତା ରାଶି ପ୍ରଦାନ କରାଯାଇଛି । ଏହି ଯୋଜନାରେ ରାଜ୍ୟର ଏକ କୋଟି ମହିଳା ସାମିଲ୍ ହେବେ । ଭାରତବର୍ଷରେ ଏହା ହେବ ସବୁଠାରୁ ବଡ଼ ଯୋଜନା । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆୟୁଷ୍ମାନ୍ ଯୋଜନା ଲାଗୁ କରାଯାଇଛି । ପିଏମ୍ ଜନଆରୋଗ୍ୟ ଯୋଜନାରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସହାୟତା ଦିଆଯିବା ସହ ଆମ ରାଜ୍ୟର ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ମଧ୍ୟ ଲାଗୁ କରାଯାଇଛି । ପ୍ରାଥମିକ ସ୍ତରରେ ପିଲାଙ୍କୁ ଗୁଣାତ୍ମକ ଶିକ୍ଷାଦାନ ଜରିଆରେ ହାଇସ୍କୁଲ୍ ପଠାଇବା ପାଇଁ ଆମ ସରକାର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ କରିଛନ୍ତି । ପ୍ରତି ପଞ୍ଚାୟତରେ ଏହି ସ୍କୁଲ୍ ଖୋଲିବ ଏଗୁଡ଼ିକ ପ୍ରାଥମିକ ସ୍ତରରେ ପିଲାଙ୍କ ଶିକ୍ଷା ମୂଳଦୁଆକୁ ସଶକ୍ତ କରିବ । ଜନଜାତି ବହୁଳ ଅଞ୍ଚଳରେ ଅଧାରୁ ପାଠପଢ଼ା ଛାଡୁଥିବା ପିଲାଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବା ପାଇଁ ମାଧୋସିଂହ ହାତଖର୍ଚ୍ଚ ଯୋଜନା ଆରମ୍ଭ କରାଯାଇଛି ବୋଲି ସେ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମମତା ଦାସ, କନକଲତା ମହାନ୍ତ, ଆଲୁମୁନି ମାରାଣ୍ଡିଙ୍କୁ ସୁଭଦ୍ରା ସହାୟତା, ସୁଭଦ୍ରା ମୁଣ୍ଡା, ରୂପନାରାୟଣ ପାତ୍ର, ରବୀନ୍ଦ୍ରନାଥ ମହାନ୍ତଙ୍କୁ ନିର୍ମାଣ ଶ୍ରମିକ କଲ୍ୟାଣ ସହାୟତା ଏବଂ ରୁକୁଣୀ ମହାନ୍ତ ଓ ସୁଚିତ୍ରା ସାହୁଙ୍କୁ ନିର୍ମାଣ ଶ୍ରମିକ ପରିଚୟପତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ତେଲକୋଇ ବିଧାୟକ ଡ. ଫକୀର ମୋହନ ନାୟକ, କେନ୍ଦୁଝର ପୌରାଧକ୍ଷା ନିକୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ସାହିତ୍ୟ, ସଂସ୍କୃତି ଓ ସଙ୍ଗଠନର ମୁଖ୍ୟ ପୁରୋଧା ଥିଲେ ସାତକଡ଼ି ହୋତା





**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସାତକଡ଼ି ହୋତା ସ୍ମୃତି ସଂସଦ ତରଫରୁ ମାସିକ ଆଲୋଚନାଚକ୍ରରେ ସାତକଡ଼ି ହୋତାଙ୍କୁ ଜଣେ ଯୁଗପୁରୁଷ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଓଡ଼ିଶା ଲେଖକ ସମବାୟ ସମିତି ପରିସରରେ ଅନୁଷ୍ଠିତ ସଭାରେ ସଭାପତି ପୀତବାସ ରାଉତରାୟଙ୍କ ଅଧ୍ୟକ୍ଷତାରେ ସାତକଡ଼ି ହୋତାଙ୍କ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରଚେଷ୍ଟା ସମ୍ପର୍କରେ ସଭାରେ ଉପସ୍ଥିତ ବକ୍ତାଗଣ ଗୁଣଗାନ କରିଥିଲେ । ପିଲାଦିନରୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସେ ଉଚ୍ଚଶିକ୍ଷା ଲାଭ କରି ଉଚ୍ଚ ପଦବୀରେ ଅଧିଷ୍ଠିତ ହୋଇ ମାତୃଭାଷା ଓ ମାତୃଭୂମିର ଉନ୍ନତି ପାଇଁ ସେ ଶେଷ ନିଃଶ୍ୱାସ ଯାଏ ସଂଗ୍ରାମ କରି ଚାଲିଥିଲେ । ଓଡ଼ିଶାରେ ବିଭିନ୍ନ ପ୍ରକଳ୍ପ ଓ ରେଳଲାଇନ୍ ପାଇଁ ବହୁ ପ୍ରଚେଷ୍ଟା କରିଥିଲେ ସାହିତ୍ୟ କ୍ଷେତ୍ରରେ ସେ ସାହିତ୍ୟର ସବୁ ବିଭାଗରେ ଲେଖନୀଚାଳନା କରି ୬୦ରୁ ଉର୍ଦ୍ଧ୍ୱ ପୁସ୍ତକ ରଚନା କରିଥିଲେ । ସଂଗଠନରେ ସେ ଓଡ଼ିଶାର ବହୁ ସାହିତ୍ୟିକ ସଂସ୍ଥାର ମୁଖ୍ୟ ଭାବେ କାର୍ଯ୍ୟ କରି ତାଙ୍କର କାର୍ଯ୍ୟଦକ୍ଷତାର ପରିଚୟ ଦେଇଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଥିବା ସମୟରେ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ପାଇଁ ଉଦ୍ୟମ କରି ସଫଳ ହୋଇଥିଲେ ଓ ସାରଳା ମହାଭାରତର ହିନ୍ଦୀ ସଂସ୍କରଣର ଅନୁବାଦ କରାଇଥିଲେ । ଓଡ଼ିଶାର ପୁସ୍ତକ ମେଳାର ଥିଲେ ସେ ଅଗ୍ରଣୀ ପୁରୁଷ ଦୀର୍ଘ ୩୪ ବର୍ଷ ଧରି ସେ ଲେଖକ ସମବାୟ ସମିତିର ସଭାପତି ଥିଲେ । ତାଙ୍କର ସ୍ମୃତିରେ ତାଙ୍କର ଜନ୍ମତିଥିରେ ଆସନ୍ତା ଅକ୍ଟୋବର ମାସରେ ଲେଖକ ସମବାୟ ସମିତି ତରଫରୁ ସାତକଡ଼ି ହୋତା ବିଶେଷାଙ୍କ ପ୍ରକାଶ ପାଇବା ପାଇଁ ସ୍ଥିର କରାଗଲା । ଏହି ସଭାରେ ପୌରୁଷର ସମ୍ପାଦକ ଅସିତ୍ ମହାନ୍ତି, ଦିଗ୍‌ବଳୟର ସମ୍ପାଦକ ଅଜୟ କେତନ ମହାନ୍ତି, ସାହିତ୍ୟିକା ଡ. ଆରତୀ କର, ମୀନତୀ ଷଡ଼ଙ୍ଗୀ, ଅମୃତାୟନର ସମ୍ପାଦିକା ସୌମ୍ୟା ରଥ, ସାତକଡ଼ି ହୋତାଙ୍କ ଜାମାତା ବୈଜ୍ଞାନିକ ଅଶୋକ ରଥ, ସାହିତ୍ୟିକ ସିଦ୍ଧାର୍ଥ କାନୁନ୍‌ଗୋ, ବିଜୟ କୁମାର ମହାନ୍ତି, ଲୋକନାଥ ଆଚାର୍ଯ୍ୟ, ଲଡୁକିଶୋର ପଡ଼ିଆରୀ ଓ ବିରଜା ପ୍ରସାଦ ଶତପଥୀ ଭାଗ ନେଇ ସାତକଡ଼ି ହୋତାଙ୍କ ସାହିତ୍ୟ ଉପରେ ଆଲୋଚନା କରିଥିଲେ । ସାତକଡ଼ି ହୋତା ସ୍ମୃତି ସଂସଦ ତରଫରୁ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ସହ ସଭାପରିଚାଳନା କରିଥିଲେ ଓ ପୀତାମ୍ବର ରଥ ଧନ୍ୟବାଦ ଜ୍ଞାପନ କରିଥିଲେ । ସଭାରେ ଅମିତାପ୍ରଭା ସ୍ୱାଇଁ, କୈଳାସ ଚନ୍ଦ୍ର ରଥ, ମିହିର କୁମାର ଆଚାର୍ଯ୍ୟ, ମଂଜୁଲତା ଆଚାର୍ଯ୍ୟ, ସୁକାନ୍ତ ପ୍ରଧାନ, ଜିତେନ୍ଦ୍ର କୁମାର କର, ହିଂମାଂଶୁ ଶେଖର ମହାପାତ୍ର ସ୍ମୃତିଚାରଣ କରିଥିଲେ ।

## ସନ୍ଦିଗ୍ଧ ଅବସ୍ଥାରେ ଜଙ୍ଗଲ ମଧ୍ୟରେ ଲାସ୍

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ଲୋକମାନେ ଘରର କୁକୁଡ଼ା ହଜିଗଲେ ତାକୁ ଖୋଜି ବୁଲୁଛନ୍ତି କିନ୍ତୁ ଘରର ଜଣେ ମଣିଷ ହଜିଗଲେ ଲୋକମାନେ ତାହାର ନିଖୋଜ ହେବାର ଅନୁସନ୍ଧାନ ନିମନ୍ତେ ନିକଟସ୍ଥ ଥାନାରେ ସୂଚିତ କରୁନାହାନ୍ତି ବୋଲି ସ୍ଥାନୀୟ ବାସିନ୍ଦାମାନେ ଦୁଃଖ ପ୍ରକାଶ କରିଛନ୍ତି । ସୂଚନା ପ୍ରକାରେ ଏକ ଲୋମ ଟାଙ୍କୁରା ଓ ଦୁଃଖଦପୂର୍ଣ୍ଣ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ବୋବେଇ ପଞ୍ଚାୟତ ଓ ଜଳଙ୍ଗପାରା ପଞ୍ଚାୟତ ଜଙ୍ଗଲ ସନ୍ଧିରେ । ଅକ୍ଷତ ଓ ବିଭତ୍ସ ଅବସ୍ଥାରେ ଅତି ଦୟନୀୟ ଭାବେ ପୋକ ଜୋକ ଖାଉଥିବା ଅବସ୍ଥାରେ ଜଣଙ୍କ ଲାସ୍ ସ୍ଥାନୀୟ ଆଖପାଖ ଗ୍ରାମ ସର୍ଗିପାରା ଓ ରେଙ୍ଗାଡ଼ିହି ଗ୍ରାମର ବାସିନ୍ଦାମାନେ ଦାନ୍ତକାଠି ସଂଗ୍ରହ କରିବାକୁ ଯାଇ ଦେଖିବାକୁ ପାଇଥିଲେ । ଲୋକ ଜଣକ କିଏ କେଉଁଠି ଆସିଲା ତାହା ଚିହ୍ନିତ କରିବା ପାଇଁ କୌଣସି ପ୍ରକାରର ଅବସ୍ଥାରେ ନଥିଲା । ଲାସ୍‌ଟିର ମୁହଁ ଓ ଗୋଡ଼ ବନ୍ଧା ଅବସ୍ଥାରେ ଥିବା ବେଳେ ପୋକ ଜୋକମାନେ ମୁହଁର ଏକ ତୃତୀୟାଂଶ ଖାଇଦେଇଛି । ସ୍ଥାନୀୟ ଲୋକମାନେ ଲାସ୍‌କୁ ଚିହ୍ନିପାରୁନାହାନ୍ତି ଏବଂ ଏହି ଲାସ୍‌ଟି କିପରି ଏଠି ଆସିଲା ତାହା ସମସ୍ତଙ୍କୁ ଅଜଣା । ଏହି ଖବର ରାଇଘର ଥାନାରେ ସ୍ଥାନୀୟ ଲୋକ ସର୍ଗିପାରା ଓ ରେଙ୍ଗାଡ଼ିହି ଗ୍ରାମବାସୀ ସୂଚିତ କଲାପରେ ରାଇଘର ଥାନା ଏସ୍‌ଆଇ ମନୋରଞ୍ଜନ ବେହେରା ସଦଳବଳେ ଘଟଣାସ୍ଥାନରେ ପହଞ୍ଚି ଲାସ୍‌ଟିକୁ ନିଜ ଅକ୍ତିୟାର୍‌ରେ ନେଇ ଅଧିକରୁ ଅଧିକ ଅନୁସନ୍ଧାନ ଓ ଛାନଭିନ୍ ଜାରି ରଖିଛନ୍ତି ।

### ଧାମରା ପୁଲିସର ସଫଳତା

## ୨ ଚୋର ଗିରଫ:୩ ବାଇକ୍ ଜବତ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଏହି ଜିଲ୍ଲାର ଧାମରା ଅଞ୍ଚଳରେ ବାଇକ୍ ଚୋରି ବୃଦ୍ଧି ପାଉଥିବା ବେଳେ ଏହା ଧାମରା ପୋଲିସ ପ୍ରତି ଏକ ଚ୍ୟାଲେଞ୍ଜ ହୋଇପଡିଥିଲା । ଏହି ବାଇକ୍ ଚୋରି ରୋକିବାକୁ ଯାଇ ଧାମରା ପୋଲିସ ୨ଜଣ ବାଇକ୍ ଚୋରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ପ୍ରାପ୍ତ ଖବରରୁ ପ୍ରକାଶ ଗୋଟିଏ ସପ୍ତାହରେ ଧାମରା ଅଞ୍ଚଳରୁ ୩ଟି ବାଇକ୍ ଚୋରି ହୋଇଥିଲା । ଏହି ଚୋରମାନେ ଆସି ବାଇକ୍‌ର ଚାବି ଭାଙ୍ଗି ଚୋରି କରିବା ସହ ସେଗୁଡ଼ିକୁ ନେଇ କବାଡି ଦୋକାନରେ ବିକ୍ରି କରିଥାନ୍ତି । କୌଣସି ସୂତ୍ରରୁ ଖବରପାଇ ଧାମରା ଥାନାଧିକାରୀ ଶୋଭନ କୁମାର ସ୍ୱାଇଁ ଏହି ଚୋରିରେ ସଂପୃକ୍ତ ବାଂଶଡା ଥାନା ଅଧିନସ୍ଥ କୁଦ କାନ୍ଥି ଗ୍ରାମର ସେକ୍ ସାଜନ ଏବଂ ଗଉଡୁଣୀ ପୋଖରୀ ଗ୍ରାମର ଚକ୍ରଧର ରାଉତଙ୍କୁ ଗିରଫ କରିବା ସହ ସେମାନଙ୍କ ପାଖରୁ ୩ଟି ଚୋରି ବାଇକ୍ ଜବତ କରିଥିଲେ । ଏହି ଚୋରିରେ ସଂପୃକ୍ତ ଥିବା ଅନ୍ୟମାନେ ଫେରାର୍ ହୋଇଯାଇଥିବା ବେଳେ ଏହି ଗ୍ୟାଙ୍ଗ ଚାନ୍ଦବାଲି, ଯାଜପୁର ଅଞ୍ଚଳରୁ ବାଇକ୍ ଚୋରି କରି ସମସ୍ତ ପାର୍ଟ ଖୋଲି କୁଦ କାନ୍ଥି ଅଞ୍ଚଳରେ ଥିବା ସମସ୍ତ କବାଡି ଦୋକାନରେ ୪-୫ ହଜାର ଟଙ୍କାରେ ବିକ୍ରି କରିବା ସହ ବାଇକ୍‌କୁ ଖୋଲାଖୋଲି ନକରି ମଧ୍ୟ ନମ୍ବର ପ୍ଲେଟ୍ ବଦଳାଇ ବିକ୍ରି କରିଆସୁଥିଲେ । ୨ ଲୁଟେରାଙ୍କୁ ଧାମରା ଥାନାଧିକାରୀ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟ ଚୋରଙ୍କ ମୋବାଇଲ୍ କଲ୍ ଯାଞ୍ଚ କରିବା ସହ ସେମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରିବେ ବୋଲି ଥାନାଧିକାରୀ ମତପୋଷଣ କରିଛନ୍ତି ।

## ସ୍କୁଟିରୁ ୨୭ କିଲୋ ଗଞ୍ଜେଇ ଓ ୭୪ ହଜାର ଟଙ୍କା ଜବତ:ଦମ୍ପତି ଅଟକ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ପାଟଣା ଥାନା ଅନ୍ତର୍ଗତ ମୁଣ୍ଡୁଳା ଗ୍ରାମ ମିରିଗୀଖୋଜ ଗ୍ରାମର କାଳୁ ଚରଣ ପଲେଇ ବୟସ (୫୨) ପିତା ନିଧି ପଲେଇ ୧୯୮୭ ମସିହାରୁ କେନ୍ଦୁଝର ଧରଣୀଧର ମହାବିଦ୍ୟାଳୟରେ ଥିବା ଗୋପବନ୍ଧୁ ଛାତ୍ର ନିବାସ ହଷ୍ଟେଲରେ ୱାଚ୍ ମ୍ୟାନ୍ ଭାବରେ ଚାକିରୀ କାର୍ଯ୍ୟ କରି ଆସୁଥିଲା । ଚାକିରୀ କରିବା ସହ ସେ ଗଞ୍ଜେଇ ବ୍ୟବସାୟ ଦୀର୍ଘ ବର୍ଷ ଧରି କରି ବହୁତ ପଇସା ରୋଜଗାର କରୁଥିଲା । ସକାଳେ ଅବକାରୀ ବିଭାଗ ଏହି ବ୍ୟବସାୟର ପର୍ଦ୍ଦାଫାଶ କରିବାରେ ସଫଳ ହୋଇଛି । କେନ୍ଦୁଝର ଅବକାରୀ ବିଭାଗର ଗିରିଜା ନନ୍ଦନ ଜେନାଙ୍କ ଓ ଅବକାରୀ ସୁପରିଟେଣ୍ଡେଣ୍ଟ ଏବଂ ଡେପୁଟି ସୁପରିଟେଣ୍ଡେଣ୍ଟଙ୍କ ମିଳିତ ସହଯୋଗରେ ଚଢଉ କରି କେନ୍ଦୁଝର ଗମରାଆ ନିକଟରେ ୧୧. ୩୦ ସମୟରେ ସ୍କୁଟି ଯୋଗେ କାଳୁ ଓ ତାଙ୍କ ସ୍ତ୍ରୀ ଗଞ୍ଜେଇ ନେଇ ଯାଉଥିବା ସମୟରେ ୨୭ କିଲୋଗ୍ରାମ ଗଞ୍ଜେଇ ସହ ନଗଦ ୭୪ ହଜାର ଟଙ୍କା ଜବତ କରିଛନ୍ତି । ଗଞ୍ଜେଇର ଆନୁମାନିକ ମୂଲ୍ୟ ଦୁଇ ଲକ୍ଷ ସତୁରି ହଜାର ଟଙ୍କା ହେବ ବୋଲି ଗିରିଜାନନ୍ଦନ ଜେନା ପ୍ରକାଶ କରିଛନ୍ତି । ୧୯୮୭ ମସିହାରୁ ସେ ଛାତ୍ର ନିବାସରେ ଏହି ଗଞ୍ଜେଇ ବ୍ୟବସାୟୀ କରି ଲକ୍ଷ ଲକ୍ଷ ଛାତ୍ରଙ୍କୁ ମରଣ ମୁହଁକୁ ଠେଲି ଦେଇଛନ୍ତି ବୋଲି ପୋଲିସ ଆଗରେ ସ୍ୱୀକାର କରିଛି । କାହ୍ନୁ ପଲେଇ ଓ ତାଙ୍କ ସ୍ତ୍ରୀକୁ ଆଜୀବନ କାରାଦଣ୍ଡାଦେଶ ଦେବାପାଇଁ ଜନସାଧାରଣ ଦାବି କରିଛନ୍ତି ।

## ନିଖୋଜ କୁଲଦୀପଙ୍କ ଗଳିତ ଶବ ୨୧ଦିନ ପରେ ଉଦ୍ଧାର:ପରିବାର ଲୋକେ କଲେ ଚିହ୍ନଟ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଚଳିତ ମାସ ସେପ୍ଟେମ୍ବର ୧ ତାରିଖ ରବିବାର ରାତିରେ ସୋନପୁର ମହାନଦୀରେ ଡେଇଁ ମୃତ୍ୟୁ ଘଟିଥିବା ବଲାଙ୍ଗିର ଅଞ୍ଚଳର ଯୁବକ କୁଲଦୀପ ପାଢ଼ୀଙ୍କ ଗଳିତ ଶବ ବୀରମହାରାଜପୁର ଅଗ୍ନିଶମ ବିଭାଗ ଠାବ କରିଛି ଓ ସକାଳେ ଉଦ୍ଧାର କରିବାରେ ସଫଳ ହୋଇଛି । ପ୍ରକାଶଥାଉ କି ଯେ ଘଟଣା ଦିନ ସୋନପୁର ପୋଲିସ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ମହାନଦୀ ପୋଲ ଉପରୁ ଏକ ଟିଭିଏସ୍ ଆପାଚି ବାଇକ୍ ସହ ଏକ ହଳ ଜୋତା ଓ ଡିକିରେ ଥିବା ମୋବାଇଲ୍ ଉଦ୍ଧାର କରିଥିବା ଓ ପାଖରେ କେହିନଥିବା ଦେଖିଥିଲେ । ଏ ନେଇ ପୋଲ ଉପରେ ବାଇକ୍ ରଖି କେହି ନଦୀକୁ ଡେଇଁଥିବା ସନ୍ଦେହ କରାଯାଇଥିବା ବେଳେ ପରେ ଯୁବକ ଜଣଙ୍କ ବଲାଙ୍ଗୀରର ଓଟିଭି ଟିମ୍‌ର





କୁଲଦୀପ ପାଢ଼ୀ ବୋଲି ଜଣାପଡିଥିଲା । ପରେ ଫାୟାର ଓ ଓଡ୍ରାଫ୍ଟ ଟିମ୍ ଦୁଇ ଦିନ ଧରି ନଦୀ ଗର୍ଭରେ ତଲାସି କରିଥିବା ବେଳେ କୁଲଦୀପଙ୍କ କୌଣସି ପତ୍ତା ମିଳିନଥିଲା । ପରେ ଯୁବକ ଜଣକ ପୋଲ ଉପରୁ ଡେଇଁଛନ୍ତି ନା କେଉଁଆଡ଼େ ଚାଲିଯାଇଛନ୍ତି ତାହା ସ୍ପଷ୍ଟ ଜଣାପଡ଼ିନଥିବା ବେଳେ ସୋନପୁର ପୋଲିସ ତଦନ୍ତ ଚାଲେଇଥିବା ଆଇଆଇସି ରମେଶ କୁମାର ମାହାନା ପୂର୍ବରୁ କହିଥିଲେ ଓ ବଲାଙ୍ଗୀର ପୋଲିସ ଏକ ନିଖୋଜ ପୋଷ୍ଟର ଜାରି କରିବା ସହ କୁଲଦୀପଙ୍କ ଖବର ପାଇଲେ ଜଣାଇବା ପାଇଁ ଏକ ନମ୍ବର ଜାରି କରିଥିଲା । କିନ୍ତୁ ଦୀର୍ଘ ୨୧ ଦିନ ପରେ ରବିବାର ଅପରାହ୍ନରେ ବୀରମହାରାଜପୁର ଥାନା ଭୁଦବର ମହାନଦୀରେ କିଛି ମତ୍ସ୍ୟଜୀବୀ ମାଛ ଧରିବା ପାଇଁ ଯାଇଥିବା ବେଳେ ଝାଉଁ ଗଛ ଓ ପଥର ଚେପାରେ ଏକ ଗଳିତ ଶବ ଦେଖି ପୋଲିସକୁ ଖବର ଦେଇଥିଲେ । ପରେ ସ୍ଥାନୀୟ ପୋଲିସ ଫାୟାର ବ୍ରିଗେଡ ସହାୟତାରେ ଘଟଣା ସ୍ଥଳକୁ ଯାଇ ଫଟୋ ପରିବାର ଲୋକଙ୍କୁ ପଠାଇବା ପରେ ତାହା କୁଲଦୀପଙ୍କ ଶବ ବୋଲି ପରିବାର ଲୋକେ ଚିହ୍ନଟ କରିଥିଲେ । ଶବ ପଚିସଡି ଯାଇଥିବାରୁ ପରେ ବଲାଙ୍ଗୀରରୁ ଓଡ୍ରାଫ୍ଟ ଟିମ୍ ଆସି ସୋମବାର ସକାଳୁ ଶବକୁ ଉଦ୍ଧାର କରିଛନ୍ତି । ପରେ ବୀରମହାରାଜପୁର ପୋଲିସ ଶବର ପୋର୍ଷ୍ଟମଟମ୍ କରାଇବା ପରେ କୁଲଦୀପଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି ।

## ନଦୀକୁ ଡେଇଁ ଛାତ୍ରଙ୍କ ଆତ୍ମହତ୍ୟା

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**



ଚୌଦ୍ୱାର ନିକଟ ବିରୂପା ବ୍ୟାରେଜ୍ ଉପରେ ନଦୀକୁ ଡେଇଁ ଜନୈକ କଲେଜ ଛାତ୍ର ଆତ୍ମହତ୍ୟା କରିଛନ୍ତି । ମୃତକ ଜଣକ ହେଲେ ଚୌଦ୍ୱାର ପୌରପାଳିକା ୧୨ ନମ୍ବର ୱାର୍ଡ଼ ଓଟିଏମ୍ କଲୋନୀରେ ରହୁଥିବା ପାଟକୁରା ଅଞ୍ଚଳର ପ୍ରଭାତ ଦାସଙ୍କ ପୁଅ ପ୍ରଦୀପ (୧୯) । ସୂଚନା ଅନୁଯାୟୀ ପ୍ରଦୀପ ସୋମବାର ଭୋର୍ ପ୍ରାୟ ୪ଟା ସମୟରେ ସାଇକେଲ ନେଇ ନିଜ ଘରୁ ବାହାରକୁ ଚାଲି ଯାଇଥିଲେ । ସକାଳେ ପରିବାର ଲୋକେ ପ୍ରଦୀପଙ୍କୁ ଖୋଜାଖୋଜି କରି ନପାଇବାରୁ ତାଙ୍କ ମୋବାଇଲ୍‌କୁ ଫୋନ୍ କରିଥିଲେ ହେଁ ସେ ଉଠାଇନଥିଲେ । ସକାଳେ ବିରୂପା ବ୍ୟାରେଜ୍ ବ୍ରିଜ୍‌ର ୬ ନମ୍ବର ଗେଟ୍ ପାଖରେ ସ୍କୁଲ୍ ବ୍ୟାଗ୍ ଝୁଲୁଥିବା ଏକ ସାଇକେଲ ବହୁ ସମୟ ଧରି ଥୁଆ ହୋଇଥିବା ଦେଖି ସ୍ଥାନୀୟ ଲୋକେ ଚୌଦ୍ୱାର ପୋଲିସକୁ ଖବର ଦେଇଥିଲେ । ଖବର ପ୍ରଚାରିତ ହେବାରେ ପ୍ରଦୀପଙ୍କ ବାପା ଓ ମା' ଘଟଣାସ୍ଥଳରେ ପହଞ୍ଚି ସେହି ସାଇକେଲ ଓ ବ୍ୟାଗ୍‌ଟି ତାଙ୍କ ପୁଅର ବୋଲି ଚିହ୍ନଟ କରିଥିଲେ । ଚୌଦ୍ୱାର, ଜଗତପୁର ଥାନା ପୋଲିସ ଓ ଚୌଦ୍ୱାର ଦମକଳ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ ହେଁ ଦୀର୍ଘ ସମୟ ପର୍ଯ୍ୟନ୍ତ ପ୍ରଦୀପଙ୍କ କୌଣସି ପତ୍ତା ମିଳିପାରିନଥିଲା । ପ୍ରଦୀପ ନଦୀକୁ ଡେଇଁଛନ୍ତି ଅବା କେଉଁଆଡେ ପଳାଇଯାଇଛନ୍ତି ସେ ନେଇ ସମସ୍ତଙ୍କ ମଧ୍ୟରେ ଏକ ଅହେତୁକ ଆଶଙ୍କା ସୃଷ୍ଟି ହୋଇଥିଲା । ଦିନ ତମାମ୍ ଖୋଜାଖୋଜି ପରେ ଶେଷରେ ଅପରାହ୍ନ ପ୍ରାୟ ୪ଟା ସମୟରେ ବ୍ୟାରେଜ୍ ଫାଟକ ଠାରୁ ପ୍ରାୟ ୧୦୦ ମିଟର ଦୂରରେ ନଦୀର ୨୦ ଫୁଟ ପାଣି ତଳୁ ପ୍ରଦୀପଙ୍କ ମୃତ ଦେହକୁ ଖୋଜି ପାଇବାରେ ସକ୍ଷମ ହୋଇଥିଲେ ଅଗ୍ନିଶମ ବିଭାଗ । ଜଗତପୁର ପୋଲିସ ପ୍ରଦୀପଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ବପା, ମା'ଙ୍କର ଏକ ମାତ୍ର ସନ୍ତାନ ପ୍ରଦୀପ ଚୌଦ୍ୱାର କଲେଜର +୩ ବାଣିଜ୍ୟ ବିଭାଗର ଛାତ୍ର ଥିଲେ । ତେବେ ପ୍ରଦୀପ କାହିଁକି ଏଭଳି ଏକ ପଦକ୍ଷେପ ନେଲେ ତାହା ଜଣାପଡ଼ିନାହିଁ । ପ୍ରଦୀପଙ୍କ ମୃତଦେହ ଉଦ୍ଧାର ହେବାପରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ବୃ / ୧୦ ହର୍ଷେ | ୮ | ରା ୭ / ଶ୍ୱୁ ୬ |
| ୧୧ | ୬ / ୩ | ୫ |
| ୧୨ / ଲଗ୍ନକେତୁ | ୨ ଶୁ | ୪ / ୩ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୫।୯।୨୦୨୪, ଆଶ୍ୱିନ ଦି୧୦ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୩୬।୧୦** **ଚନ୍ଦ୍ରୋଦୟ- ରାଘ୧୧।୫୦।୧୨**

**ଅଷ୍ଟମୀ-** ଦିଘ ୧୨।୧୨ ପର୍ଯ୍ୟନ୍ତ । **ଆର୍ଦ୍ରା ନକ୍ଷତ୍ର-** ରାଘ ୧୦।୨୫ ପର୍ଯ୍ୟନ୍ତ । **ମିଥୁନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ନବମୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ଦିଘ ୧୨।୧୨ ଗତେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୭ ଗତେ ଘ ୭।୧୫ ମଧ୍ୟେ । ଦିଘ ୧।୩୭ ଗତେ ଘ ୪।୦୧ ମଧ୍ୟେ ।



**ମେଷ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ସାମାଜିକ ସ୍ତରରେ ସମ୍ମାନିତ ହେବେ । ରୋଜଗାର ମଧ୍ୟମ ଧରଣର ହେବ । ଦେହ ଓ ମନ ଭଲ ରହିବ । ପାରିବାରିକ ସୁଖ ଲାଭ ହେବ । ମହିଳାମାନେ ସୁଖୀ ହେବେ ।



**ବୃଷ:** ଦୃଢ଼ତାର ସହିତ କର୍ମ କରି ବେଶ୍ ଫଳପ୍ରଦ ହେବେ । ରୋଜଗାରରେ ଉନ୍ନତି ହେବ । ସତକଥା କହି ବିବାଦ ଘେରରେ ପଡ଼ିପାରନ୍ତି । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ମନ ଭଲ ରହିବ ।



**ମିଥୁନ:** ସ୍ୱାଧୀନତା ରହିବନାହିଁ । ଆଶାବାଦୀ ହୋଇ କାର୍ଯ୍ୟ ସଫଳତା ହାସଲ କରିବେ । ମାନସିକ ସ୍ଥିତି ଭଲ ରହିବନାହିଁ । ରୋଜଗାର ଭଲ ହେବ । ମାଲିମୋକଦ୍ଦମାରେ ସ୍ଥିତି ଅନୁକୂଳ ରହିବ ।



**କର୍କଟ:** କର୍ମକ୍ଷେତ୍ରରେ ପ୍ରତାରଣାର ଶିକାର ହେବେ । ଅନ୍ୟମାନଙ୍କ କଥାରେ ପଡ଼ି ନିଜକୁ ଭୁଲ୍ ବୁଝିବେ । ଆୟରେ ବାଧା ଜାତ ହେବ । ମହିଳାମାନେ ନିଜ ସ୍ୱାର୍ଥ ପାଇଁ କାମ କରିବେ । ଗୃହେ ଆନନ୍ଦ ।



**ସିଂହ:** ଆଜି ଆପଣଙ୍କର ଆୟ ଭଲ ହେବ । ଘରେ ସୁଖ ଶାନ୍ତି ବଜାୟ ରହିବ । ଦୂରଯାତ୍ରା କରି ଆପଣ ନିଜର ପୁରୁଣା କାମକୁ ସମାପ୍ତ କରିବେ । ଶତ୍ରୁଙ୍କ ଠାରୁ ଦୂରେଇ ରହିବେ । ଶୁଭ ଖବର ପାଇ ଖୁସି ହେବେ ।



**କନ୍ୟା:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ପୂରଣ ହେବ । ଗୁରୁଜନଙ୍କ ଆଶୀର୍ବାଦରୁ ବଞ୍ଚିତ ହେବେ । ଖର୍ଚ୍ଚର ପରିମାଣ ବଢ଼ିବ । ପାରିବାରିକ ଜଞ୍ଜାଳ ଲାଗି ରହିବ । ପିଲାମାନେ ପଢ଼ାପଢ଼ିରେ ମନ ଦେବେ ।



**ତୁଳା:** ଦେବ ପୂଜାର୍ଚ୍ଚନା ସହିତ ଦେବ ଦର୍ଶନର ସୁବିଧା ପାଇବେ । ମନରେ ଭକ୍ତିଭାବ ଜାଗ୍ରତ ହେବ । ସତ୍ ମାର୍ଗରେ ପରିଚାଳିତ ହେବେ । ମଧ୍ୟାହ୍ନେ ଟେନ୍‌ସନ୍ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ଗୃହେ ଆନନ୍ଦ ।



**ବିଛା:** ଶାରୀରିକ ଅସୁସ୍ଥତା ଲାଗିବ । ସାମାଜିକ କାର୍ଯ୍ୟରେ ଯୋଗଦାନ କରିବେ । କର୍ମକ୍ଷେତ୍ରରେ ସହଯୋଗ ଓ ସାହାଯ୍ୟ ମିଳିବ । ରୋଜଗାରରେ ଉନ୍ନତି ଦେଖାଦେବ । ଘରେ କଳହ ଦେଖାଦେବ ।



**ଧନୁ:** ଶତ୍ରୁ ହାନୀ କରି ଗନ୍ତବ୍ୟ ପଥରେ ଆଗେଇ ଯିବେ । କର୍ମକ୍ଷେତ୍ରରେ ବାଧା ଉପୁଜିପାରେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପାରିବାରିକ ସୁଖ ଶାନ୍ତିରେ ସମୟ କଟିବାର ସୂଚନା ।



**ମକର:** ଆଜି ଦିନଟି ଶୁଭ କାମ ପାଇଁ ଉତ୍ତମ ଅଟେ । କଚେରୀ କ୍ଷେତ୍ରରେ ସମସ୍ତ ସମସ୍ୟା ସମାଧାନ ହେବ । ବ୍ୟବସାୟରେ ଲାଭବାନ୍ ହେବେ । ଆୟ ଭଲ ହେବ । ଗୃହେ ସୁଖ ଶାନ୍ତି ଲାଭ କରିବେ ।



**କୁମ୍ଭ:** ଚାକିରୀ କ୍ଷେତ୍ରରେ ମତାନ୍ତର ଦେଖାଦେବ । ଉଚ୍ଚ ସ୍ତରର ଲୋକଙ୍କ ସାଙ୍ଗେ ଭଲ ରହିବ । ପାରିବାରିକ ସୁଖ ଶାନ୍ତିରେ କଟିବ । ରୋଜଗାର ଭଲ ହେବ । ମହିଳାମାନେ ପରଚର୍ଚ୍ଚାରେ ସମୟ କାଟିବେ ।



**ମୀନ:** ଅସହଯୋଗରୁ ବିରକ୍ତି ଲାଭ କରିବେ । କର୍ମକ୍ଷେତ୍ରରେ ଆଧିପତ୍ୟର ବିସ୍ତାର ବିପଦ ସୃଷ୍ଟି କରିବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଗୃହେ ଶାନ୍ତି ଅବ୍ୟାହତ ରହିବାର ସୂଚନା ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୬।୯।୨୦୨୪, ଆଶ୍ୱିନ ଦି୧୧ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୫।୩୬।୨୩** **ଚନ୍ଦ୍ରୋଦୟ- ରାଘ୧୨।୪୯।୦୬**

**ନବମୀ-** ଦିଘ ୧୨।୨୬ ପର୍ଯ୍ୟନ୍ତ । **ପୁନର୍ବସୁ ନକ୍ଷତ୍ର-** ରାଘ ୧୧।୩୫ ପର୍ଯ୍ୟନ୍ତ । **ମିଥୁନ ଚନ୍ଦ୍ର-** ସଂଘ ୫।୧୨ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର । ସଂଘ ୫।୧୨ ଗତେ ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ସଂଘ ୫।୧୨ ମଧ୍ୟେ କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ଦଶମୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ଦିଘ ୧୨।୨୬ ପରେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୯ ଗତେ ଘ ୬।୨୫ ମଧ୍ୟେ । ଦିଘ ୭।୧୫ ଗତେ ଘ ୯।୩୭ ମଧ୍ୟେ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଗତ ୬ ବର୍ଷରେ ସୁନା ଭଣ୍ଡାରରେ ୪୬ ପ୍ରତିଶତ ବୃଦ୍ଧି

ସୁନା ଗହଣାର ଲୋଭ ସମସ୍ତଙ୍କର ରହିଛି। ବିଶେଷ କରି ମହିଳାମାନେ ଅଳଙ୍କାର ଆକାରରେ ସୁନା କିଣିବାକୁ ଅଧିକ ପସନ୍ଦ କରନ୍ତି। ବିବାହ ବେଳେ ମଧ୍ୟ ସୁନା ଗହଣା ଉପହାର ଦେବାର ପରମ୍ପରା ରହିଛି। ତେବେ ସୁନାକୁ କେବଳ ସାଧାରଣ ଲୋକମାନେ ନୁହେଁ, ଭାରତୀୟ ରିଜର୍ଭ ବ୍ୟାଙ୍କ ବି ବହୁତ ପସନ୍ଦ କରୁଛି। ସେଥିପାଇଁ ଏହା ଚଳିତ ବର୍ଷର ପ୍ରଥମ ଦୁଇ ମାସରେ ୧୩.୩ ଟନ୍ ସୁନା କିଣି ଏହାର ଭଣ୍ଡାର ଭର୍ତ୍ତି କରିଛି। ସୁନା ମୂଲ୍ୟ ଏବେ ସର୍ବକାଳୀନ ସର୍ବୋଚ୍ଚ ସ୍ତରରେ ରହିଛି। ସ୍ଥାନୀୟ ବଜାରରେ ସୁନାର ୧୦ ଗ୍ରାମ ପିଛା ଦାମ୍ ୭୩ ହଜାର ଟଙ୍କା ସ୍ତର ଅତିକ୍ରମ କରିଛି। ଅନ୍ତର୍ଜାତିକ ବଜାରରେ ସୁନାର ଆଉନ୍ସ ପିଛା ଦାମ୍ ୨୪୦୦ ଡଲାରରୁ ଅଧିକ ରହିଛି। ଏଭଳି ଏକ ସମୟରେ ରିଜର୍ଭ ବ୍ୟାଙ୍କ ନିଜ ଭଣ୍ଡାରରେ ଅଧିକ ସୁନା ଭର୍ତ୍ତି କରି ମୁଦ୍ରା ଭଣ୍ଡାରକୁ ଆହୁରି ସଶକ୍ତ କରିବା ଦିଗରେ କାମ କରୁଛି। ବୈଦେଶିକ ମୁଦ୍ରା ଭଣ୍ଡାରରେ ବିବିଧତା ଆଣିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ ସୁନାର ଏକ ସ୍ୱତନ୍ତ୍ର ଭଣ୍ଡାର ରଖିଛି। ବିଶେଷ କରି ଆମେରିକୀୟ ଡଲାରରେ ଅସ୍ଥିରତା ଭଳି ଅଭାବନୀୟ ସମୟର ମୁକାବିଲା କରିବାରେ ସେହି ସୁନା କାମରେ ଆସିବ। ଭାରତୀୟ ରିଜର୍ଭ ବ୍ୟାଙ୍କର ବୈଦେଶିକ ମୁଦ୍ରା ଭଣ୍ଡାର ଚଳିତ ୫ ମାସରେ ରେକର୍ଡ ୬୪,୪୮୦ କୋଟି ଡଲାରକୁ ବୃଦ୍ଧି ପାଇଥିଲା। ୨୦୨୩ରେ ରିଜର୍ଭ ବ୍ୟାଙ୍କ ବର୍ଷ ସାରାରେ ଯେତିକି ସୁନା କିଣିଥିଲା, ତାହାର ୮୦ ପ୍ରତିଶତ ସୁନାକୁ ଏହା ଚଳିତ ବର୍ଷରେ କିଣିଛି। କିଛି ଦିନ ପୂର୍ବେ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଥିଲେ ଯେ ଆମେ ବିଭିନ୍ନ ବିଷୟ ବିଚାରକୁ ନେଇ ବୈଦେଶିକ ମୁଦ୍ରା ଭଣ୍ଡାରକୁ ବଢ଼ାଇବା ନିଷ୍ପତ୍ତି ଗ୍ରହଣ କରୁଛୁ। ଭଣ୍ଡାରରେ ବିବିଧତା ଆଣିବା ଲାଗି ୨୦୧୭ ଡିସେମ୍ବର ପରଠାରୁ ରିଜର୍ଭ ବ୍ୟାଙ୍କ ବ୍ୟାପକ ସୁନା କିଣୁଛି। ୨୦୧୭ ଡିସେମ୍ବରରେ ରିଜର୍ଭ ବ୍ୟାଙ୍କ ପାଖରେ ୧୭.୯୪ ନିୟୁତ ଟ୍ରୟ ଆଉନ୍ସ ସୁନା ଥିଲା। ୨୦୨୪ ତାହା ୨୬.୨୬ ନିୟୁତ ଟ୍ରୟ ଆଉନ୍ସକୁ ବୃଦ୍ଧି ପାଇଛି। ଗତ ୬ ବର୍ଷ ଭିତରେ ରିଜର୍ଭ ବ୍ୟାଙ୍କର ସୁନା ଭଣ୍ଡାରରେ ୪୬ ପ୍ରତିଶତ ବୃଦ୍ଧି ଘଟିଛି। କେବଳ ଭାରତୀୟ ରିଜର୍ଭ ବ୍ୟାଙ୍କ ନୁହେଁ ବିଶ୍ୱର ଅଧିକାଂଶ କେନ୍ଦ୍ରୀୟ ବ୍ୟାଙ୍କ ଭଣ୍ଡାରରେ ସୁନା ରହିଛି।

# ବ୍ରାହ୍ମଣ କିଏ ?



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ସରିଯାଇଛି ମହାଭାରତର ମହାସମର। ହସ୍ତିନା ରାଜସିଂହାସନରେ ବସି ସାରିଛନ୍ତି ଧର୍ମରାଜ ଯୁଧିଷ୍ଠିର। ଶାସନର ସମସ୍ତ ବିଭାଗ ଅନ୍ୟ ପାଣ୍ଡବ ଭ୍ରାତାମାନଙ୍କ ଭିତରେ ବଣ୍ଟା ସରିଛି। ଆଉ ଆସିଛି ରାଷ୍ଟ୍ରରେ ଶାନ୍ତି। ପାଣ୍ଡବମାନଙ୍କ ପାଖରୁ ବିଦାୟ ନେଇ ଦ୍ୱାରକା ଅଭିମୁଖେ ଯିବା ନିମନ୍ତେ ଭଗବାନ ଶ୍ରୀକୃଷ୍ଣ ଇଚ୍ଛା ପ୍ରକାଶ କରିଛନ୍ତି। ତାଙ୍କର ଏପରି ସିଦ୍ଧାନ୍ତରେ ପାଣ୍ଡବକୁଳ ହେଲେ ସ୍ତବ୍ଧ। ଆଉ ତାଙ୍କୁ ପାଖରୁ ଛାଡ଼ିବାକୁ ଥିଲେ ପ୍ରତ୍ୟେକ ଅନିଚ୍ଛୁକ। ମାତ୍ର ତେଣେ ଦ୍ୱାରକାରେ ଅପେକ୍ଷା କରିଛନ୍ତି ବଳରାମଙ୍କ ସମେତ ସମସ୍ତ ଯାଦବକୁଳ। ବହୁଦିନ ଧରି ସେ ନିଜ ରାଜ୍ୟକୁ ଫେରିଯାଇନାହାନ୍ତି। ତାଙ୍କୁ ଯିବାକୁ ତ ହେବ। ପ୍ରତ୍ୟେକଙ୍କଠାରୁ ବିଦାୟ ନେଇ ଯେତେବେଳେ ପିଉସୀ କୁନ୍ତୀଙ୍କ ନିକଟରେ ସେ ପହଞ୍ଚିଲେ ସେତେବେଳେ ଦେଖିଲେ ତାଙ୍କ ଚକ୍ଷୁଦ୍ୱୟରୁ ଝରି ପଡୁଥିଲା ଅବିରତ ଅଶ୍ରୁର ଧାର। ଯାହାଙ୍କ ପାଇଁ ପାଣ୍ଡବକୁଳଙ୍କ ସମେତ ସେ ଆଜି ବଞ୍ଚି ରହିଛନ୍ତି ସେହି ପରମ ଉପକାରୀ ଭକ୍ତ ବନ୍ଧୁ ଶ୍ରୀକୃଷ୍ଣ ଆଜି ଫେରିଯିବେ ଦ୍ୱାରକା। ତାଙ୍କୁ ରୋକିବ ବା କିଏ? ପିଉସୀ କୁନ୍ତୀଙ୍କ ଲୋତକାପ୍ଳୁତ ଚକ୍ଷୁକୁ ଦେଖି ଶ୍ରୀକୃଷ୍ଣ ପଚାରିଲେ "ମାତା! ମୋର ଦ୍ୱାରକା ଯିବା ସିଦ୍ଧାନ୍ତରେ ଆପଣ କାହିଁକି କାନ୍ଦୁଛନ୍ତି?" କ'ଣ ମୋଠାରୁ ଆଉ କିଛି ଆଶା କରୁଛନ୍ତି କି? କୁହ ମାତା! ନିଶ୍ଚୟ ତାହା ମୁଁ ପୂରଣ କରିବି।" ଏପରି ପ୍ରଶ୍ନରେ କୁନ୍ତୀଙ୍କ ଆଖିରୁ ବହିଯାଇଥିଲା ଅବିରତ ଅଶ୍ରୁଧାର। ପ୍ରକୃତରେ ଆଉ କ'ଣ ବା ସେ ମାଗିବେ? ବାଷ୍ପରୁଦ୍ଧ କଣ୍ଠରେ କହିଲେ, "ହେ ପୁତ୍ର! ମୋର କିଛି ମାଗିବାକୁ ବାକି ନାହିଁ। କେବଳ ମୋତେ ଦୁଃଖ ଦିଅ। ସେହି ଦୁଃଖରେ ହିଁ ମୁଁ ତୁମକୁ ସବୁବେଳେ ମନେପକାଇବି। ଏତିକି ମାତ୍ର ମୋର ତୁମ ନିକଟରେ ପ୍ରାର୍ଥନା। ପ୍ରଭୁଙ୍କ ମୁଖମଣ୍ଡଳରେ ଝଲସି ଉଠିଲା ମୃଦୁମନ୍ଦହାସ। ଆଶ୍ୱାସନା ଦେଇ କହିଥିଲେ "ମାତା! ତୁମ୍ଭମାନଙ୍କ ସହ ମୁଁ ଅଛି ଓ ସବୁବେଳେ ରହିଥିବି।" ଏତିକି କହିବାରେ ଉପସ୍ଥିତ ଥିବା ସମସ୍ତ ପାଣ୍ଡବକୁଳଙ୍କ ଆଖିରୁ ଝରିପଡ଼ିଲା ବିନ୍ଦୁ ବିନ୍ଦୁ ଅଶ୍ରୁ। ଯୋଡ଼ ହସ୍ତରେ ପ୍ରଭୁଙ୍କର ସ୍ୱୀକାରୋକ୍ତିକୁ ଗ୍ରହଣ କରିନେଲେ ସେମାନେ। ପାଣ୍ଡବ ରାଜପରିବାରଙ୍କ ସହ ହସ୍ତିନାର ସମସ୍ତ ପ୍ରଜାକୁଳଙ୍କଠାରୁ ବିଦାୟ ଦେଇ ଗରୁଡ଼ଧ୍ୱଜରେ ଆରୋହଣ କରିଥିଲେ ମହାଭାରତର ମହାନାୟକ। ରଥରେ ରହିଥିଲା ସାରଙ୍ଗଧନୁ, ନନ୍ଦକ ଖଡ୍ଗ, କୌମୋଦକି ଗଦା ଓ ପଞ୍ଚଜନ୍ୟ ଶଙ୍ଖ। ଆଉ ଗଡ଼ି ଚାଲିଥିଲା ରଥ ଆଗକୁ ଓ ଆହୁରି ଆଗକୁ। ରାଜ୍ୟର ସୀମା ପର୍ଯ୍ୟନ୍ତ ବଳେଇ ଦେବା ନିମନ୍ତେ ସହଯାତ୍ରୀ ଥିଲେ ହସ୍ତିନାର ରାଜକୁଳଙ୍କ ସହ ପ୍ରଜାଗଣ। ପ୍ରତ୍ୟେକଙ୍କ ଆଖିରୁ ଝରି ଯାଉଥିଲା ବିରହ ଅଶ୍ରୁଧାରା। ଶସସ୍ତ୍ର ରକ୍ଷୀଦଳଙ୍କ ଗହଣରେ ଘୋର ଘର୍ଘର ନାଦ କରି ରଥ ଆଗକୁ ଗଡ଼ି ଯାଉଥିଲା। ସାରଥି ଥିଲେ ଦାରୁକ। ରଥରେ ଯୋଚା ଯାଇଥିଲେ ଶୈବ୍ୟ, ସୁଗ୍ରୀବ, ମେଘପୁଷ୍ପ ଓ ବଳାହକ ନାମରେ ଅଶ୍ୱଗଣ। ରଥ ଚାଳନାର ଗତିକୁ ତୀବ୍ର କରି ଆକାଶରେ ଅଦୃଶ୍ୟରେ ରହି ଆଗକୁ ଆଗେଇ ନେଉଥିଲେ ମହାପ୍ରଭୁଙ୍କ ପରମଭକ୍ତ ଗରୁଡ଼। ସେହିପରି ରଥର ସୁରକ୍ଷାସହ ବାଟ କଢ଼ାଇ ନେଉଥିଲେ ମହାଶକ୍ତିଶାଳୀ ଅଦୃଶ୍ୟ ସୁଦର୍ଶନଚକ୍ର। ଏହା ହିଁ ଥିଲା ବିଶ୍ୱବାସଙ୍କର ଦ୍ୱାରକା ଯାତ୍ରା। ମହାପ୍ରଭୁଙ୍କର ବସୁଥିବା ଗରୁଡ଼ଧ୍ୱଜ, ଜୈତ୍ର ରଥମାନଙ୍କର ଚକସହ ବେଗଶାଳୀ ଘୋଟକମାନଙ୍କର ଖୁରା ଧରାପୃଷ୍ଠ ଛୁଇଁ ନଥାଏ ବୋଲି କୁହାଯାଇଥାଏ। ଦ୍ୱାରକାକୁ ଯିବା ପଥରେ ପ୍ରତ୍ୟେକ ରାଜ୍ୟର ରାଜକୁଳଙ୍କସହ ପ୍ରଜାଗଣ ନିଜ ନିଜର ରାଜ୍ୟ ସୀମାରୁ ଆନନ୍ଦ କୋଳାହଳ ସହ ବାଦ୍ୟ ନାଦରେ ତାଙ୍କୁ ପାଛୋଟି ନେଉଥିଲେ। ରାଜପଥର ଦୁଇ କଡ଼ରେ ଦର୍ଶନସହ ଅଭ୍ୟର୍ଥନା ଦେବାକୁ ବ୍ୟାକୁଳିତ ପ୍ରଜାକୁଳ ଦିନ ଦିନ ଧରି ରହିଥିଲେ ତାଙ୍କ ଅପେକ୍ଷାରେ। ସେମାନଙ୍କର ଅଭିଳାଷ ଥିଲା ଥରେ ମାତ୍ର ସେହି ଭୁବନମୋହନ ରୂପର ଦର୍ଶନ। ପ୍ରଭୁଙ୍କ ମୁଖାରବିନ୍ଦରେ ଫୁଟି ଉଠୁଥିଲା ମୃଦୁମନ୍ଦ ହାସ। ଗଳାରୁ ଆଣ୍ଠୁ ତଳ ପର୍ଯ୍ୟନ୍ତ ତାଙ୍କର ଲମ୍ବି ଯାଇଥିଲା ବହୁ ଜାତିର ପୁଷ୍ପର ମାଳ। ହାତରେ ଧରିଥିଲେ ଲୀଳାରବିନ୍ଦ ଓ ଅଣ୍ଟାରେ ଖୋସା ଥିଲା ଭୁବନ ମୋହନବଂଶୀ। ନବଘନ ନିନ୍ଦିତ ଅପୂର୍ବ ଶ୍ୟାମଳ ଶରୀରର କଟୀଦେଶରେ ପିନ୍ଧିଥିଲେ ପୀତାମ୍ବର। ସ୍କନ୍ଧଠାରୁ ଶରୀରକୁ ଆବୃତ କରୁଥିଲା ସେହି ରଙ୍ଗର ଉତ୍ତରୀୟ। ମୃଦୁମନ୍ଦ ହିଲ୍ଲୋଳରେ ହଲିଯାଉଥିଲା ଗଭା ଖୋସିତ ବାଙ୍କ ଶିଖଣ୍ଡ ଚୂଳ। ଅପୂର୍ବ ଥିଲା ସେ ଦୃଶ୍ୟ। ଯେଉଁ ରୂପ ଦର୍ଶନରେ ଯମୁନା ଉଜାଣି ବହୁଥିଲା। ଆଉ ବ୍ୟାକୁଳିତ ହେଉଥିଲେ ବ୍ରଜର ସମସ୍ତ ପ୍ରଜାଗଣ। ପୁଣି ବୃନ୍ଦାବନର ଯମୁନା କୂଳରେ ରାତି ରାତି ଅପେକ୍ଷାରେ ରହୁଥିଲେ ବ୍ରଜ କାମିନୀକୁଳ। ସେହି ରୂପକୁ ଅନ୍ତରରେ ଦର୍ଶନ ପାଇଁ ଯୋଗୀଜନମାନେ ଯୁଗ ଯୁଗ ଧରି ରହୁଥିଲେ ଧ୍ୟାନରତ। ଭକ୍ତଜନମାନଙ୍କର ଆକୁଳତା ଦେଖି ପ୍ରଭୁଙ୍କ ନିର୍ଦ୍ଦେଶରେ ଥମି ଯାଉଥିଲା ରଥର ଗତି। ଯାହାର ସ୍ଥିତି ଜଡ଼ ଓ ଜୀବଜଗତର ପ୍ରତ୍ୟେକ ସ୍ଥାନରେ ବିଦ୍ୟମାନ ତାଙ୍କ ନିମନ୍ତେ ଏପରି ଯାତ୍ରା ଥିଲା କେବଳ ଔପଚାରିକ। କହିବାକୁ ଗଲେ ତାହା ହିଁ ଥିଲା କବି, ଭାବୁକ ଓ ଭକ୍ତଜନମାନଙ୍କର କଳ୍ପନାପ୍ରସୂତ।

ଗନ୍ତବ୍ୟ ପଥର ନଦୀ କୂଳ ଅରଣ୍ୟ ମଧ୍ୟରୁ ହଠାତ୍ ବାହାରି ଆସିଥିଲେ ମହାମୁନି ଉତ୍ତଙ୍ଗ। ସେହି ପଥରେ ଶ୍ରୀକୃଷ୍ଣଙ୍କ ଦ୍ୱାରକା ଫେରିବାର ଜାଣି ତାଙ୍କ ଅପେକ୍ଷାରେ ରହିଥିଲେ ସେ। ଆଉ ମହାମୁନିଙ୍କ ଆସିବାର ଗତିକୁ ରୋକିଦେଇଥିଲେ ପ୍ରଭୁଙ୍କ ସହିତ ଯାଉଥିବା ରକ୍ଷୀଦଳ। ମାତ୍ର ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶରେ ତାଙ୍କୁ ଆସିବାକୁ ମିଳିଥିଲା ଅନୁମତି। ଉତ୍ତଙ୍ଗଙ୍କର ପ୍ରଶ୍ନ ଥିଲା, "ହେ ପାର୍ଥସାରଥି! ମହାଭାରତର ମହାସମରକୁ ଆପଣ ତ ରୋକି ଦେଇପାରିଥାନ୍ତେ? ଏପରି ଯୁଦ୍ଧ ଯୋଗୁ ସମଗ୍ର ଭାରତବର୍ଷ ଆଜି ଯୋଦ୍ଧାଶୂନ୍ୟ ହୋଇଗଲା। ଏଥିପାଇଁ ଆପଣ ହିଁ ଉତ୍ତରଦାୟୀ।" ଉତ୍ତଙ୍ଗଙ୍କର ପ୍ରଶ୍ନର ଉତ୍ତର ଶ୍ରୀକୃଷ୍ଣ ଦେଇସାରିବା ପରେ ବି ସେ କିଛି ନ ବୁଝି ଉତ୍ତେଜିତ କଣ୍ଠରେ ତାଙ୍କୁ ଅଭିଶାପ ଦେବା ନିମନ୍ତେ କହିଥିଲେ। ତାଙ୍କର ଏପରି ଆଚରଣରେ ଆଦୌ ବିଚଳିତ ନହୋଇ ଶ୍ରୀକୃଷ୍ଣ କହିଥିଲେ ଯେ ତୁମର କୌଣସି ଅଭିଶାପ ମୋ ଉପରେ ଲେଶମାତ୍ର ପ୍ରଭାବ ପକାଇପାରିବ ନାହିଁ। ତାହାପରେ ତାଙ୍କ ଭାବନାରୁ ଉଭେଇ ଯାଇଥିଲା ସମସ୍ତ ଅହଂକାର ଓ ମୋହ। ଯାହାଙ୍କୁ ସେ ଅଭିଶାପ ଦେବାପାଇଁ କହୁଛନ୍ତି ସେ କିଏ ତାହା ସେ ଜାଣିଯିବା ପରେ ନିଜର ଦୋଷ ସ୍ୱୀକାର କରି କ୍ଷମା ଚାହିଁଥିଲେ ମୁନିବର। ଆଉ ଯୋଡ଼ହସ୍ତରେ ବରଦେବା ନିମନ୍ତେ କରିଥିଲେ ପ୍ରାର୍ଥନା। ତାହା ଥିଲା ଯେତେବେଳେ ପାଣିର ଆବଶ୍ୟକତା ହେବ ତାଙ୍କ କମଣ୍ଡଳୁ ସେଥିରେ ଭରିଯିବ। 'ତଥାସ୍ତୁ' କହି ଆଗେଇ ଯାଇଥିଲେ ମହାପ୍ରଭୁ। ଥରେ ରାଜପୁତାନାର ମରୁଭୂମି ପଥରେ ଯାଉଥିଲେ ମହାମୁନି ଉତ୍ତଙ୍ଗ। ପ୍ରଚଣ୍ଡ ଗ୍ରୀଷ୍ମ ଯୋଗୁ ଥକି ଯାଇଥିଲେ ସେ। ପ୍ରବଳ ଶୋଷ ବି ତାଙ୍କର ଆରମ୍ଭ ହୋଇଯାଇଥିଲା। ତେବେ ତାଙ୍କୁ ମିଳି ନଥିଲା ଜଳ ମିଳିବାର ସ୍ଥାନ। କେବଳ ମରୁ ମରୀଚିକାର ପ୍ରହେଳିକା ତାଙ୍କ ଆଖିରେ ଝଲସି ଉଠୁଥିଲା। ମନେ ପଡ଼ିଗଲା ଶ୍ରୀକୃଷ୍ଣଙ୍କର ବରଦାନ କଥା। କମଣ୍ଡଳୁରେ ଜଳ ଭର୍ତ୍ତି ହେବାପାଇଁ ସେ ପ୍ରଭୁଙ୍କୁ କରିଥିଲେ ସ୍ମରଣ। ହେଲେ କାହିଁ? ଯେତେ ପ୍ରାର୍ଥନା କଲେ ବି କମଣ୍ଡଳୁରେ ଭରିଲା ନାହିଁ ଜଳ। ଏହି ସମୟରେ ଉତ୍ତଙ୍ଗ ଦେଖିଲେ ଯେ ଦୂରରୁ ଜଣେ ବ୍ୟାଧ କାନ୍ଧରେ ଓହଳି ଥିବା ଚମଡ଼ାର ମୁଣା ଓ ପାଞ୍ଚଟି କୁକୁରମାନଙ୍କ ସହ ତାଙ୍କରି ଆଡ଼କୁ ଆସୁଛନ୍ତି। ସେ ତାଙ୍କ ପାଖରେ ପହଞ୍ଚି ଚମଡ଼ା ମୁଣିରେ ଭରି ରହିଥିବା ଜଳ ନେବାକୁ ଅନୁରୋଧ କଲେ। ମାତ୍ର ବ୍ୟାଧ ଓ ତାଙ୍କ ସହ ଥିବା ପାଞ୍ଚଟା କୁକୁରଙ୍କୁ ଦେଖି ରାଗିଯାଇଥିଲେ ମୁନିବର। ତାଙ୍କୁ ଧିକ୍କାର କରି ସେ କହିଲେ ଯେ "ଜଣେ ବ୍ୟାଧ ହୋଇ ତାଙ୍କ ଭଳି ଜଣେ ଶ୍ରେଷ୍ଠ ବ୍ରାହ୍ମଣଙ୍କୁ ଜଳ ଦେବାକୁ ସେ କିଭଳି ଆସିପାରିଲେ? ବ୍ୟାଧମାନେ ସର୍ବଦା ଅପବିତ୍ର। ଯେଉଁମାନେ ଅନ୍ୟର ଜୀବନକୁ ନେଇ ବ୍ୟବସାୟ କରିଥାନ୍ତି ସେମାନଙ୍କଠାରୁ ବଳି ପାପୀ ଏହି ସଂସାରରେ କେହି ନାହାନ୍ତି। ପୁଣି ସେହି ପଶୁ ଚର୍ମ ତିଆରି ମୁଣାରେ ଜଳ ରଖି ତାଙ୍କ ପାଖକୁ ଆସିବାକୁ ସେ କିପରି ସାହସ କଲେ?" ତୁରନ୍ତ ସ୍ଥାନ ଛାଡ଼ି ଚାଲିଯିବା ପାଇଁ ସେ ବ୍ୟାଧଙ୍କୁ ନିର୍ଦ୍ଦେଶ ଦେଲେ। ବ୍ୟାଧ ଯେତେ ଅନୁରୋଧ କଲେ ବି ସେ ଜଳ ଗ୍ରହଣ ନ କରି ତାଙ୍କୁ ସେଠାରୁ ଚାଲି ନଗଲେ ଅଭିଶାପ ଭୋଗିବା ପାଇଁ ଧମକାଇ ଥିଲେ। ଶେଷରେ ଅଦୃଶ୍ୟ ହୋଇଗଲେ ବ୍ୟାଧ। ପ୍ରବଳ ତୃଷା ହେତୁ ପ୍ରାଣ ସଙ୍କଟରେ ପଡ଼ିବାର ତାଙ୍କୁ ଜଣାପଡ଼ିଲା। ତେଣୁ ଶ୍ରୀକୃଷ୍ଣ ଦେଇଥିବା ବରର ପ୍ରଭାବ କିଛି ନାହିଁ ବୋଲି ସେ ଭାବି ନେଇଥିଲେ। ଠିକ୍ ତାଙ୍କର ଏପରି ଭାବନାବେଳେ ସମ୍ମୁଖରେ ପ୍ରକଟିତ ହୋଇଥିଲେ ମହାପ୍ରଭୁ। ମନ୍ଦହାସରେ ସେ ଉତ୍ତଙ୍ଗ ମୁନିଙ୍କୁ କହିଲେ, "ହେ ଉତ୍ତଙ୍ଗ! ମୁଁ ଇନ୍ଦ୍ରଙ୍କୁ ନିର୍ଦ୍ଦେଶ ଦେଇ ତୁମ ପାଇଁ ଅମୃତ ପଠାଇଥିଲି। ସେହି ପଶୁଚମଡ଼ା ପ୍ରସ୍ତୁତ ଥଳିରେ ହିଁ ତାହା ରହିଥିଲା। ସାଙ୍ଗରେ ଯେଉଁ ପାଞ୍ଚଟା କୁକୁର ଥିଲେ ସେମାନେ ଥିଲେ ତୁମର ପଞ୍ଚେନ୍ଦ୍ରିୟ। ସେହି ଇନ୍ଦ୍ରିୟମାନଙ୍କୁ ସେ ଆୟତ କରିଥିଲେ ମଧ୍ୟ ନିଜକୁ ସବୁଠାରୁ ଶ୍ରେଷ୍ଠ ବ୍ରାହ୍ମଣ ଭାବି ତୁମେ ଅମୃତ ତାଙ୍କଠାରୁ ପାଇପାରିଲ ନାହିଁ। ଏହା ହିଁ ଥିଲା ତୁମର ଅହଂକାର ଓ ସାଧନାରେ ବ୍ୟତିକ୍ରମ। ଜୀବଜଗତରେ ପ୍ରତ୍ୟେକଙ୍କ ନିକଟରେ ବ୍ରହ୍ମ ବିଦ୍ୟମାନ ଥିବାର ଯେଉଁମାନେ ଅନୁଭବ କରିଥାନ୍ତି ସେହିମାନେ ହିଁ ପ୍ରକୃତରେ ବ୍ରାହ୍ମଣ। ଉପଯୁକ୍ତ ବେଦାଧ୍ୟାୟୀ ବ୍ରାହ୍ମଣଙ୍କୁ ମୁଁ ପ୍ରତ୍ୟହ ପ୍ରଣାମ କରିଥାଏ। କାରଣ ସେହିମାନେ ହିଁ ମୋତେ ଜାଣିଥାନ୍ତି। କେବଳ ସେହି କୁଳରେ ଜନ୍ମ ନେଇଗଲେ ଯେ ଜଣେ ବ୍ରାହ୍ମଣ ହୋଇଯିବ ତାହା ନୁହେଁ। ତେଣୁ ହେ ଉତ୍ତଙ୍ଗ! ତୁମେ ବ୍ରାହ୍ମଣ ହେବାପାଇଁ ଅଧିକ ସାଧନାର ଆବଶ୍ୟକତା ଅଛି।" ଏତିକି କହିସାରିବା ପରେ ସେ ସେଠାରୁ ଅଦୃଶ୍ୟ ହୋଇଗଲେ। ହତାଶ ଉତ୍ତଙ୍ଗ ହାତଯୋଡ଼ି କେବଳ ତାଙ୍କର ଉଭା ହୋଇ ରହିଥିବା ସ୍ଥାନଟିକୁ ନିରୀକ୍ଷଣ କରିବା ସହିତ ସେଠାରେ ଶତ ସହସ୍ର ପ୍ରଣାମ ଜଣାଉଥିଲେ। ସେତେବେଳେ ଦୂରରୁ ଭାସିଆସୁଥିଲା ଅପୂର୍ବ କମ୍ବୁନାଦ। ସତେବା ସେଥିରେ ପ୍ରଭୁଙ୍କ ଆଶ୍ୱାସନାର ବାଣୀ ଭାସି ଆସୁଛି "ମୁଁ ତୁମ ସହିତ ଅଛି। ମୋତେ ବିଶ୍ୱାସ କର।" ଏଣେ ଉତ୍ତଙ୍ଗଙ୍କ କମଣ୍ଡଳୁରେ ଭରିଯାଇଥିଲା ଜଳ। ତୃଷା ନିବାରଣ ପରେ ନିଜକୁ ପ୍ରଭୁଙ୍କ ନିକଟରେ ଜଣେ ଅପରାଧୀ ଭାବି ବ୍ରାହ୍ମଣ ହେବାର ସାଧନା ନିମନ୍ତେ ସେ ସେଠାରୁ ଚାଲି ଯାଇଥିଲେ ଦୂରରୁ ବହୁ ଦୂରକୁ।

# ପରିବର୍ତ୍ତିତ ଗୁରୁ-ଶିଷ୍ୟ ପରମ୍ପରା



ଗୌରହରି ତ୍ରିପାଠୀ
ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ,
ବିଲଣା ସହଯୋଗ ଉଚ୍ଚ ବିଦ୍ୟାଳୟ, ଭଦ୍ରକ
ମୋ- ୯୮୬୧୦୮୮୫୪୮

ବୈଦିକ ଯୁଗରେ ପାଠପଢ଼ା ନିମିତ୍ତ ଗୁରୁକୁଳ ଆଶ୍ରମ ବ୍ୟବସ୍ଥା ଥିଲା। ସାଧାରଣତଃ ଜନବସତି ଠାରୁ ଦୂରରେ ଉକ୍ତ ଆଶ୍ରମ ଗୁଡ଼ିକ ଅବସ୍ଥିତ ଥିଲା। ଶିଷ୍ୟମାନେ ଘରଦ୍ୱାର ଛାଡ଼ି ଗୁରୁକୁଳ ମାନଙ୍କରେ ଅବସ୍ଥାନ କରି ଗୁରୁମାନଙ୍କ ଠାରୁ ଶିକ୍ଷା ଗ୍ରହଣ କରୁଥିଲେ। ପ୍ରାତଃ କାଳରୁ ଶଯ୍ୟା ତ୍ୟାଗ କରି ପ୍ରାର୍ଥନା କରି ସାରିବା ପରେ ପୂଜାପାଠ ନିମିତ୍ତ ଫୁଲ ତୋଳି ଗୁରୁଙ୍କୁ ସମର୍ପଣ କରିସାରି ନିତ୍ୟକର୍ମ ସମାପନ ପୂର୍ବକ ଗୁରୁଙ୍କ ଠାରୁ ଶିକ୍ଷା ଗ୍ରହଣ କରୁଥିଲେ। ବେଦ, ଗଣିତ, ଜ୍ୟୋତିଷ, ମୀମାଂସା, ତର୍କ, ଧନୁର୍ବିଦ୍ୟା, ଆୟୁର୍ବେଦ, ଅର୍ଥଶାସ୍ତ୍ର, ଦର୍ଶନ, ବ୍ୟାକରଣ ତଥା ସାହିତ୍ୟ ଆଦି ବିଷୟ ମାନଙ୍କରେ ଗୁରୁମାନେ ଧୂରୀଣ ଥିଲେ। ଧୌମ୍ୟ, ସନ୍ଦିପନୀ, ବଶିଷ୍ଠ, ଶୁକ୍ରାଚାର୍ଯ୍ୟ, ପର୍ଶୁରାମ ଆଦି ଅନେକ ଗୁରୁ ସେମାନଙ୍କର ଜ୍ଞାନର ପରାକାଷ୍ଠା ପାଇଁ ବିଶ୍ୱ ବନ୍ଦିତ ଥିଲେ। ଗୁରୁକୁଳରେ ଅବସ୍ଥାନ ସମୟରେ ଗୁରୁ ଯେଉଁଦିନ ଶିଷ୍ୟର ଶିକ୍ଷା ଲାଭ ସମ୍ପୂର୍ଣ୍ଣ ହେଲା ବୋଲି ଅନୁଭବ କରୁଥିଲେ ସିଏ ନିଜ ତରଫରୁ ଶିଷ୍ୟକୁ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ ପାଇଁ ଅନୁମତି ଦେଉଥିଲେ। ଯେହେତୁ ସେତେବେଳେ କାଗଜ କଲମରେ କୌଣସି ଲିଖିତ ପରୀକ୍ଷା ଅନୁଷ୍ଠିତ ହେଉ ନଥିଲା ତେଣୁ କପି କରି ଉତ୍ତୀର୍ଣ୍ଣ ହେବାର ଅବକାଶ ନଥିଲା। ବିଦ୍ୟାଶିକ୍ଷା ପରେ ଯେତେବେଳେ ଘରକୁ ଫେରିବାର ସମୟ ଆସେ ସେତେବେଳେ ଶିଷ୍ୟମାନେ ଯଥା ସାଧ୍ୟ ଗୁରୁ ଦକ୍ଷିଣା ଦେଇ ଶିକ୍ଷା ଋଣରୁ କିଞ୍ଚିତ ମୁକ୍ତ ହେବାପାଇଁ ପ୍ରୟାସ କରୁଥିଲେ। 'ଛାତ୍ରାଣାଂ' ଅଧ୍ୟୟନ ତପଃର ନିର୍ଯ୍ୟାସକୁ ସେମାନେ ସତେ ଯେପରି ଜୀବନର ବ୍ରତ ବୋଲି ଭାବୁଥିଲେ।

ପରବର୍ତ୍ତୀ ସମୟରେ ମଧ୍ୟ ଯୁଗରେ ଆନୁଷ୍ଠାନିକ ଶିକ୍ଷାର ଅୟମାରମ୍ଭ ହେଲା। ନାଳନ୍ଦା, ତକ୍ଷଶୀଳା ଆଦି ବିଭିନ୍ନ ବିଶ୍ୱ ପ୍ରସିଦ୍ଧ ବିଶ୍ୱ ବିଦ୍ୟାଳୟ ମାନଙ୍କରେ ଚୀନ୍, କୋରିଆ, ତିବତ, ଜାପାନ ପ୍ରଭୃତି ଦେଶରୁ ପିଲାମାନେ ଆସି ପାଠ ପଢ଼ିବା ଆରମ୍ଭ କଲେ ଯାହା ଫଳରେ ଭାରତୀୟ ଶିକ୍ଷା, ସଂସ୍କୃତି ତଥା ସଭ୍ୟତାରେ ଅଭୂତପୂର୍ବ ପରିବର୍ତ୍ତନର ଆରମ୍ଭ ହେଲା। ସମୟକ୍ରମେ ଭାରତରେ ଶିକ୍ଷା ବ୍ୟବସ୍ଥା ସଂସ୍କୃତ ଭାଷା ମଧ୍ୟରେ ସିମୀତ ରହିଲା ଯାହା କେବଳ ଉଚ୍ଚ ଜାତିର ଲୋକ ମାନଙ୍କୁ ପ୍ରାଧାନ୍ୟ ଦେଲା। ପରାଧିନ ଭାରତରେ ଇଂରେଜମାନେ ସଂସ୍କୃତ ଶିକ୍ଷା ବଦଳରେ ଧିରେଧିରେ ଇଂରାଜୀ ଶିକ୍ଷାର ପ୍ରଚାର ଏବଂ ପ୍ରସାର ଆରମ୍ଭ କରିଥିଲେ। ଭାରତୀୟମାନେ ଇଂରାଜୀ ଶିକ୍ଷା ଲାଭ କଲେ ସେମାନଙ୍କ ପାଇଁ ଉତ୍କୃଷ୍ଟ ଚାକିରିଆ ସୃଷ୍ଟି ତିଆରି ହୋଇ ପାରିବେ ବୋଲି ସେମାନଙ୍କର ମୂଳ ଲକ୍ଷ୍ୟ ଥିଲା। ଦୁର୍ଭାଗ୍ୟର ବିଷୟ ଅନେକ ଇଂରାଜୀ ଶିକ୍ଷିତ ପିଲାମାନେ ପାଶ୍ଚାତ୍ୟ ମୁକ୍ତବାଦୀ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୋଇ ଜାତୀୟତାବାଦୀ ଆନ୍ଦୋଳନରେ ସାମିଲ ହୋଇଥିଲେ। ସ୍ୱାଧିନୋତ୍ତର ଭାରତ ବର୍ଷରେ ପ୍ରଥମ ଦୁଇ ଦଶନ୍ଧିର ଶିକ୍ଷା ବ୍ୟବସ୍ଥା ମୁଖ୍ୟତଃ ନିରକ୍ଷରତା ଦୂରୀକରଣ କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦେଲା। ଦଣ୍ଡ ଯୁକ୍ତ ବିଦ୍ୟାଳୟ ମାନଙ୍କରେ ପାଠ ନ ପଢ଼ିଲେ କିମ୍ବା କୌଣସି ଭୁଲ କାମ କଲେ ଶିକ୍ଷକ ମାନେ ଛାତ୍ରଛାତ୍ରୀ ମାନଙ୍କୁ କଠିନ ଦଣ୍ଡ ଦେଉଥିଲେ। ବିଦ୍ୟାଳୟ ଗୁଡ଼ିକ ବିଭିନ୍ନ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ଥିଲା। ଅତି ସର୍ବତ୍ର ଗର୍ହିତମ ନ୍ୟାୟରେ ଉଭୟ ପାଠ ଓ ମାଡ଼ ଭୟରେ ଅନେକ ପିଲା ବିଦ୍ୟାଳୟ ଛାଡ଼ିବା ଆରମ୍ଭ କଲେ ଏବଂ ଗରିବୀ ଏହାକୁ ଅଧିକ ପ୍ରୋତ୍ସାହିତ କଲା। ଯାହାକୁ ଲକ୍ଷ୍ୟ କରି ଶିକ୍ଷା ବ୍ୟବସ୍ଥାରେ ଆମୁଳଚୁଳ ପରିବର୍ତ୍ତନ ଆସିଲା। ଛାତ୍ରଛାତ୍ରୀ ମାନଙ୍କୁ ବିଦ୍ୟାଳୟ ମାନଙ୍କୁ ଆକର୍ଷିତ କରିବା ପାଇଁ ମଧ୍ୟାହ୍ନ ଭୋଜନ, ପୋଷାକ, ପାଠ୍ୟ ପୁସ୍ତକ, ସାଇକେଲ, ୟୁନିଫର୍ମ ଆଦି ଯୋଗାଇ ଦିଆଗଲା। ବିଦ୍ୟାଳୟ ଗୁଡ଼ିକରେ ଭିତ୍ତିଭୂମିର ବିକାଶକୁ ପ୍ରାଧାନ୍ୟ ଦେଇ ପକ୍କାଘର, ନଳକୂପ, ବିଜୁଳି, ବୈଜ୍ଞାନିକ ଯନ୍ତ୍ରପାତି ଆଦି ଯୋଗାଇ ଦିଆଗଲା। କାଳକ୍ରମେ ପ୍ରାଦେଶିକ ଭାଷାକୁ ଗୁରୁତ୍ୱ ଦେଇ ଗଢ଼ି ଉଠିଥିବା ବିଦ୍ୟାଳୟ ଗୁଡ଼ିକ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଗୁଡ଼ିକ ଆଗରେ ଫିକା ପଡ଼ିବା ଆରମ୍ଭ କଲେ। ବର୍ତ୍ତମାନ ପରିପ୍ରେକ୍ଷୀରେ ଇଂରାଜୀ ମାଧ୍ୟମ ବେସରକାରୀ ବିଦ୍ୟାଳୟ ଗୁଡ଼ିକ ଛତୁ ଫୁଟିଲା ପରି ଖୋଲା ଯାଉଛି। ଅଭିବାବକ ମାନେ ପୁଳାପୁଳା ଟଙ୍କା ଖର୍ଚ୍ଚ କରୁଛନ୍ତି। ପିଲାମାନଙ୍କୁ ଶିକ୍ଷକମାନେ କୌଣସି ପ୍ରକାର ଦଣ୍ଡ କିମ୍ବା ଅପମାନିତ କଥା କହି ପାରିବେ ନାହିଁ ବୋଲି ନିର୍ଦ୍ଦେଶନାମା ଜାରି ହୋଇଛି। ଆଉ କେତେକ ସ୍ଥାନରେ 'ଡମି ସ୍କୁଲ' ବ୍ୟବସ୍ଥା ଆରମ୍ଭ ହେଲାଣି ଯାହା ଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥାର ପରିପନ୍ଥୀ ବୋଲି ମନେହୁଏ। ସମସ୍ତେ ଭାବୁଛନ୍ତି ପିଲାଟି ମେସିନ୍ ପରି ପାଠ ଗୁଡ଼ିକୁ କଣ୍ଠସ୍ଥ କରିଦେବ ଏବଂ ପରୀକ୍ଷା ବେଳକୁ ତାହାକୁ ଲେଖିଦେବ କିମ୍ବା କହିଦେବ ଯାହା ସବୁବେଳେ ସମ୍ଭବ ନୁହେଁ।

ପରିବର୍ତ୍ତନ ସଂସାରର ନିୟମ ନାଁରେ ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥାରେ ମଧ୍ୟ ପରିବର୍ତ୍ତନ ଆସିଛି। ଏହି ପରିବର୍ତ୍ତନକୁ ସ୍ୱାଗତଯୋଗ୍ୟ କରିବାକୁ ହେଲେ ଶିକ୍ଷକ - ଛାତ୍ର - ଅଭିବାବକ ମାନଙ୍କ ମଧ୍ୟରେ ସମ୍ପର୍କର ରଜ୍ଜୁ ଆହୁରି ଦୃଢ଼ ହେବା ଜରୁରୀ। ମୋବାଇଲ ଓ ସାମାଜିକ ଗଣମାଧ୍ୟମ ଯୋଗୁଁ ଆଜିକାଲି ସମ୍ପର୍କ ଗୁଡ଼ିକ ଗୌଣ ହୋଇ ଯାଉଛି। ବିଦ୍ୟାଳୟ ମାନଙ୍କରେ ଆତ୍ମହତ୍ୟା ତଥା ର୍ୟାଗିଂ ମାମଲା ଦିନକୁ ଦିନ ବଢ଼ିବାରେ ଲାଗିଲାଣି। ଏଥିରୁ ମୁକୁଳିବା ମଧ୍ୟ ସହଜସାଧ୍ୟ ନୁହେଁ। କେବଳ ଆଇନ କାନୁନ୍ ଶିକ୍ଷା ବ୍ୟବସ୍ଥାରେ ଗୁଣାତ୍ମକ ପରିବର୍ତ୍ତନ ଆଣି ପାରିବ ନାହିଁ ବରଂ ଏଥିପାଇଁ ବୁଦ୍ଧିଜୀବୀ, ସଭ୍ୟସମାଜ ତଥା ଶିକ୍ଷକ ସମାଜ ବିଦ୍ୟାଳୟରେ କେମିତି ନୈତିକ ଶିକ୍ଷା ତଥା ବଞ୍ଚିବାର କଳା କୌଶଳ (ଲାଇଫ୍ ସ୍କିଲ) ଶିକ୍ଷାକୁ ପ୍ରାଧାନ୍ୟ ଦିଆଯାଇ ପାରିବ ସେ ବିଷୟରେ ବିଚାର କରିବାର ସମୟ ଉପଗତ।

# ମୁଁ ଭଲ ମଣିଷଟିଏ ହେବି



ଶ୍ରୀବତ୍ସ ନାୟକ
ଅଧ୍ୟାପକ, ବାଣିଜ୍ୟ ବିଭାଗ
ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ, କଟକ,
ମୋ: ୯୪୩୮୦୭୦୮୪୯

ଯଦି ଆପଣ ଓଡ଼ିଆ ହୋଇଥିବେ ତେବେ ଏହି କାଳଜୟୀ ଉକ୍ତିଟି 'ପାଠ ପଢିବି,ବଡ଼ ମଣିଷ ହେବି। କାଳିଆ ଘୋଡ଼ାରେ ଚଢ଼ିବି, ମଧୁ ବାବୁ ସାଙ୍ଗେ ଲଢ଼ିବି' ନିଶ୍ଚିତ ପିଲାବେଳେ ପଢିଥିବେ। ଅତୀତର ଏହି ଉକ୍ତିଠାରୁ ଅଧୁନା ଆମେ ବେଶ୍ ଦୂରକୁ ଚାଲିଆସିଛୁ। ସମାଜରେ ଏବେ ସଂଖ୍ୟାଧିକ ପାଠୁଆ। ଯାହା ମୁଣ୍ଡରେ ହାତ ଥୋଇଲେ ସମସ୍ତେ ଜଣେଜଣେ ସ୍ନାତକଧାରୀ। ଦୁଇ ଦୁଇଟା ମାଷ୍ଟର ଡିଗ୍ରୀ ସାଙ୍ଗକୁ ପି.ଏଚ.ଡି,ଏମ୍.ଫିଲ୍ ଓ ଡି.ଲି.ଟି ଙ୍କ ସଂଖ୍ୟା ମଧ୍ୟ କମ୍ ନୁହେଁ। ଆମେ ଖାଲି ପାଠ ପଢି ବଡ଼ ମଣିଷ ହୋଇଛୁ ତାହା ନୁହେଁ ବରଂ ଆମେ ଏତେ ବଡ ହୋଇ ଯାଇଛୁ ଯେ ଆମକୁ କିଏ ଚାହିଁଲେ ବି ଧରି ପାରିବେ ନାହିଁ। କାହାରି ହାତ ଆମ ମସ୍ତକ ଉପରକୁ ପାଇବ ନାହିଁ। ଆମର ନଭଶ୍ଚୁମ୍ବୀ ମସ୍ତକ ନୁଆଇଁବା ଆଉ ସମ୍ଭବପର ନୁହେଁ। ଏତଦବ୍ୟତୀତ ଯେଉଁ କେତେଜଣ ବ୍ୟକ୍ତି ପାଠ ପଢ଼ି ମଧ୍ୟ ଦୁର୍ଭାଗ୍ୟବଶତଃ ଟିକିଏ ତଳେ ଅଛନ୍ତି ସେମାନେ ବି କୌଣସି ଗୁଣରେ କମ୍ ନାହାନ୍ତି ମ! କଳେ ବଳେ କୌଶଳେ ନତୁବା ଟେବୁଲ୍ ତଳେ ନ୍ୟାୟରେ ଅହରହ ସେମାନଙ୍କର ପ୍ରୟାସ ଜାରି ରହିଛି ଉପରକୁ ଉଠିବା ପାଇଁ। ଖୁବ୍ ଶୀଘ୍ର ସେମାନେ ମଧ୍ୟ ବଡ଼ ମଣିଷ ଗ୍ରୁପରେ ସାମିଲ ହୋଇଯିବେ। ସେଦିନର ମଧୁ ବାରିଷ୍ଟର ସିନା କାଳିଆ ଘୋଡାରେ ଚଢ଼ିଥିଲେ (କଳାବସ୍ତ୍ର ପରିଧାନ କରି ଓଡ଼ିଶାବାସୀଙ୍କର ନ୍ୟାୟ ପାଇଁ ବ୍ରିଟିଶ ମାନଙ୍କ ସହ ଲଢ଼େଇ କରିଥିଲେ)କିନ୍ତୁ ଆଜିର ପାଠ ପଢୁଆ ପିଲାମାନେ ବିଦେଶୀ କମ୍ପାନୀର ଦାମିକା ଗାଡ଼ି ଚଢ଼ିଲେଣି, ରକେଟ ମାଧ୍ୟମରେ ମହାକାଶକୁ ଯାତ୍ରା କଲେଣି। କେବଳ ସେତିକି ନୁହେଁ ଆଧୁନିକତାର ଦ୍ୱାହି ଦେଇ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାକୁ ପାଥେୟ କରି ବିଶ୍ୱର ବୃହତ୍ତମ ଶକ୍ତିଶାଳୀ ରାଷ୍ଟ୍ର ସହ ଲଢେଇ କଲେଣି। ଏ ସବୁ ହାସଲ କରି ଆମେ ବଡ଼ ମଣିଷ ହୋଇଛୁ ସତ କିନ୍ତୁ ଆମେ ଭଲ ମଣିଷ କି ନୁହେଁ ଚିନ୍ତାକରିବାର ସମୟ ଆସିଛି। ମୋର ଶିକ୍ଷାଦାନ ବୃତ୍ତିରେ ଅଧ୍ୟାପକ ଭାବେ ଯୋଗଦାନ କରିବା ଦିନଠାରୁ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ ଅନୁସାରେ ଛାତ୍ରଛାତ୍ରୀମାନଙ୍କର ଆଡ଼ମିଶନର ଅତିରିକ୍ତ ଦାୟିତ୍ୱ ଭାର ଗ୍ରହଣ କରିବାଦ୍ୱାରା ଅନେକ ମେଧାବୀ ଓ ସେମାନଙ୍କର ଅଭିଭାବକମାନଙ୍କ ସହ କିଛି ସମୟ ବିତେଇବାର ସୁଯୋଗ ମିଳିଛି। ଛାତ୍ରଛାତ୍ରୀମାନଙ୍କର ଆଡ଼ମିଶନ ସମୟରେ ସେମାନଙ୍କର ପରିଚୟ ଓ ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚ୍ ସମୟରେ କଥା ଛଳରେ ସେମାନଙ୍କୁ ଓ ସେମାନଙ୍କର ଅଭିଭାବକମାନଙ୍କୁ ନିଜର ସନ୍ତାନ ସନ୍ତତିଙ୍କର ଭବିଷ୍ୟତର ଲକ୍ଷ୍ୟ ସମ୍ପର୍କରେ ପଚାରିଲେ କିଏ କୁହେ ଡାକ୍ତର ହୋଇ ରୋଗୀ ସେବା କରିବି, କିଏ କୁହେ ରାଜନୀତିରେ ମାତିବି, କିଏ କୁହେ ମୁଁ ଇଞ୍ଜିନିୟର ହେବି ତ କିଏ କୁହେ ମୁଁ ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେବି, କିଏ କୁହେ ମୁଁ ସୈନିକ ହୋଇ ଦେଶର ସୁରକ୍ଷା କରିବି ତ କିଏ ପୁଣି କୁହେ ମୁଁ ଆରକ୍ଷୀ ବିଭାଗରେ ରହିବି, କିଏ କୁହେ ମୁଁ ନେତା ହୋଇ ରାଜ୍ୟ ଶାସନ କରିବି, କିଏ କୁହେ ମୁଁ ବ୍ୟାଙ୍କିଙ୍ଗ ସଂସ୍ଥାରେ କାର୍ଯ୍ୟ କରିବି ତ କିଏ ପୁଣି କୁହେ ମୁଁ ଓକିଲ ହୋଇ ଦେଶରେ ଆଇନର ରକ୍ଷକ ହେବି ଇତ୍ୟାଦି। ବିଦ୍ୟାଳୟ ଶିକ୍ଷା ସମାପ୍ତ କରି, ମନରେ ଏହିଭଳି ଅନେକ ସ୍ୱପ୍ନ ଓ ସମ୍ଭାବନାକୁ ନେଇ ଛାତ୍ରଛାତ୍ରୀମାନେ ନୂଆକରି ମହାବିଦ୍ୟାଳୟରେ ପାଦ ଥାପିଥାନ୍ତି। ଅଳ୍ପ ବୟସରେ ସେମାନଙ୍କର ଉଚ୍ଚ ଚିନ୍ତାଧାରା ନିଶ୍ଚିତ ଭାବେ ମୋ ପକ୍ଷେ ସ୍ୱାଗତଯୋଗ୍ୟ। ଭଗବାନ କରନ୍ତୁ ସମସ୍ତେ ନିଜ ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ଯାଆନ୍ତୁ। ଏହି ସମୟ ମଧ୍ୟରେ ମୋର ଚାହୁଁଚାହୁଁ ଅଧ୍ୟାପନା ଜୀବନର ଏକ ଦଶନ୍ଧି ବିତିଗଲାଣି। ଜୀବନରେ କେତେ ସଫଳ ହୋଇଛି କେତେ ବିଫଳ ହୋଇଛି, କେତେ ପ୍ରଶଂସା ସାଉଁଟିଛି, କେତେ ନିନ୍ଦା ଶୁଣିଛି ତାହା ତ ଅଲଗା କଥା କିନ୍ତୁ ନିଶ୍ଚିତ ଭାବେ ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତର ଲକ୍ଷ୍ୟ ସମ୍ପର୍କରେ ଛାତ୍ରଛାତ୍ରୀ ଏବଂ ସେମାନଙ୍କର ଅଭିଭାବକମାନଙ୍କର ମତ ମୋତେ ବାସ୍ତବିକ୍ ଆଶ୍ଚର୍ଯ୍ୟ କରିଛି। ଏହିଭଳି ମତକୁ ନେଇ ମୋ ମନରେ ଏକ ପ୍ରଶ୍ନ ଉଙ୍କି ମାରିଛି। ଏହାକୁ ନେଇ ଅନେକ ଥର ଚିନ୍ତା କରିଛି, ସମୀକ୍ଷା ମଧ୍ୟ କରିଛି। ପ୍ରଶ୍ନଟିର ଉତ୍ତର ପାଇବା ପାଇଁ ଅନେକ ବିଜ୍ଞ ବ୍ୟକ୍ତି ତଥା ଶିକ୍ଷାବିତ୍ ମାନଙ୍କ ସହ ମଧ୍ୟ ମୋର ବ୍ୟକ୍ତିଗତ ପ୍ରଶ୍ନଟିକୁ ରଖିଛି, ତଥାପି ସନ୍ତୋଷ ଜନକ ଉତ୍ତର ପାଇନାହିଁ। କେବଳ ସେତିକି ନୁହେଁ ବିଭିନ୍ନ ସେମିନାର, କନଫରେନ୍ସ ଇତ୍ୟାଦିରେ ଯଦି କେବେ ବି କହିବାର ସୁଯୋଗ ମିଳିଛି ସେଠି ମଧ୍ୟ ସେହି ସମାନ ପ୍ରଶ୍ନ ଉତ୍ଥାପନ କରିଛି। କାହିଁକି କେଜାଣି ସେହି ଅସମାହିତ ପ୍ରଶ୍ନ: 'କାହିଁକି କେହି ଜଣେ ହେଲେ ପିଲା ବି କହୁ ନାହାନ୍ତି ଯେ ମୁଁ ପାଠ ପଢି ଜଣେ ଭଲ ମଣିଷ ହେବି କିମ୍ବା କେହି ଜଣେ ହେଲେ ଅଭିଭାବକ କହୁନାହାନ୍ତି ଯେ ସେ ଯାହା ବି ହେଉ ମୋ ସନ୍ତାନ କିମ୍ବା ସନ୍ତତି ଏ ସମାଜରେ ଜଣେ ମଣିଷ ପରି ମଣିଷ ହେଉ' ମୋର ମନକୁ ବିଚଳିତ କରି ଚାଲିଛି। ମୁଁ ଏବେ ମଧ୍ୟ ଏହି ପ୍ରଶ୍ନର ଉତ୍ତର ସନ୍ଧାନରେ ଅନୁସନ୍ଧିତ୍ସୁ। କାହିଁକି ବା କିଏ ଚାହିଁବ ଭଲ ମଣିଷ ହେବା ପାଇଁ? ବହୁତ୍ ଅନୁଧ୍ୟାନ କଲାପରେ ଅନୁଭବ କଲି,ଏହାର ଉତ୍ତର ବୋଧହୁଏ ଏଇଆ ହେଇପାରେ ଯେ, ସମାଜରେ ଭଲ ମଣିଷ କଣ ଗୋଟେ ପରିଚୟ! ନା.. ନା...ଆଧୁନିକ ସମାଜର ମଣିଷ ପାଇଁ ଭଲ ମଣିଷ କେବେ ଜମା ଏକ ପରିଚୟ ନୁହେଁ! ଅଭିଭାବକମାନେ ନିଜର ସନ୍ତାନ ସନ୍ତତିକୁ ସହରର ଚାକଚକ୍ୟ ଘରୋଇ ଶିକ୍ଷାନୁଷ୍ଠାନ ତଥା ଆଧୁନିକତାର ବର୍ଣ୍ଣାଢ଼୍ୟ ପରିବେଶରେ ପାଠ ପଢାଇ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରନ୍ତି କଣ ଭଲ ମଣିଷ ହେବା ପାଇଁ! କଣ ମିଳିବ ସେ ଭଲ ମଣିଷ ହେବାରୁ? ନା ଅଛି ଉଚ୍ଚ ବେତନ ନା ଅଛି ସମ୍ମାନ। ପଦ ଓ ପଦୋନ୍ନତି ସାତ ସପନ। ନା ଅଛି କ୍ଷମତା ନା ଅଛି ସମ୍ମାନ। ବରଂ କ୍ଷମତାରେ ରହିଲେ ବା ଛୋଟ ହେଉ ପଛେ ସରକାରୀ ଚାକିରୀଟିଏ କଲେ ଆଜିକାଲିର ଡ଼ାଡି ମମିମାନେ ସମାଜରେ ମୁଣ୍ଡ ଟେକି କହିବେ ଯେ ମୁଁ ପୁଅ କି ଝିଅ ସଫଳତାର ଶୀର୍ଷରେ ପହଞ୍ଚିଯାଇଛି। ଏଠି ସରକାରୀ ଚାକିରି ପାଇଁ ପ୍ରତିଯୋଗିତା ଚାଲିଛି। ପ୍ରତିଯୋଗିତାରେ ଘୋଡ଼ା ଦୌଡ଼ ଭଳି ଦୌଡ଼ରେ ଯଦି କିଏ ଜଣେ ଚାକିରି ପାଇଲା ତେବେ ତାକୁ ଆଜିର ସମାଜରେ ଜଣେ ସଫଳତମ ବ୍ୟକ୍ତି ଭାବେ ବିବେଚନା କରାଯାଏ। ଏହା ଶୁଣି ଚାକିରି ପାଇଥିବା ପିଲାର ଡ଼ାଡି ମମିଙ୍କର ପୈତୃକ ଆତ୍ମସମ୍ମାନ କାହିଁରେ କେତେ ବଢିଯାଏ। ତାଙ୍କୁ ସ୍ୱର୍ଗ ଦୁଇ ଅଙ୍ଗୁଳ ଭଳି ମନେ ହୁଏ। କାହିଁକି ବା ନହେବ ଯେ, ଚାକିରି କଲେ ସୁନିଶ୍ଚିତ ରୋଜଗାର, ପଦବୀ ସୁରକ୍ଷିତ, ନିୟମିତ ପଦୋନ୍ନତି, ଭବିଷ୍ୟତରେ ପେନସନ୍, ଭବିଷ୍ୟନିଧିର ଆର୍ଥିକ ଲାଭ, ସାମାଜିକ ପ୍ରଶଂସା, କର୍ମସ୍ୱାସ୍ଥ୍ୟ ବୀମା, ଛୁଟି, ପରିବହନ ସୁବିଧା, ଚପରାସୀ ଓ ମେହେନ୍ତର ସୁବିଧା, ମାଗଣା ଘର, ମାଗଣା ବିଦ୍ୟୁତ୍ ଭଳି ଆକର୍ଷଣୀୟ ସୁବିଧା କଣ କେଉଁ ଭଲ ମଣିଷ ହେଲେ ମିଳିବ କି? ପଶୁର ବିବର୍ତ୍ତିତ ରୂପ ହେଉଛି ମଣିଷ। ଏହି ବିବର୍ତ୍ତନ ଘଟି ମଣିଷ ଆଧୁନିକତାର ଚରମ ସୀମାରେ ପହଞ୍ଚିଗଲାଣି। ନୂତନତ୍ୱର ସନ୍ଧାନରେ ମତୁଆଲା ହୋଇ ଦିନକୁ ଦିନ ନିଜର ବିଦ୍ୟା ବୁଦ୍ଧି ବଳରେ ଅସାଧ କାର୍ଯ୍ୟକୁ ନିୟନ୍ତ୍ରଣ କରି ସମାଜରେ ସଭ୍ୟ ଶିକ୍ଷିତ ବୋଲାଉଥିବା ମଣିଷମାନଙ୍କ ମଧ୍ୟରେ ଜ୍ଞାନୀଙ୍କ ସଂଖ୍ୟା ନଗଣ୍ୟ। ଖାଲି ଉଚ୍ଚ ଶିକ୍ଷିତ ହେଲେ ହେବ ନାହିଁ ବରଂ ସମାଜରେ ମଣିଷ ଭଳି ମଣିଷଟିଏ ହେବା ପାଇଁ ଚେଷ୍ଟା କରିବା ଦରକାର ଆମେ। ଅତୀତରେ ଉତ୍କଳମଣି ଗୋପବନ୍ଧୁଙ୍କ ଆହ୍ୱାନରେ ପଣ୍ଡିତ ଗୋଦାବରୀଶ ମିଶ୍ର ବିଦେଶରେ ଉଚ୍ଚ ଚାକିରିର ପ୍ରତିଶ୍ରୁତି ଏଡାଇ ଦେଇ ଓଡ଼ିଶାରେ ଶିକ୍ଷାର ପ୍ରଚାର ପ୍ରସାର ନିମନ୍ତେ ଓଡ଼ିଶା ଶିକ୍ଷାର ଏନ୍ତୁଡ଼ିଶାଳ ସତ୍ୟବାଦୀ ବନବିଦ୍ୟାଳୟରେ ଯୋଗ ଦେଇଥିଲେ। ଓଡ଼ିଆ କାବ୍ୟ ସାହିତ୍ୟର ଅନ୍ୟତମ ଉଜ୍ଜ୍ୱଳ ତାରକା ଜାତୀୟ କବି ବୀରକିଶୋର ଦାସ ମଧ୍ୟ ଚାକିରିର ମୋହରୁ ମୁକୁଳି ଦେଶର ସ୍ୱାଧୀନତା ସଂଗ୍ରାମ, ଅସହଯୋଗ ଆନ୍ଦୋଳନ ଓ ଲବଣ ସତ୍ୟାଗ୍ରହ ସମୟରେ ଅଗ୍ନିବର୍ଷୀ କବିତାର ଝଙ୍କାର ସୃଷ୍ଟି କରି ଇଂରେଜ ସରକାରଙ୍କ ବିରୋଧରେ ବିପ୍ଳବ, ଜାତୀୟତାବୋଧର ସ୍ପନ୍ଦନ ସୃଷ୍ଟି କରିଥିଲେ। ସେମାନଙ୍କର ଭଲ ମଣିଷ ପଣିଆ ଆମମାନଙ୍କ ମନରେ ଜାଗ୍ରତ ହେବା ଦରକାର। ମରିଯାଇନି ମାନବିକତା। ଆଜି ବି ଭଲ ମଣିଷ ସମାଜରେ ଅଛନ୍ତି। କିଛି ଲୋକ ପର ଆପଣା ଭେଦଭାବରୁ ରହିଛନ୍ତି ବହୁ ଉର୍ଦ୍ଧ୍ୱରେ। ଯିଏକି ବିଦେଶୀ କମ୍ପାନୀ ଚାକିରିର ମୋଟା ଅଙ୍କର ଦରମାକୁ ଛାଡି ନିଜ ଜୀବନକୁ ଅସହାୟ ଲୋକଙ୍କ ସେବାରେ ଉତ୍ସର୍ଗୀକୃତ କରିଛନ୍ତି। ଆଉ ଯୋଗାଇ ଚାଲିଛନ୍ତି ନିଃସ୍ୱାର୍ଥପର ସେବା। ଯେତେବେଳେ ସାହାଯ୍ୟ ସହଯୋଗ ପାଇଁ ନିଜ ଲୋକଙ୍କ ନିକଟରେ ସମୟ ରହୁନାହିଁ ସେହି ସମୟରେ ବିନା ମୂଲ୍ୟରେ ସହଯୋଗ କରିବା ପାଇଁ ଅନେକ ଲୋକ ଆଗେଇ ଆସିଛନ୍ତି। ଭାରତ ବିଶ୍ୱରେ ଏକ ମାତ୍ର ଦେଶ ଯେଉଁଠି ନାରା ଦିଆଯାଏ 'ସର୍ବେ ଭବନ୍ତୁ ଶୁଖିନଃ'ଅର୍ଥାତ୍ ସମସ୍ତେ ସୁଖରେ ରୁହନ୍ତୁ। ଆମେ ହେଉଛୁ ସେହି ମାଟିର ସନ୍ତାନ ଯେଉଁଠି ନିଜ ସହ ଅନ୍ୟମାନଙ୍କର ଆମେ ମଙ୍ଗଳ ମନାସିଥାଉ। ତେଣୁ ଆମେ ପାଠ ପଢ଼ି ଚାକିରି ପଛରେ ଗୋଡାଇଲେ ଦେଶରେ ଖାଲି ଚାକର ସୃଷ୍ଟି ହେଉଥିବେ କିନ୍ତୁ ଭଲ ମଣିଷ ନୁହେଁ। ଆମକୁ ଅନୁଭବ କରିବାକୁ ପଡ଼ିବ ଏହାର ଗୁରୁତ୍ୱକୁ। ସମସ୍ତେ ଚାହିଁବା ଦରକାର ଯେ ମୁଁ ମଣିଷ ପରି ମଣିଷ ଟିଏ ହେବି। ଭଲ ମନରେ ମୁଁ ସମସ୍ତଙ୍କର ମଙ୍ଗଳ ଚାହୁଁଥିବି, ସମସ୍ତଙ୍କୁ ସ୍ନେହ, ଶ୍ରଦ୍ଧା ବାଣ୍ଟୁଥିବି, ଗୁରୁଜନଙ୍କ ସେବା କରୁଥିବି, କାହା ଅପକାର ନଚାହିଁବି, ଅନ୍ୟ ସୁଖ ଦେଖି ଖୁସି ହେବି, ପର ଦୁଃଖେ ଦୁଃଖି ହେଉଥିବି, ସୁନ୍ଦର ଶରୀରେ ମନ ମୁଁ ନଦେଇ ସଦା ଗୁଣବାନ ହେଉଥିବି, ସତ୍ୟ ଧର୍ମ ନ୍ୟାୟ ପାଳନକରି ନୀତି ସତ୍ କର୍ମ କରୁଥିବି। ଚିନ୍ତା ଚେତନାକୁ ସ୍ଥିର କରି ମନ ନିର୍ମଳ ରଖିବି, ମଧୁ ଭାଷା ମୁଖେ ଭରି ସଭିଙ୍କୁ ଆଦର କରୁଥିବି, ସତ କଥାରେ ମୁଁ ମନ ମୋହି ସଭିଙ୍କର ପ୍ରିୟପାତ୍ର ହେବାକୁ ଚେଷ୍ଟା କରିବି। କନିଷ୍ଠଙ୍କ ଠାରେ ସ୍ନେହ ରଖୁଥିବି। ସାରା ବିଶ୍ୱକୁ କୁଟୁମ୍ବ ଭାବି ନିରନ୍ତର ଭାବେ ସେବା କରୁଥିବି। କାହାର ଅପକାର କଥା ମନେ ଭାବିବନି। ସୁସ୍ଥ ଶରୀରରେ ଅନ୍ୟମାନଙ୍କର ସେବା କରିବି। ସୁନ୍ଦର ଦୁନିଆ ଗଢ଼ିବାକୁ ହେଲେ ମତେ ନିଜକୁ ପରିବର୍ତ୍ତନ ହେବାକୁ ପଡିବ ତେଣୁ ନିଜେ ଭଲ ହେଲେ ଏ ସାରା ସଂସାର ମତେ ଭଲ ଦିଶିବ। ତେଣୁ ଜଗତଜନର ହିତସାଧନା କରିବା ଉଦେଶ୍ୟରେ ମୁଁ ନିଜେ ପ୍ରଥମେ ଭଲ ମଣିଷଟି ହେବାକୁ ପ୍ରୟାସ କରିବି।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୫ ସେପ୍ଟେମ୍ବର ୨୦୨୪ ବୁଧବାର



# ବିତର୍କରେ ରେଭେନ୍ସା (୨)

ଗତ କିଛିଦିନ ତଳେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୧୫୬ ବର୍ଷର ପୁରୁଣା କଲେଜ ରେଭେନ୍ସାର ନାମ ପରିବର୍ତ୍ତନ ପାଇଁ ଦେଇଥିବା ପ୍ରସ୍ତାବକୁ ଚାରିଆଡ଼ୁ ପ୍ରବଳ ବିରୋଧ କରାଯାଉଛି। ଅନେକ ପୁରାତନ ଛାତ୍ରଛାତ୍ରୀ, ଗବେଷଣାରତ ଛାତ୍ରଛାତ୍ରୀ ଏବଂ ବର୍ତ୍ତମାନ ପଢୁଥିବା ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକ, ପ୍ରଶାସନିକ ଅଧିକାରୀ, ଜ୍ଞାନୀ, ଗୁଣୀ, ସର୍ବୋପରି ରେଭେନ୍ସାରୁ ଉତ୍ତୀର୍ଣ୍ଣ ହୋଇଥିବା ଅଧିକାଂଶ ବିଦ୍ୟାର୍ଥୀ ଯେଉଁମାନେ ଆଜି ଉଚ୍ଚ ପଦପଦବୀରେ ଅଧିଷ୍ଠିତ ଏହି ନାମ ପରିବର୍ତ୍ତନକୁ ନେଇ ଭାଙ୍ଗି ପଡ଼ିଛନ୍ତି। ଏହାକୁ ନେଇ ପ୍ରଧାନମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ ସମ୍ମାନନୀୟ ବ୍ୟକ୍ତି ବିଶେଷଙ୍କ ଲେଖିଥିବା ପତ୍ର ଆମର ହସ୍ତଗତ ହୋଇଛି। ଆଉ କେତେକ ନିର୍ଦ୍ଦିଷ୍ଟ ମହଲରେ ଏହି ନାମ ପରିବର୍ତ୍ତନକୁ ମଧ୍ୟ ସମର୍ଥନ କରାଯାଉଛି। ତେବେ ସମର୍ଥକଙ୍କ ଠାରୁ ବିରୋଧୀଙ୍କ ସଂଖ୍ୟା ଢେର ଅଧିକ। ରେଭେନ୍ସା ନାଁ ଟି କୋଟି କୋଟି ଓଡ଼ିଆଙ୍କ ଅସ୍ଥିମଜ୍ଜାଗତ ତାହା ବରିଷ୍ଠ ଲେଖକଙ୍କ ଆଲୋଚନା ଦ୍ୱାରା ସୂଚେଇ ଦେବାକୁ ଆମର ସାମାନ୍ୟ ଚେଷ୍ଟା। ଏହି ବିତର୍କରେ କେହି ଭାଗ ନେବାକୁ ଚାହୁଁଥିଲେ ସମ୍ବାଦ କଳିକା କାର୍ଯ୍ୟାଳୟକୁ ଯୋଗାଯୋଗ କଲେ ଆମ ତାଙ୍କ ଲେଖାକୁ ମଧ୍ୟ ସ୍ଥାନିତ କରିବୁ ।

ସମ୍ବାଦ କଳିକା, ୪୬୪, ସହିଦନଗର,
ଭୁବନେଶ୍ୱର-୭

**ଲକ୍ଷ୍ମୀ ଚାନ୍ଦ**
**ବରିଷ୍ଠ ସହ ସମ୍ପାଦିକା**
**ସମ୍ବାଦ କଳିକା**

## ରେଭେନ୍ସା କଲେଜକୁ ନେଇ ନାମ ପରିବର୍ତ୍ତନ ପ୍ରସ୍ତାବ ଅପ୍ରାସଙ୍ଗିକ

ରେଭେନ୍ସା କଲେଜର ନାମକୁ ନେଇ କେନ୍ଦ୍ର ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ମନ୍ତବ୍ୟକୁ ମୁଁ ବିରୋଧ କରୁଛି। କାରଣ ଏହା ବର୍ତ୍ତମାନ ସମୟରେ ଅପ୍ରାସଙ୍ଗିକ । ଟି.ଇ ରେଭେନ୍ସା ଓ ରେଭେନ୍ସା କଲେଜ ଏକ ଓ ଅଭିନ୍ନ। ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ରେଭେନ୍ସା କଲେଜ ଏକ ମାଇଲ୍ ଖୁଣ୍ଟ। ସେତେବେଳର ଓଡ଼ିଶା କମିଶନର ଟି.ଇ ରେଭେନ୍ସାଙ୍କ ଶିକ୍ଷାର ପ୍ରସାର କ୍ଷେତ୍ରରେ ଉତ୍ସର୍ଗୀକୃତ ମନୋଭାବ ଓ ନିରାଷ୍ଠାପର ଉଦ୍ୟମ ଯୋଗୁଁ ରେଭେନ୍ସା କଲେଜ ଆଜି କେବଳ ଓଡ଼ିଶାରେ ନୁହେଁ, ସାରା ଭାରତରେ ଗୋଟିଏ ଅଗ୍ରଣୀ ସୁନାମଧନ୍ୟ ବିଶ୍ୱବିଦ୍ୟାଳୟର ମାନ୍ୟତା ଲାଭ କରିଛି। ଟି.ଇ ରେଭୋନ୍ସାଙ୍କୁ ନଅଙ୍କ ଦୁର୍ଭିକ୍ଷ ପାଇଁ ଦାୟୀ କରି ତାର ନାମ ପରିବର୍ତ୍ତନ କରିବା ପାଇଁ ଆହ୍ୱାନ ଦେବା ଅବିମୃଶ୍ୟକାରିତା ଛଡ଼ା ଅନ୍ୟ କିଛି ନୁହେଁ। ଧର୍ମେନ୍ଦ୍ର ବାବୁଙ୍କ ଭଳି କେନ୍ଦ୍ର ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପକ୍ଷେ ଏଭଳି କହିବା ଠିକ୍ ହୋଇନାହିଁ। ଓଡ଼ିଶାର ବୌଦ୍ଧିକ ବିକାଶ କ୍ଷେତ୍ରରେ କମିଶନର ରେଭେନ୍ସାଙ୍କ ଅବଦାନକୁ ନ୍ୟୁନ କରିବା ଓଡ଼ିଶାର ମହାନୁଭବତାର ବିରୋଧି। ତାହେଲେ ମହାମାରୀ କୋଭିଡ଼ରେ ଅସଂଖ୍ୟ ମୃତାହତଙ୍କ ପାଇଁ କାହାକୁ ଦାୟୀ କରାଯିବ କୁହନ୍ତୁ ? କଟକ ସହର, ରେଭେନ୍ସା କଲେଜ, କଟକର ବଡ଼ ମେଡ଼ିକାଲ, ବାରବାଟୀ ଦୁର୍ଗ ଓଡ଼ିଶା ସ୍ୱାଭିମାନର ଗୋଟିଏ ଗୋଟିଏ ପ୍ରତୀକ। ୧୮୬୬ ମସିହାର ନଅଙ୍କ ଦୁର୍ଭିକ୍ଷ ଯୋଗୁ ଖାଇବାକୁ ନ ପାଇ ଲକ୍ଷାଧିକ ଲୋକଙ୍କର ଜୀବନହାନୀ ଘଟିବା ଆମ ସମସ୍ତଙ୍କ ପାଇଁ ଦୁଃଖଦ ବିଷୟ। ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଘଟଣା ଘଟିଥିଲା ୧୮୬୬ ମସିହାରେ। ତାର ପ୍ରାୟ ୮୦/୮୧ ବର୍ଷ ପରେ ଦେଶ ସ୍ୱାଧୀନ ହେଲା। ପୁଣି ଆଜକୁ ସେ ଘଟଣାର ୧୫୦ ବର୍ଷରୁ ବେଶୀ ସମୟ ବିତିଗଲାଣି। ଏତେଦିନ ପରେ ଏକଥା କହିବାର ମାନେ କ'ଣ ? ପୁଣି ମନେ ରଖିବା ଦରକାର ଯେ, ଦେଶ ପରାଧୀନ ଥିଲାବେଳେ ଇଂରେଜ ସରକାରଙ୍କ ଓଡ଼ିଶା କମିଶନର ବି ଜଣେ ବିଦେଶୀ ଥିଲେ। ତଥାପି ଓଡ଼ିଶା ପ୍ରତି ତାଙ୍କର ଅବଦାନ, ଶିକ୍ଷାର ପ୍ରସାର ପାଇଁ ନିରବଚ୍ଛିନ୍ନ ଉଦ୍ୟମ ଯୋଗୁ ଓଡ଼ିଆ ଭାଷା ଓ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ଏକ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଥିଲା। ପରବର୍ତ୍ତୀ ରେଭେନ୍ସାରେ ପାଠ ପଢି କୃତିତ୍ୱ ଅର୍ଜନ କରିଥିବା ବରପୁତ୍ରମାନେ ତାକୁ ଆଗେଇ ନେବା ଫଳରେ ଆଜି ଆମେ ଏଠାରେ ପହଞ୍ଚିଛେ। ପରାଧୀନ ଭାରତରେ ବିଦେଶୀ ଶାସନକୁ ସମର୍ଥନ ଦେବା ଓ ଆଜି ଜଣେ ଦକ୍ଷ ସଚ୍ଚୋଟ ଅଫିସରଙ୍କୁ ନିନ୍ଦା କରିବା ଏଭଳି ୟୁଟର୍ଣ୍ଣ କାହିଁକି ? ଟି.ଇ ରେଭେନ୍ସାଙ୍କର ବ୍ୟକ୍ତିତ୍ୱର ଦୁଇଟି ଦିଗକୁ ବିଚାର କରିବାର ଆବଶ୍ୟକତା ରହିଛି। ଗୋଟିଏ ହେଲା ତାଙ୍କ ସମୟରେ ଘଟିଥିବା ନଅଙ୍କ ଦୁର୍ଭିକ୍ଷରେ ତାଙ୍କର ଭୂମିକା ଓ ଅନ୍ୟଟି ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ତାଙ୍କର ଅବଦାନ। ୧୮୬୫ ମସିହାରେ ସେ ଓଡ଼ିଶାର କମିଶନର ଦାୟିତ୍ୱ ନେଲେ। ୧୮୬୬ରେ ନଅଙ୍କ ଦୁର୍ଭିକ୍ଷ ପଡ଼ିଲା। ଦୀର୍ଘଦିନ ଧରି ବର୍ଷା ନହେବା, ଧାନ ଉତ୍ପାଦନ କମିବା, ଚାଉଳ ନ ମିଳିବା ଏହାର ମୁଖ୍ୟ କାରଣ। ସେତେବେଳେ ଅବସ୍ଥା, ପରିବେଶକୁ ନ ବୁଝି ଏଥିପାଇଁ ୨୦୨୪ ମସିହାରେ କମିଶନରଙ୍କୁ ଦୋଷ ଦେବା ଠିକ୍ ହେବ ନାହିଁ। ଯଦିଓ କମିଶନର ରେଭେନ୍ସା ନିଜେ ଦୁର୍ଭିକ୍ଷର ପରିଣାମ ନିଜ ମୁଣ୍ଡକୁ ନେଇଛନ୍ତି ଓ ଅନୁତାପ ମଧ୍ୟ କରିଛନ୍ତି। ତେବେ କେଉଁ ପରିସ୍ଥିତିରେ ଏହା ଘଟିଲା, ତାହା ବିଚାର କଲେ କଥାଟି ଆହୁରି ପରିଷ୍କାର ହୋଇଯିବ। ଏହା ପ୍ରାକୃତିକ ବିପର୍ଯ୍ୟୟ କେବେ ଆଗରୁ ଘଟିନଥିଲା। ତେଣୁ ଇଂରେଜ ସରକାରଙ୍କର ଅଭିଜ୍ଞତା ମଧ୍ୟ ଏ ଦିଗରେ କମ୍ ଥିଲା। ଯୋଗାଯୋଗର ମାଧ୍ୟମ ଅତ୍ୟନ୍ତ ଦୁର୍ବଳ ଥିଲା। ସଡ଼କ ପଥ କଲିକତାରୁ ପୁରୀ ନାନା ଭାବରେ ଖଣ୍ଡିତ ଥିଲା। ଫୋନ୍ ନଥିଲା, ଟେଲିଗ୍ରାମ ଓ ଚିଠି ସରକାରୀ କାର୍ଯ୍ୟର ମାଧ୍ୟମ ଥିଲା। ସେହି ସମୟରେ ପୁରୀ କଲେକ୍ଟର ବାର୍ଲୋଙ୍କ ପରାମର୍ଶକୁ ଠିକ୍ ଭାବରେ କାର୍ଯ୍ୟକାରୀ କରିଥିଲେ ନଅଙ୍କ ଦୁର୍ଭିକ୍ଷର ଭୟାବହତାକୁ କମାଯାଇ ପାରିଥାନ୍ତା। କମିଶନରଙ୍କୁ ଯେଉଁ ତଥ୍ୟ ଅନ୍ୟ ସରକାରୀ କର୍ମଚାରୀମାନେ ଦେଇଥିଲେ ତାହା ଥିଲା ଏହିଭଳି। ଓଡିଶାରେ ରାଜା, ଜମିଦାର, ମଠ ଓ ଚାଉଳ ବେପାରୀଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣରେ ଚାଉଳ ରହିଛି ଯାହା ଆବଶ୍ୟକସ୍ଥଳେ ବ୍ୟବହାର କରାଯାଇ ପାରିବ। ତେଣୁ ଦୁର୍ଭିକ୍ଷ ବେଳେ ଚାଉଳ ବାହାରୁ ଆଣି ମହଜୁଦ କରିବାର ଆବଶ୍ୟକତା ସେତେବେଶି ଅନୁଭବ କରାଯାଇ ନଥିଲା। କିନ୍ତୁ ଦୁର୍ଭିକ୍ଷ ବଡ଼ ସଙ୍ଗୀନ ଥିଲା ଓ ଅବସ୍ଥା ବିଗୁଡ଼ୁ ଥିଲାବେଳେ ବାହାରୁ ଚାଉଳ ଆଣିବା ପାଇଁ ଉଦ୍ୟମ କରିବା ଓ ବିଭିନ୍ନ କାରଣରୁ ତାହା ବ୍ୟାହତ ହେବାକୁ ଲାଗିଲା। ଯଥା ଅତ୍ୟଧିକ ବର୍ଷା, ପ୍ରବଳ ବନ୍ୟା, ବନ୍ଧବାଡ଼ ଭାଙ୍ଗିବା ଓ ଝଡ଼ ଯୋଗୁ ଏହା ଧୀରେ ଧୀରେ ଅସମ୍ଭବ ହୋଇ ପଡ଼ିଥିଲା। ଉଡ଼ାଜାହାଜରେ ଚାଉଳ ଆଣିବାର ଅସମ୍ଭବ ଥିଲା। କେବଳ ଜଳପଥର ଉପଯୋଗ କରି ଚାଉଳ ପୁରୀ ଓ ଓଡ଼ିଶାର ଅନ୍ୟାନ୍ୟ ଜାଗାକୁ ଅଣାଯାଇଥିଲା। କିନ୍ତୁ ଷ୍ଟିମର ଓ ଜାହାଜରେ ଆସିଥିବା ଚାଉଳ ପ୍ରତିକୂଳ ପାଗ, ସମୁଦ୍ର କୂଳରେ ବଡ଼ ବଡ଼ ଢେଉ ଓ ବର୍ଷା ଯୋଗୁ ପୁରୀରେ ଅନଲୋଡ଼ ହୋଇପାରିଲା ନାହିଁ। ପୋତ ବା ହୁଲି ଡଙ୍ଗା ଭାଙ୍ଗିଯିବା, ବୁଡ଼ିଯିବା, ଚାଳକ, ନୋଳିଆ ମରିଯିବା, ଚାଉଳ ପାଣିରେ ପଡ଼ି ନଷ୍ଟ ହେବା ଯୋଗୁ ଚାଉଳ ଯୋଗାଣରେ ପ୍ରବଳ ବ୍ୟାଘାତ ଦେଖାଦେଲା। ଏପରିକି ଅନଲୋଡ଼ ହୋଇଥିବା କମ୍ ଚାଉଳ ମଧ୍ୟ ସମୁଦ୍ର କୂଳରୁ ପୁରୀକୁ ପ୍ରବେଶ କରିପାରିଲା ନାହିଁ। ସମସ୍ତ ଉଦ୍ୟମ ସତ୍ତ୍ୱେ ଏହା ଫେଲ୍ ମାରିବାରୁ ଜାହାଜ ବ୍ରହ୍ମପୁରକୁ ଫେରିଗଲା ଓ ଲୋକେ ଖାଇବାକୁ ପାଇଲେ ନାହିଁ। ପରେ କଲିକତା ଓ ଦାର୍ଜିଲିଂରୁ ଚାଉଳ ମଧ୍ୟ ଅଣାଯାଇଥିଲା। 'ଦେଶ, କାଳ, ପାତ୍ର' ବହିର ଲେଖକ ଐତିହାସିକ ଜଗନ୍ନାଥ ପ୍ରସାଦ ଦାସ ଓ ସେତେବେଳର ଅନେକ ଲେଖକ, ଐତିହାସିକ ନିଜ ନିଜର ଜୀବନୀରେ ଓ ଅନ୍ୟାନ୍ୟ ପ୍ରବନ୍ଧରେ ଏହା ଉଲ୍ଲେଖ କରିଛନ୍ତି। ଏହା ହିଁ ଐତିହାସିକ ସତ୍ୟ, ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଏ ସମସ୍ତ ପାରିପାର୍ଶ୍ୱିକ ଅବସ୍ଥାକୁ ଅନୁଧ୍ୟାନ କଲେ ନଅଙ୍କ ଦୁର୍ଭିକ୍ଷ ବିଭୀଷିକାକୁ ସାମ୍ନା କରିବା କେତେ ଯେ କଷ୍ଟକର ବ୍ୟାପାର ତାହା ଅନୁମାନ କରାଯାଇପାରେ। ଓଡ଼ିଶାର ମଠ, ଜମିଦାର, ରାଜା, ଚାଉଳ ବେପାରୀ, ବଡ଼ ବଡ଼ ଧନୀଲୋକଙ୍କର ଅମାରରୁ ଚାଉଳ ସଂଗ୍ରହ କରି ସାଧ୍ୟମତେ ବଣ୍ଟାଯାଇଛି। ବିଭିନ୍ନ ଜାଗାରେ ପ୍ରଶାସନର ଉଦ୍ୟମ ଯୋଗୁ ଅନ୍ନଛତ୍ର, ଚାଉଳ ବିକ୍ରି, ମାଗଣା ଚାଉଳ ମଧ୍ୟ ବଣ୍ଟାଯାଇଛି।

ଏ ସମସ୍ତ ଉଦ୍ୟମ ସମୁଦ୍ରକୁ ଶଙ୍ଖେ ଥିଲା। ଫଳରେ ଓଡ଼ିଶାର ଲୋକେ ଅକାଳରେ ମରିଛନ୍ତି, ଏହା ସ୍ୱୀକାର୍ଯ୍ୟ। ଏଥିପାଇଁ କେବଳ କମିଶନରଙ୍କୁ ଦୋଷ ଦେବା ଠିକ୍ ହେବ ନାହିଁ।

ଅନ୍ୟ ଦିଗଟି ହେଲା ରେଭେନ୍ସାଙ୍କ ଉଦ୍ୟମରେ ୧୮୬୮ ମସିହାରେ ଓଡ଼ିଶାରେ ଶିକ୍ଷାର ପ୍ରସାର ପାଇଁ ହୋଇଥିବା ଉଦ୍ୟମ ଓ ତାଙ୍କର ଅବଦାନକୁ କେହି ଅସ୍ୱୀକାର କରିପାରିବେ ନାହିଁ। ସେତେବେଳେ ରେଭେନ୍ସା ଅନୁଭବ କରିପାରିଥିଲେ ଯେ, ଅଶିକ୍ଷା ଯୋଗୁ ଓଡ଼ିଶାର ଅବସ୍ଥା ଅତ୍ୟନ୍ତ ଦୟନୀୟ। ତାଙ୍କର ନିଷ୍ଠାପର ଉଦ୍ୟମ ବଳରେ କଟକରେ ପ୍ରାଇମେରୀ ସ୍କୁଲ୍, ସେକେଣ୍ଡାରୀ ସ୍କୁଲ, କଲେଜିଏଟ ସ୍କୁଲ, ନର୍ସିଂ ସ୍କୁଲ୍, ବନ୍ଦୋବସ୍ତ ପାଇଁ ସର୍ଭେ ସ୍କୁଲ, ନାରୀ ଶିକ୍ଷା ପାଇଁ ବାଳିକା ବିଦ୍ୟାଳୟ, ଶିକ୍ଷକମାନଙ୍କ ଟ୍ରେନିଂ ପାଇଁ ସ୍କୁଲ୍, ଇଞ୍ଜିନିୟରିଂ ସ୍କୁଲ୍, ମେଡ଼ିକାଲ ସ୍କୁଲ୍ ପ୍ରତିଷ୍ଠା ଏକ ଏକ ଯୁଗାନ୍ତକାରୀ ଘଟଣା। ତତ୍କାଳୀନ ରାଜା ଜମିଦାର ମାନଙ୍କୁ ପ୍ରବର୍ତ୍ତାଇ ଶିକ୍ଷାନୁଷ୍ଠାନ ପାଇଁ ଚାନ୍ଦା ସଂଗ୍ରହ କରିବା, ଯାହାର ଫଳସ୍ୱରୂପ କନିକା ରାଜାଙ୍କ ଦ୍ୱାରା ରେଭେନ୍ସା କଲେଜର କନିକା ଲାଇବ୍ରେରୀ ପ୍ରତିଷ୍ଠା, ମୟୁରଭଞ୍ଜ ରାଜା ସାହେବ କୃଷ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ଦ୍ୱାରା ରେଭେନ୍ସା କଲେଜ ପାଇଁ ପର୍ଯ୍ୟାପ୍ତ ଦାନ ସଂଗ୍ରହ, ଏହାଛଡ଼ା ଆର୍ଥିକ ସ୍ୱଚ୍ଛଳ ବର୍ଗଙ୍କ ଲୋକଙ୍କ ଠାରୁ ଚାନ୍ଦା ପାଇଁ ଅହରହ ଉଦ୍ୟମ କମିଶନରଙ୍କ ଶିକ୍ଷାର ପ୍ରସାର ପାଇଁ ଏକ ଏକ ମାଇଲ୍ ଖୁଣ୍ଟ। କେବଳ କଟକ ନୁହେଁ, ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ସ୍କୁଲ୍ ପ୍ରତିଷ୍ଠା ପାଇଁ ଏକ ପରିବେଶ ସୃଷ୍ଟି ହୋଇଥିଲା। ଓଡ଼ିଆ ମାଧ୍ୟମ ସ୍କୁଲ୍ ପାଇଁ ଅଲଗା ଭାବେ ସ୍କୁଲ୍ ଇନିସ୍‌ପେକ୍ଟର ପଦବୀ ସୃଷ୍ଟି କରିବା ତାଙ୍କର ଅବଦାନ ଥିଲା। ଫଳରେ ଓଡ଼ିଶା ପାଇଁ ସର୍ବପ୍ରଥମ ଇନିସ୍‌ପେକ୍ଟର ଭାବେ ରାଧାନାଥ ରାୟଙ୍କ ଭଳି ଓଡ଼ିଆଙ୍କୁ ଏହି ପଦବୀରେ ଅଧିଷ୍ଠିତ କରାଯାଇଥିଲା। ସବ୍‌ଡିଭିଜନମାନଙ୍କରେ ସବ୍-ଇନିସପେକ୍ଟର ପଦବୀ ସୃଷ୍ଟି କରିବା ଓ ବିନା ବାଧାରେ ଶିକ୍ଷାକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ନିରନ୍ତର ଉଦ୍ୟମ କରାଯାଇଥିଲା। ଓଡ଼ିଆ ବ୍ୟାକରଣ ପୁସ୍ତକର ପ୍ରକାଶନ, ଓଡ଼ିଆ ଭାଷା ବଙ୍ଗଳା ଭାଷାର ଉପଭାଷା ନୁହେଁ, ଏହା ସଂସ୍କୃତରୁ ସୃଷ୍ଟି ବୋଲ ସ୍ପଷ୍ଟ କରିବା ଓ ଓଡ଼ିଆ ଭାଷାକୁ ସାମଗ୍ରିକ ଭାବେ ପ୍ରୋତ୍ସାହନ ଦେବା ଯୋଗୁ କମିଶନର ରେଭେନ୍ସା ଅତ୍ୟନ୍ତ ଲୋକପ୍ରିୟ ହୋଇପାରିଥିଲେ। ପରବର୍ତ୍ତୀ କାଳରେ ଫକୀର ମୋହନ ସେନାପତି, ଗୋଦାବରୀଶ ମିଶ୍ର, ମଧୁସୂଦନ ଦାସ, ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, ଗୋପୀନାଥ ମହାନ୍ତି, କାଳନ୍ଦୀଚରଣ ପାଣିଗ୍ରାହୀ, କାହ୍ନୁଚରଣ ମହାନ୍ତି ଆଦି ପ୍ରବୀଣ ଲେଖକ, ସାହିତ୍ୟିକ, ଐତିହାସିକ, ଗାଳ୍ପିକ, ଉପନ୍ୟାସିକଙ୍କ ଦ୍ୱାରା ଓଡ଼ିଆ ଭାଷା ଋଦ୍ଧିମନ୍ତ ଓ ବିକଶିତ ହେଲା। ମିଶନାରୀ ମାନଙ୍କ ଦ୍ୱାରା ଛାପାଖାନା ପ୍ରତିଷ୍ଠା, ଉତ୍କଳ ଦୀପିକା ଆଦି ଖବରକାଗଜ ପ୍ରତିଷ୍ଠା ଏ ଦିଗରେ ସମସ୍ତଙ୍କର ମିଳିତ ଉଦ୍ୟମକୁ ପ୍ରଶଂସା କରିବାକୁ ହେବ। ରେଭେନ୍ସାଙ୍କର ଏହି ନିଷ୍ଠାପର ଓ ଉତ୍ସର୍ଗୀକୃତ କାର୍ଯ୍ୟକୁ ହୃଦୟଙ୍ଗମ କରି ମୟୁରଭଞ୍ଜ ରାଜା ସାହେବ କଟକ କଲେଜକୁ ରେଭେନ୍ସାଙ୍କ ନାମରେ ନାମିତ କରିବାକୁ ପ୍ରସ୍ତାବ ଦେଇଥିଲେ ଯାହାକୁ ସମସ୍ତେ ଗ୍ରହଣ କରିନେଇଥିଲେ। କମିଶନରଙ୍କ ଯୁଗାନ୍ତକାରୀ ପଦକ୍ଷେପ ଯୋଗୁ ଓଡ଼ିଶାରେ ମୃତପ୍ରାୟ ଶିକ୍ଷା ବ୍ୟବସ୍ଥାର ଅଭୁତପୂର୍ବ ପ୍ରସାର ଘଟିଲା।

ଶିକ୍ଷା କ୍ଷେତ୍ରରେ ବଜେଟର ୧୦ଭାଗ ଖର୍ଚ୍ଚ କରିବା, ସାରା ଦେଶରେ ଏକ ପ୍ରକାର ମାଗଣା ଶିକ୍ଷାର ପ୍ରଚଳନ କରିବା, ଶିକ୍ଷାରେ ବ୍ୟବସାୟୀକରଣ ନ କରିବା, କୁସଂସ୍କାର, ଅନ୍ଧବିଶ୍ୱାସକୁ ହଟାଇ ବୈଜ୍ଞାନିକ ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରିବା, ଏଥିପାଇଁ ପ୍ରୋତ୍ସାହନ ଦେବା ଦିଗରେ ଧର୍ମେନ୍ଦ୍ର ବାବୁ କାର୍ଯ୍ୟ କଲେ ସମସ୍ତେ ନିଶ୍ଚୟ ପ୍ରଶଂସା କରିବେ, ଯାହା ହେଉନାହିଁ। ନିର୍ବାଚନ ବେଳେ ଦେଇଥିବା ପ୍ରତିଶ୍ରୁତି ପାଳନରେ ଟାଳଟଳୁ ନୀତି ଗ୍ରହଣ କରାଯାଉଛି ଓ ସାମ୍ବିଧାନିକ ଅଧିକାର ଆଜି ସୁରକ୍ଷିତ ନୁହେଁ। ସେ ଦିଗରେ କାର୍ଯ୍ୟ ନକରି ଅପ୍ରସଙ୍ଗକୁ ପ୍ରସଙ୍ଗ କରିବା, ରେଭେନ୍ସାଙ୍କୁ ଦୋଷ ଦେବା, ରେଭେନ୍ସା କଲେଜର ନାମ ପରିବର୍ତ୍ତନ କରିବା ପାଇଁ ପ୍ରସ୍ତାବ ଦେବା ଓ ଏହାକୁ ଓଡ଼ିଆ ଅସ୍ମିତା ସହିତ ଯୋଡ଼ିବା ଆଦୌ ଠିକ୍ ନୁହେଁ। ରେଭେନ୍ସା କଲେଜ ସହ ଓଡ଼ିଆ ଅସ୍ମିତା ଏକ ଓ ଅଭିନ୍ନ ହୋଇଯାଇଥିବା କାରଣରୁ ଧର୍ମେନ୍ଦ୍ର ବାବୁଙ୍କ ଏଭଳି ମନ୍ତବ୍ୟ ବରଂ ଓଡ଼ିଆ ଅସ୍ମିତାକୁ କ୍ଷୁର୍ଣ୍ଣ କରୁଛି। ଏହି ମନ୍ତବ୍ୟ ଯୋଗୁ ରେଭେନ୍ସା କଲେଜ ସହ ସମ୍ପୃକ୍ତ ଛାତ୍ର, ଅଧ୍ୟାପକ କେବଳ ନୁହଁନ୍ତି, ବରଂ ସମସ୍ତ ଓଡ଼ିଶାବାସୀ ଅପମାନିତବୋଧ କରୁଛନ୍ତି।

ଯେଉଁ ବିଜେପି ବନ୍ଧୁମାନେ ଦେଶ, କାଳ, ପାତ୍ର ବହିର ନଜିର ଦେଉଛନ୍ତି, ତାହାର ପ୍ରଥମ ସଂସ୍କରଣ ୧୯୯୨ରେ ହୋଇଥିଲା ଓ ୨୦୧୪ ସୁଦ୍ଧା ତାହାର ପଞ୍ଚମ ସଂସ୍କରଣ ବାହାରି ସାରିଛି। ଏତେ ଡେରିରେ ତାକୁ ପଢିବା ଓ ତାହାର କଦର୍ଥ କରିବା ଠିକ୍ ନୁହେଁ। ଦେଶ, କାଳ, ପାତ୍ର ବହିର ଲେଖକଙ୍କ ମତରେ ରେଭେନ୍ସା ଜଣେ ଉତ୍ତମ ସ୍ୱଭାବର ଲୋକ ଥିବା କଥା କହିବା ସହ ତାଙ୍କ କାର୍ଯ୍ୟ କରିବାର ତରିକା ଭିନ୍ନ ଭିନ୍ନ ହେବା ସ୍ୱାଭାବିକ ବୋଲି ବର୍ଣ୍ଣନା କରିଛନ୍ତି।

ଏଠି ଆଉ ଗୋଟିଏ କଥା ଅବତାରଣା କରିବା ଅସମୀଚିନ ହେବ ନାହିଁ। ଇଂରେଜ ଶାସନ ଅମଳରେ ଘଟିଥିବା ନଅଙ୍କ ଦୁର୍ଭିକ୍ଷର ବିଭୀଷିକା ପାଇଁ ତତ୍କାଳୀନ କମିଶନରଙ୍କୁ ଦୋଷ ଦେବା ଓ ବିଜେପି ମତାଦର୍ଶରେ ବିଶ୍ୱାସ କରୁଥିବା ତଥାକଥିତ ଦେଶପ୍ରେମୀ ଇଂରେଜ ବିରୋଧୀ ସ୍ୱାଧୀନତା ସଂଗ୍ରାମରେ ଝାସ ଦେବାରେ ନଜିର ନାହିଁ କାହିଁକି ? ପୁଣି ଯେଉଁ ଜଣେ ଅଧେ ଭାଗ ନେଇଥିଲେ, ସେମାନେ ମୁଚଲିକା ଲେଖି ଜେଲ୍‌ରୁ ଖଲାସ ହେବା କେଉଁ ଅସ୍ମିତାର ପରିଚାୟକ ? ଇଂରେଜଙ୍କୁ ସେମାନଙ୍କ ଶାସନ କାଳରେ ସାହାଯ୍ୟ କରିବା, ସ୍ୱାଧୀନତା ଆନ୍ଦୋଳନକୁ ଅଯଥା କହିବା କେଉଁ ଅସ୍ମିତା ? ଭଗତ ସିଂଙ୍କୁ ଉପଯୁକ୍ତ ସମ୍ମାନ ନଦେବା, ଜାତିର ଜନକ ମହାତ୍ମା ଗାନ୍ଧୀଙ୍କୁ ଗୁଳି କରିଥିବା ବ୍ୟକ୍ତିଙ୍କୁ ନିନ୍ଦା ନକରିବା, ଶହୀଦର ମାନ୍ୟତା ଦେବା କେଉଁ ମହାଭାରତୀୟ ଅସ୍ମିତା ? ପୁଣି ଗୁଜୁରାଟରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ନାମରେ ଥିବା ଷ୍ଟାଡ଼ିୟମକୁ ନିଜ ନେତାଙ୍କ ନାମରେ ନାମିତ କରିବା, ମୋଗଲ ସରାଇ ଷ୍ଟେସନର ନାମକୁ ବଦଳାଇ ଦେବା କ'ଣ ପ୍ରଗତିର ଲକ୍ଷଣ ? ତେଣୁ ରେଭେନ୍ସାଙ୍କ ଅବଦାନକୁ ୧୫୬ ବର୍ଷ ପରେ ନ୍ୟୁନ କରିବା ପାଇଁ ଉଦ୍ୟମ କରିବା ଓ ରେଭେନ୍ସା କଲେଜର ନାମ ପରିବର୍ତ୍ତନ କରିବା ପାଇଁ ପ୍ରସ୍ତାବ ଦେବା ବର୍ତ୍ତମାନ ସମୟରେ କେବଳ ଅପ୍ରାସଙ୍ଗିକ ନୁହେଁ, ଅଭିସନ୍ଧିମୂଳକ।

**ଯୁଧିଷ୍ଠିର ମହାପାତ୍ର**
**ରେଭେନ୍ସାର ପୂର୍ବତନ ଛାତ୍ର**

## ରେଭେନ୍ସା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ

**ସମ୍ମାନୀୟ ମହାଶୟ,**

ଓଡ଼ିଶାର ସର୍ବମାନ୍ୟ ଐତିହାସିକ ଶିକ୍ଷାନୁଷ୍ଠାନ ରେଭେନ୍ସା କଲେଜ (ପରବର୍ତ୍ତୀ ସମୟରେ ୨୦୦୬ ମସିହାରେ ଏକକ ବିଶ୍ୱବିଦ୍ୟାଳୟ ରୂପାନ୍ତରଣ)ର ନାମ ପରିବର୍ତ୍ତନ ପାଇଁ ଗତ ଦୁଇ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି ଯେଉଁ ବାଦ ବିସମ୍ବାଦ ଲାଗି ରହିଛି, ତାହା ସେହି ଶିକ୍ଷାନୁଷ୍ଠାନର ବର୍ତ୍ତମାନ ତଥା ପୁରାତନ ଶିକ୍ଷାର୍ଥି, ଅଧ୍ୟାପକ ଓ ଅଭିଭାବକମାନଙ୍କ ମନରେ ଗଭୀର ଅନୁଶୋଚନା ସୃଷ୍ଟି କରିଛି। ଗତ ସ୍ୱାୟତ୍ତଶାସନ ଦିବସରେ ମାନ୍ୟବର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ସାଧାରଣ ସମାବେଶରେ ଏହି ଅନୁଷ୍ଠାନର ନାମ "ରେଭେନ୍ସା" ବଦଳାଇବା ପାଇଁ ଅପ୍ରାସଙ୍ଗିକ ଭାବେ ତାଙ୍କର ବ୍ୟତିଗତ ମତ ରଖି କହିଥିଲେ ଯେ ନ'ଅଙ୍କ ଦୁର୍ଭିକ୍ଷ ସମୟରେ ତତ୍‌କାଳୀନ କମିଶନର ରେଭେନ୍ସାଙ୍କର ଅପାରଗ ପରିଚାଳନାରୁ ଓଡ଼ିଶାର ଲକ୍ଷ ଲକ୍ଷ ଲୋକଙ୍କର ପ୍ରାଣହାନି ହୋଇଥିଲା। ତେଣୁ ତାଙ୍କର ନାମରେ ଥିବା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ କରାଯାଉ। ଏହା ତାଙ୍କର ବ୍ୟକ୍ତିଗତ ମତ ବୋଲି ପ୍ରକାଶ କରିଥିଲେ। ତାଙ୍କର ମତକୁ ସମର୍ଥନ କରି ଅନ୍ୟ କେତେକ ଜନ ପ୍ରତିନିଧି ଓ ବୁଦ୍ଧିଜୀବି ବିଭିନ୍ନ ମହଲରେ ମତ ରଖି ରେଭେନ୍ସାଙ୍କର ଦୁର୍ଭିକ୍ଷ ପରିଚାଳନା ସଂପର୍କରେ ସ୍ୱର ଉତ୍ତୋଳନ କରି 'ରେଭେନ୍ସା' ନାମ ବଦଳାଇବା ପାଇଁ କହୁଛନ୍ତି।

ଏ ପ୍ରସଙ୍ଗରେ ଆମେ ଦୁଇଜଣ ପତ୍ର ପ୍ରେରକ ଆପଣଙ୍କୁ ଅବଗତ କରାଇବାକୁ ଚାହୁଁ ଯେ ଆମେ ଦୁଇ ପତ୍ର ପ୍ରେରକ ରେଭେନ୍ସା କଲେଜର ପ୍ରାକ୍ତନ ଛାତ୍ର। ପରବର୍ତ୍ତୀ ସମୟରେ ସ୍ୱଳ୍ପକାଳ ଅଧ୍ୟାପନା ପରେ ଭାରତୀୟ ପ୍ରଶାସନିକ ସେବା ଓ ଭାରତୀୟ ପୋଲସି ସେବାରେ ଯୋଗ ଦେଇ ବର୍ତ୍ତମାନ ଅବସର ଜୀବନଯାପନ କରୁଛୁ। ଶିକ୍ଷାନୁଷ୍ଠାନର ନାମ "ରେଭେନ୍ସା"କୁ ପରିବର୍ତ୍ତନ କରିବା କଥା ଚିନ୍ତା କଲାବେଳେ ଆମପରି ଅନେକ ପ୍ରାକ୍ତନ ଶିକ୍ଷାର୍ଥିମାନଙ୍କର ହୃଦୟରେ ଦାରୁଣ ଆଘାତ ଲାଗୁଛି, କାରଣ ଦୀର୍ଘ ୧୫୬ ବର୍ଷର ଇତିହାସରେ ରେଭେନ୍ସା କଲେଜ (ପରବର୍ତ୍ତୀ ସମୟରେ ବିଶ୍ୱବିଦ୍ୟାଳୟ) ଓଡ଼ିଶାର ଏକ ସର୍ବମାନ୍ୟ ବୌଦ୍ଧିକ ଶିକ୍ଷାନୁଷ୍ଠାନ ଭାବେ ଦେଶ ବିଦେଶରେ ନିଜର ଏକ ଆତ୍ମ ପରିଚୟ ସୃଷ୍ଟି କରି ପାରିଛି ଓ ଓଡ଼ିଶାର ଗୌରବ ବୃଦ୍ଧି କରିଛି। ଓଡ଼ିଶାର ସବୁ ଅଞ୍ଚଳର ତଥା ଓଡ଼ିଶା ବାହାରୁ ଅନେକ ଶିକ୍ଷାର୍ଥୀ ପୀଢ଼ି ପରେ ପୀଢ଼ି ଏହି ଶିକ୍ଷାନୁଷ୍ଠାନରୁ ଉତ୍ତୀର୍ଣ୍ଣ ହୋଇ ଦେଶ ବିଦେଶରେ ଏହି ଶିକ୍ଷା ଅନୁଷ୍ଠାନର ପ୍ରାକ୍ତନ ଶିକ୍ଷାର୍ଥି ଭାବେ ନିଜର ପ୍ରତିଷ୍ଠା କରିପାରିଛନ୍ତି, ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ରାଜନୀତି ତଥା ଅନ୍ୟାନ୍ୟ କ୍ଷେତ୍ରରେ। ପଞ୍ଚସଖା ଯୁଗର ମହା ମନିଷୀମାନେ ଏଇ ଶିକ୍ଷାନୁଷ୍ଠାନର ପ୍ରାକ୍ତନ ଛାତ୍ର ଭାବେ ନିଜର ଆତ୍ମ ପରିଚୟ ସୃଷ୍ଟି କରି ଉତ୍କଳ ଜନନୀର ଗୌରବ ମଣ୍ଡନ କରିଛନ୍ତି ଓ ନିଜକୁ ଗୌରବାନ୍ୱିତ କରିଛନ୍ତି।

ନ' ଅଙ୍କ ଦୁର୍ଭିକ୍ଷରେ ରେଭେନ୍ସା ସାହେବଙ୍କର ପରିଚାଳନା ଯୋଗୁଁ ତାଙ୍କ ନାମରେ ନାମିତ ଏହି ଅନୁଷ୍ଠାନର ଶିକ୍ଷାର୍ଥି ଭାବେ ସେମାନେ କେବେ ଆତ୍ମଗ୍ଲାନି ଅନୁଭବ କରି ନାହାନ୍ତି, ବରଂ ଏହି ଶିକ୍ଷାନୁଷ୍ଠାନ ପାଖେ ସେମାନେ ଚିର ଋଣୀ ହୋଇ ରହିଛନ୍ତି। ବର୍ତ୍ତମାନ ମୁଖ୍ୟ ପ୍ରସଙ୍ଗ ଉପରେ ଆପଣଙ୍କର ଦୃଷ୍ଟି ଆକର୍ଷଣ କରୁଛୁ। ନ'ଅଙ୍କ ଦୁର୍ଭିକ୍ଷରେ ଲକ୍ଷ ଲକ୍ଷ ସଂଖ୍ୟାରେ ଓଡ଼ିଶାର ପ୍ରାଣହାନୀ ପାଇଁ ରେଭିନ୍ୟୁ କମିଶନର ଭାବେ କେବଳ ରେଭେନ୍ସା ଦାୟୀ ନଥିଲେ : କଲିକତାରେ ଥିବା ବୋର୍ଡ଼ ଅଫ୍ ରେଭିନ୍ୟୁ ତଥା ଲେଫ୍ଟନାଣ୍ଟ ଗଭର୍ଣ୍ଣର ସମପରିମାଣରେ ଦାୟୀ ଥିଲେ। ତତ୍କାଳୀନ ବ୍ରିଟିଶ ସରକାର ଏହି ଦୁର୍ଭିକ୍ଷର ଭୟାବହତା ଓ ପ୍ରଶାସନିକ ଅବହେଳାର ଅନୁଧ୍ୟାନ ଓ ଅନୁସନ୍ଧାନ କରି ସାର୍ ଜର୍ଜ କ୍ୟାମ୍ପବେଲ୍‌ଙ୍କର ଅଧ୍ୟକ୍ଷତାରେ ଏକ କମିଶନ ଗଠନ କରିଥିଲେ। କମିଶନ ଗଭୀର ଅନୁଧ୍ୟାନ କରି ତାଙ୍କ ରିପୋର୍ଟରେ ତତ୍କାଳୀନ ବଙ୍ଗଳା ଗଭର୍ଣ୍ଣର, ଲେଫ୍ଟନାଣ୍ଟ ଗଭର୍ଣ୍ଣର ବୋର୍ଡ ଅଫ ରେଭିନ୍ୟୁ




ସହ ରେଭିନ୍ୟୁ କମିଶନରଙ୍କୁ ପ୍ରଶାସନିକ ତ୍ରୁଟି ପାଇଁ ଦାୟୀ କରିଥିଲେ। ତେଣୁ ନ' ଅଙ୍କ ଦୁର୍ଭିକ୍ଷ ପାଇଁ ଟି.ଇ. ରେଭେନ୍ସାଙ୍କୁ ସମ୍ପୂର୍ଣ୍ଣ ଦାୟୀ କରି ତାଙ୍କର ନାମକୁ ଏହି ଶିକ୍ଷାନୁଷ୍ଠାନରୁ ଅପସାରଣ କରିବା କେବଳ ଏକ ବିଡ଼ମ୍ବନା ହେବ। କାରଣ ଟି.ଇ. ରେଭେନ୍ସା ଓଡ଼ିଶାରେ ସରକାରୀ ସ୍କୁଲମାନଙ୍କରେ ଓଡ଼ିଆ ମାଧ୍ୟମରେ ଶିକ୍ଷା ଦେବା ପାଇଁ ବଙ୍ଗଳାର ଲେଫ୍ଟନାଣ୍ଟ ଗଭର୍ଣ୍ଣରଙ୍କୁ ଏକାଧିକ ବାର ପ୍ରସ୍ତାବ ଦେଇ ଶେଷରେ ସଫଳ ହୋଇଥିଲେ। ଓଡ଼ିଆ ମାଧ୍ୟମରେ ଶିକ୍ଷାନେବା ପାଇଁ ବଙ୍ଗଳା ସରକାର ନୀତିଗତ ନିଷ୍ପତ୍ତି ନେଲେ। ରେଭେନ୍ସା ନ'ଅଙ୍କ ଦୁର୍ଭିକ୍ଷ ପରେ ଆହୁରି ଦଶବର୍ଷ ଓଡ଼ିଶାରେ କମିଶନର ହୋଇ ରହିଥିଲେ ଓ ୧୮୭୮ ମସିହାରେ ଓଡ଼ିଶାରୁ ବିଦାୟ ନେଲେ। ତାଙ୍କ ସମୟରେ ସ୍କୁଲ ସଂଖ୍ୟା ଷାଠିଏରୁ ବୃଦ୍ଧି ପାଇ ୫୩୦ ହେଲା ଓ ଛାତ୍ର ଛାତ୍ରୀ ସଂଖ୍ୟା ୪୦୦୦ ରୁ ବଢ଼ି ଏକଲକ୍ଷ ହେଲା। କଟକରେ ଉଚ୍ଚଶିକ୍ଷାର ପ୍ରାରମ୍ଭ କରି ୧୮୬୯ ମସିହାରେ 'କଟକ କଲେଜ'ର ପ୍ରତିଷ୍ଠା କଲେ। ତା' ଛଡ଼ା ମେଡିକାଲ୍ ସ୍କୁଲ୍ ଯାହା ପରବର୍ତ୍ତୀ ସମୟରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ପରିଣତ ହେଲା। ଆଇନ୍ ଶିକ୍ଷାର ଆରମ୍ଭ ରେଭେନ୍ସାଙ୍କ ପ୍ରଚେଷ୍ଟାରେ ହୋଇଥିଲା। ପରେ ସେହି ଆଇନ୍ ଶିକ୍ଷାନୁଷ୍ଠାନଟି 'ମଧୁସୂଦନ ଲ କଲେଜ' ନାମରେ ନାମିତ ହେଲା।

ରେଭେନ୍ସା ଓଡ଼ିଶା ଛାଡ଼ିବା ପରେ ମୟୁରଭଞ୍ଜର ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେଓ ଓ ଅନ୍ୟ ମନିଷୀମାନଙ୍କର ଉଦ୍ୟମରେ ରେଭେନ୍ସା ପ୍ରତିଷ୍ଠା କରିଥିବା 'କଟକ କଲେଜ'ର ନାମ 'ରେଭେନ୍ସା କଲେଜ' ନାମ ରଖାଗଲା। ନିଜ ନାମରେ ଏହି କଲେଜକୁ ନାମିତ କରିବାରେ ରେଭେନ୍ସା ଆଦୌ ସଂପୃକ୍ତ ନଥିଲେ। ରେଭେନ୍ସାଙ୍କ ଦ୍ୱାରା ଓଡ଼ିଶାରେ ଓଡ଼ିଆ ଶିକ୍ଷା ଓ ଭାଷାର ପୁନର୍ଜାଗରଣ ହୋଇଥିଲା। ଓଡ଼ିଶାର ବରପୁତ୍ରମାନେ ଓଡ଼ିଆ ପୁନର୍ଜାଗରଣରେ ରେଭେନ୍ସାଙ୍କ ଭୂମିକାରୁ ଅନେକ ପ୍ରଶଂସା କରିଛନ୍ତି।

ବ୍ୟାସ କବି ଫକୀର ମୋହନ ସେନାପତି ତାଙ୍କର ପ୍ରବନ୍ଧ "ଉତ୍କଳ ଭାଷାର ଭୂତ ଓ ଭବିଷ୍ୟତ"ରେ ରେଭେନ୍ସାଙ୍କ ବିଷୟରେ ଲେଖିଛନ୍ତି "ଏ ଉତ୍ତାରେ ସୁବର୍ଣ୍ଣଯୁଗ ବା ରେଭେନ୍ସା ଯୁଗ – ଆଜି ଆମ୍ଭମାନଙ୍କର ସୁପ୍ରଭାତ, ରେଭେନ୍ସା ସାହେବଙ୍କ ପବିତ୍ର ନାମ ସ୍ମରଣ କରି କୃତାର୍ଥ ହେଲୁ। ବର୍ତ୍ତମାନ ଉତ୍କଳ ଭୂମି ଯେତେଦୂର ଉନ୍ନତି ଲାଭ କରିଅଛି, ଉକ୍ତ ମହାତ୍ମା ସେ ସମସ୍ତ ଉନ୍ନତିର ମୂଳାଧାର ଅଟନ୍ତି। ଆମ୍ଭେମାନେ ଗଭର୍ଣ୍ଣମେଣ୍ଟଙ୍କ ଠାରୁ ଯାହା କିଛି ପ୍ରତ୍ୟାଶା କରୁଛୁ, ଉକ୍ତ ମହାତ୍ମା ପ୍ରାୟ ସମସ୍ତ ଆଶା ପୂର୍ଣ୍ଣ କରି ଦେଇ ଅଛନ୍ତି। ଉକ୍ତ ମହାତ୍ମାଙ୍କ ସମୟ ଠାରୁ ଉତ୍କଳ ଭାଷାର ପ୍ରକୃତ ଉନ୍ନତି, ପ୍ରକୃତ ଆଲୋଚନା ଆରମ୍ଭ ହୋଇଅଛି। ଉତ୍କଳ ଭାଷା-ଇତିହାସରେ ଉକ୍ତ ମହାତ୍ମାଙ୍କ ପବିତ୍ର ନାମ ସୁବର୍ଣ୍ଣ ଅକ୍ଷରରେ ଲିଖିତ ହୋଇ ରହିବ।"

ଏଠାରେ ଉଲ୍ଲେଖନୀୟ ଯେ ଫକୀର ମୋହନ ବାରମ୍ବାର ରେଭେନ୍ସାଙ୍କୁ "ମହାତ୍ମା"ଭାବେ ବର୍ଣ୍ଣନା କରିଛନ୍ତି। ଫକୀର ମୋହନ ତାଙ୍କର ଆତ୍ମଜୀବନୀରେ ନ'ଅଙ୍କ ଦୁର୍ଭିକ୍ଷର ବିଭିଷିକାର ବର୍ଣ୍ଣନା କରିଛନ୍ତି ଓ ସରକାର ଅବହେଳା କଥା ଉଲ୍ଲେଖ କରିଛନ୍ତି। ତାହା ସତ୍ତ୍ୱେ ପରବର୍ତ୍ତୀ ସମୟରେ ଓଡ଼ିଶା ଶିକ୍ଷା ଓ ଭାଷାର ଅବଦାନ ପାଇଁ ରେଭେନ୍ସାଙ୍କୁ "ମହାତ୍ମା" ବୋଲି କହିବାରେ ଦ୍ୱିଧା କରି ନାହାନ୍ତି। ବର୍ତ୍ତମାନ ପରିପ୍ରେକ୍ଷିରେ ରେଭେନ୍ସା ନାମଟି କୌଣସି ବ୍ୟକ୍ତି ବିଶେଷଙ୍କର ନାମ ନ ହୋଇ ଓଡ଼ିଶାର ଐତିହ୍ୟର ଏକ ନାମ ହୋଇସାରିଛି। ଦୀର୍ଘ ୧୫୬ ବର୍ଷ ଓଡ଼ିଶା ଇତିହାସ ସହିତ ରେଭେନ୍ସା କଲେଜର ଇତିହାସ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ରେଭେନ୍ସାର ନାମ ପରିବର୍ତ୍ତନ ହେଲେ ଓଡ଼ିଶାର ଆତ୍ମ ପରିଚୟ ଉପରେ କୁଠାରଘାତ ହେବ। ଗତ ଶତାବ୍ଦୀର ଚାଳିଶ ଦଶକରୁ ରେଭେନ୍ସା କଲେଜରେ ବ୍ରିଟିଶ୍ ଶାସନର ପ୍ରତୀକ ୟୁନିଅନଜାକ୍ ପତାକାକୁ ଛାତ୍ରମାନେ



ପୋଡ଼ିଦେଇଥିଲେ। ସେତେବେଳେ ବ୍ରିଟିଶ୍ ଶାସକମାନଙ୍କୁ ଦେଶରୁ ତଡ଼ିବା ପାଇଁ ଆନ୍ଦୋଳନରତ ଛାତ୍ରମାନେ ଜଣେ ବ୍ରିଟିଶ୍ ଶାସକ ରେଭେନ୍ସାଙ୍କ ନାମ ପରିବର୍ତ୍ତନର ସ୍ୱର କେବେହେଲେ ଉଠେଇ ନଥିଲେ, ବା ଚିନ୍ତା କରି ନଥିଲେ, କାରଣ ଓଡ଼ିଶାର ଆତ୍ମ ପରିଚୟ ସହ ଏହି ନାମିତ ଶିକ୍ଷାନୁଷ୍ଠାନଟି ନିଜର ପରିଚୟ ସୃଷ୍ଟି କରିସାରିଥିଲା। ପରବର୍ତ୍ତୀ ସମୟରେ କଟକରେ ଆଉ ଦୁଇଟି ଶିକ୍ଷାନୁଷ୍ଠାନର ନାମ "ରେଭେନ୍ସା" ହୋଇଥିଲା। ଯଥା 'ରେଭେନ୍ସା କଲେଜିଏଟ୍ ସ୍କୁଲ' ଓ 'ରେଭେନ୍ସା ଗାର୍ଲସ୍' ହାଇସ୍କୁଲ। ଏବେ କ'ଣ ଏଇସବୁ ଅନୁଷ୍ଠାନର ନାମ ବଦଳାଯିବ ?

ମୁଖ୍ୟମନ୍ତ୍ରୀ ମହୋଦୟ, ଆମେ ଦୁଇଜଣ ଆପଣଙ୍କୁ ନିବେଦନ କରୁଛୁ ଯେ, ଏ ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ବିତର୍କର ଆବଶ୍ୟକତା ନାହିଁ ବୋଲି ଆପଣ ଘୋଷଣା କରନ୍ତୁ। ବର୍ତ୍ତମାନ ଏହି ବିଶ୍ୱବିଦ୍ୟାଳୟରେ ଯେଉଁ ଆନୁସଙ୍ଗିକ ଅସୁବିଧା ଅଛି ତାହା ଦୂର କରି ଏହି ମହାନ୍ ଅନୁଷ୍ଠାନର ଗାରିମାକୁ ବଜାୟ ରଖନ୍ତୁ। ରେଭେନ୍ସା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ ହେଲେ ଅନେକ ପୀଢ଼ିର ଆତ୍ମ ପରିଚୟର ବିଲୁପ୍ତି ଘଟିବ। ଇତିହାସର ଧାରାକୁ ଯୋର ଜବରଦସ୍ତି ବଦଳାଇଲେ ତାହା ଓଡ଼ିଆ ଅସ୍ମିତା ଉପରେ ଆଘାତ ହେବ।

**ଦୁଇଜଣ ରେଭେନ୍ସା ପ୍ରେମୀ**
**ସଞ୍ଜୀବ ଚନ୍ଦ୍ର ହୋତା**
**କୁଳମଣି ଦେଓ**
**ଭୁବନେଶ୍ୱର**
**ତା-୧୬.୦୯.୨୦୨୪**
**ଯୋଗାଯୋଗ-୯୯୩୭୦୧୧୨୨୫ / ୯୪୩୭୦୧୫୬୬୬**

## ମୁଖ୍ୟମନ୍ତ୍ରୀଙ୍କୁ ଏକ ଭାବପୂର୍ଣ୍ଣ ଚିଠି




**ମାନ୍ୟବର,**

ମୁଁ ରେଭେନ୍‌ସା କଲେଜର ଜଣେ ଅନାମଧେୟ ପୁରାତନ ଛାତ୍ର ଅଟେ । ମୁଁ କୌଣସି ପଦ ପଦବିରେ ନ ଥିଲି କି ବର୍ତ୍ତମାନ ନାହିଁ । ମୋର ଗର୍ବ କଲା ଭଳି ମଧ୍ୟ କୌଣସି ପରିଚ୍ୟ ନାହିଁ କିନ୍ତୁ କେଜାଣି କାହିଁକି ରେଭେନ୍‌ସା ନାଁଟି ଯେତେବେଳେ ମୋ' ନାଁ ସହିତ ଯୋଡ଼ି ହୋଇଯାଉଛି ମୁଁ ଗୌରାବନ୍ୱିତ ହୋଇ ସମାଜରେ ମୋ'ର ଏକ ସ୍ୱତନ୍ତ୍ର ପରିଚ୍ୟ ସୃଷ୍ଟି କରିପାରୁଛି । ପିଲାଟି ଦିନୁ ସ୍ୱପ୍ନ ଥିଲା ଯେ ରେଭେନ୍‌ସାରେ ପଢ଼ିବି। ଆଉ ରେଭେନସାରେ ପଢ଼ିଛି ବୋଲି ମୋ ଛାତି ଗର୍ବରେ ଫାଟି ପଡୁଛି । ମୋ'ର ଏହି ଗର୍ବ ଆଜି ଭାଙ୍ଗିଯିବ ବୋଲି ଡର ମାଡୁଛି କାରଣ ଏହି ନାଁକୁ ପରିବର୍ତ୍ତନ କରିବା ପାଇଁ ଏକ ବିତର୍କ ଆରମ୍ଭ ହୋଇଛି । ମୁଁ ଏହି ନାମ ପରିବର୍ତ୍ତନର କୌଣସି ତର୍କ ବିତର୍କରେ ଯୋଗ ଦେବା ପାଇଁ ଚାହୁଁନାହିଁ । ପଣ୍ଡିତମାନଙ୍କ ତର୍କବିତର୍କରେ ରେଭେନ୍‌ସା ଜଣେ ନାୟକ କିମ୍ବା ଖଳନାୟକ ହୋଇପାରନ୍ତି କିନ୍ତୁ ମୁଁ ଏହାକୁ ଗୁରୁତ୍ୱ ଦିଏ ନାହିଁ କାରଣ ଏହି ନାମଟି ମୋ ପାଇଁ ତର୍କବିତର୍କର ବହୁତ ଊର୍ଦ୍ଧ୍ୱକୁ ଚାଲିଯାଇଛି ଓ ବର୍ଷ ବର୍ଷ ଧରି ମୋ' ହୃଦୟରେ ମା'ବାପା ସଦୃଶ ବାସକରୁଛି । ରେଭେନ୍‌ସା ହେଉଛି ମୋର 'ଆଲମା ମାଟାର' (Alma Mater) ଯାହାର ଆକ୍ଷରିକ ଅର୍ଥ ହେଉଛି ଜଣେ 'ମହାନ ମା' ଆଉ ମୁଁ ହେଉଛି ରେଭେନସାର ଆଲମନସ (Alumnus) ଯାହାର ଆକ୍ଷରିକ ଅର୍ଥ ହେଉଛି ଜଣେ 'ପାଳିତ ସନ୍ତାନ' । ମୋ' ମା ବାପା ହୁଏତ ଜୀବନରେ କ'ଣ ଭୁଲ କାମ କରିଦେଇଥିବେ କିନ୍ତୁ ଏଥିପାଇଁ କ'ଣ ମୁଁ ଆଫିଡାଭିଟ କରି ତାଙ୍କ ନାମ ପରିବର୍ତ୍ତନ କରିଦେବି ନା ମୁଁ ତାଙ୍କ ଔରସରୁ ଜନ୍ମ ହୋଇନାହିଁ ବୋଲି ଦାବୀ କରିବି ? ଆଜି ମୋ ପାଇଁ ରେଭେନ୍‌ସାର ନାମ ପରିବର୍ତ୍ତନ ମୋ' ମା ବାପାଙ୍କ ନାମ ପରିବର୍ତ୍ତନ ସହିତ ସମାନ ଅଟେ । ଆପଣଙ୍କୁ ଖଣ୍ଡିଏ ଚିଠି ଲେଖିବା ବ୍ୟତୀତ ଏହାକୁ ବିରୋଧ କରିବାକୁ ମୋର ଆଉ କୌଣସି ଶକ୍ତି ନାହିଁ । ଆପଣ ଜଣେ ସରଳ ସହାନୁଭୂତିପୂର୍ଣ୍ଣ ବ୍ୟକ୍ତି ବୋଲି ମୁଁ ଜାଣିଛି । ଦୟାକରି ମୋର ଏହି ଭାବନାକୁ ସମ୍ମାନ ଦେଇ ମୋତେ ଏହି ନାମ ପରିବର୍ତ୍ତନର ଆଶଙ୍କାରୁ ମୁକ୍ତି ଦିଅନ୍ତୁ । ଅଧୀନ ଚିରୋପକୃତ ରହିବ ।

**ଶ୍ୟାମସୁନ୍ଦର ଅଗ୍ରୱାଲା**
**୯୭, ଜନପଥ, ଭୁବନେଶ୍ୱର**

## ଡବ୍ଲ୍ୟୁଟିସିରେ ଭାରତର ସ୍ଥିତି ଦୃଢ଼

**ନୂଆଦିଲ୍ଲୀ**

ବିଶ୍ୱ ଟେଷ୍ଟ୍ ଚାମ୍ପିଅନ୍‌ସିପ୍ (ଡବ୍ଲ୍ୟୁଟିସି) ଫାଇନାଲ୍ ପୂର୍ବରୁ ଭାରତର ଶେଷ ୧୦ ଟେଷ୍ଟ୍ ଅଭିଯାନ ଚମତ୍କାର ଢଙ୍ଗରେ ଆରମ୍ଭ ହୋଇଛି। ରବିବାର ଚେନ୍ନାଇରେ ବାଂଲାଦେଶକୁ ପରାସ୍ତ କରି ଭାରତ ଡବ୍ଲ୍ୟୁଟିସି ତାଲିକାର ଶୀର୍ଷ ସ୍ଥାନକୁ ଅଧିକ ଦୃଢ଼ କରିଛି। ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳ ଦୁଇ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌ରେ ଆଧିପତ୍ୟ ବିସ୍ତାର କରିଥିଲା। ଏପରିକି ଗୋଟିଏ ଦିନ ପୂର୍ବରୁ ମ୍ୟାଚ୍ ଶେଷ ହୋଇଯାଇଥିଲା। ଏହି ବିଜୟ ଫଳରେ ଭାରତର ଡବ୍ଲ୍ୟୁଟିସି ପଏଣ୍ଟ ପ୍ରତିଶତ ୭୧.୬୭କୁ ବୃଦ୍ଧି ପାଇଛି। ଏହି ଶୃଙ୍ଖଳା ପୂର୍ବରୁ ମଧ୍ୟ ଭାରତ ଶୀର୍ଷରେ ଥିଲା। ଏବେ ଦ୍ୱିତୀୟ ସ୍ଥାନରେ ଥିବା ଅଷ୍ଟ୍ରେଲିଆଠୁ ୯.୧୭ ପଏଣ୍ଟ ପ୍ରତିଶତ ଅଧିକ ପାଇଛି। ଅନ୍ୟପକ୍ଷରେ ୯୨ ବର୍ଷରେ ପ୍ରଥମ ଥର ପାଇଁ ଭାରତ ଟେଷ୍ଟ କ୍ରିକେଟ୍‌ରେ ବାଂଲାଦେଶ ବିପକ୍ଷରେ ୨୮୦ ରନ୍‌ର ବିଜୟ ପାଇ ଐତିହାସିକ ମାଇଲ୍‌ଖୁଣ୍ଟ ସ୍ଥାପନ କରିଛି। ଏହି ବିଜୟ ପରେ ଭାରତର ଫାଇନାଲ୍‌ରେ ପହଞ୍ଚିବା ଆଶା ବଢ଼ିଯାଇଛି। ତଥାପି ଭାରତର ଫାଇନାଲ୍ ସ୍ଥିତି ନିଶ୍ଚିତ କରିବାକୁ ହେଲେ ଅବଶିଷ୍ଟ ୯ ମ୍ୟାଚ୍‌ରୁ ୪ ବିଜୟ ଆବଶ୍ୟକତା ରହିଛି। ଏହା ମଧ୍ୟରେ ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟ ସହିତ ନ୍ୟୁଜିଲାଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଘରୋଇ ଶୃଙ୍ଖଳା ଏବଂ ବର୍ଡର-ଗାଭାସ୍କର ଟ୍ରଫିରେ ଅଷ୍ଟ୍ରେଲିଆ ସହିତ ୫ ମ୍ୟାଚ୍ ବିଶିଷ୍ଟ ମ୍ୟାଚ୍ ଖେଳାଯିବ। ପାକିସ୍ତାନ ବିପକ୍ଷରେ ଐତିହାସିକ ୨-୦ ଶୃଙ୍ଖଳା ମୂଳପୋଛ ବିଜୟ ପରେ ବାଂଲାଦେଶର ପଏଣ୍ଟ ପ୍ରତିଶତରେ ବଡ଼ ବୃଦ୍ଧି ହୋଇଥିଲା ଏବଂ ଦଳ ସିଧାସଳଖ ଚତୁର୍ଥ ସ୍ଥାନରେ ପହଞ୍ଚିଯାଇଥିଲା। କିନ୍ତୁ ଭାରତଠୁ ପରାଜିତ ହେବା ପରେ ଦଳ ୪୫.୮୩ ପଏଣ୍ଟ ପ୍ରତିଶତରୁ ୩୯.୨୯କୁ ଖସିଆସିଛି ଓ ଚତୁର୍ଥରୁ ଖସି ଷଷ୍ଠ ସ୍ଥାନରେ ପହଞ୍ଚିଛି। ଭାରତ-ବାଂଲାଦେଶ ଦ୍ୱିତୀୟ ଟେଷ୍ଟ ୨୭ ତାରିଖରୁ ଆରମ୍ଭ ହେଉଛି।

## ରାଜ୍ୟ ହକି ପ୍ରତିଯୋଗିତା

# ଚୂଡ଼ାନ୍ତ ହେଲା କନିଷ୍ଠ ପୁରୁଷ ବର୍ଗର କ୍ୱାର୍ଟରଫାଇନାଲ ସୂଚୀ

**ରାଉରକେଲା**

କନିଷ୍ଠ ପୁରୁଷ ରାଜ୍ୟ ହକି ପ୍ରତିଯୋଗିତାର କ୍ୱାର୍ଟରଫାଇନାଲ ସୂଚୀ ଚୂଡ଼ାନ୍ତ ହୋଇଛି। ମଙ୍ଗଳବାର ସମସ୍ତ ୪ଟି ଯାକ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ। ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି) ଓ ଝାରସୁଗୁଡ଼ା ମଧ୍ୟରେ ଖେଳାଯିବାକୁ ଥିବାବେଳେ ପାନପୋଷ କ୍ରୀଡ଼ା ଛାତ୍ରାବାସ (ରାଉରକେଲା) ଓ ଗାଙ୍ଗପୁର ହକି ଆସୋସିଏସନ ମଧ୍ୟରେ ଦ୍ୱିତୀୟ, ଓଏନ୍‌ଟିଏଚ୍-ଏଚ୍‌ପିସି ଓ ଦେବଗଡ଼ ମଧ୍ୟରେ ତୃତୀୟ ଏବଂ ସୁନ୍ଦରଗଡ଼ ଓ ଖୋର୍ଦ୍ଧା ମଧ୍ୟରେ ଅନ୍ତିମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ।



ସୋମବାର ୮ଟି ଲିଗ୍ ମ୍ୟାଚ୍ ଖେଳାଯାଇଥିଲା। ଆରଏସ୍‌ପି ୭-୦ ଗୋଲରେ ଅନୁଗୁଳକୁ ପରାସ୍ତକରି ପ୍ରଥମ ଦଳଭାବେ କ୍ୱାର୍ଟର ଫାଇନାଲ ପ୍ରବେଶ କରିଥିବାବେଳେ ଝାରସୁଗୁଡ଼ା ୨-୧ ଗୋଲରେ ଗଞ୍ଜାମକୁ, ଗାଙ୍ଗପୁର ହକି ଆସୋସିଏସନ ୬-୦ ଗୋଲରେ ଭୁବନେଶ୍ୱର ହକି କ୍ଲବକୁ ଓଏନ୍‌ଟିଏଚ୍‌ଏଚ୍‌ପିସି ୧୦-୦ ଗୋଲରେ ସମ୍ବଲପୁରକୁ, ଦେବଗଡ଼ ୬-୦ ଗୋଲରେ ନୟାଗଡ଼କୁ, ସୁନ୍ଦରଗଡ଼ ୬-୦ ଗୋଲରେ ଏସ୍‌ଏମଏସ୍ ହକି ଏକାଡେମୀ, ପାନପୋଷ କ୍ରୀଡ଼ା ଛାତ୍ରାବାସ ୮-୧ ଗୋଲରେ ବଲାଙ୍ଗୀର ଓ ଖୋର୍ଦ୍ଧା ୫-୦ ଗୋଲରେ ଢେଙ୍କାନାଳକୁ ପରାସ୍ତକରି କ୍ୱାର୍ଟର ଫାଇନାଲ ସ୍ଥାନ ସୁରକ୍ଷିତ କରିଛନ୍ତି। ସେହିଭଳି ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ବରିଷ୍ଠ ମହିଳା ରାଜ୍ୟ ହକି ପ୍ରତିଯୋଗିତା ଆରମ୍ଭ ହୋଇଛି। ପ୍ରଥମ ଦିନରେ ମୋଟ୍ ୭ଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍‌ରେ ନୟାଗଡ଼ ୫-୦ ଗୋଲରେ ସମ୍ବଲପୁରକୁ ପରାସ୍ତ କରିଥିବାବେଳେ ପାନପୋଷ କ୍ରୀଡ଼ା ଛାତ୍ରାବାସ (ରାଉରକେଲା) ୮-୦ ଗୋଲରେ କେନ୍ଦ୍ରାପଡ଼ାକୁ, ଦେବଗଡ଼ ୬-୦ ଗୋଲରେ ରାୟଗଡ଼ାକୁ, ଓଡ଼ିଶା ସେକ୍ରେଟାରିଏଟ୍ ୫-୦ ଗୋଲରେ ଏସ୍‌ଏମ୍‌ଏସ୍ ହକି ଏକାଡେମୀକୁ, ଢେଙ୍କାନାଳ ୬-୦ ଗୋଲରେ ଗଜପତିକୁ, ଓଡ଼ିଶା ପୁଲିସ ୫-୦ ଗୋଲରେ କୋରାପୁଟକୁ ଓ ଗାଙ୍ଗପୁର ହକି ଆସୋସିଏସନ ୭-୦ ଗୋଲରେ ଝାରସୁଗୁଡ଼ାକୁ ପରାସ୍ତ କରିଛି।

## ଟାଇକୋଣ୍ଡୋ ଖେଳାଳିଙ୍କୁ ସମ୍ବର୍ଦ୍ଧନା

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ଗତ ୩୦.୦୮.୨୦୨୪ ରୁ ତା.୦୧.୦୯.୨୦୨୪ କଟକର ଜବାହାରଲାଲ ନେହେରୁ ଇନଡୋର ଷ୍ଟାଡିୟମ ଠାରେ ରାଜ୍ୟସ୍ତରୀୟ ଟାଇକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଲାଙ୍ଗୀର ଜିଲ୍ଲା ଟାଇକୋଣ୍ଡୋ ସଂଘ ତରଫରୁ ସୀମାଦ୍ରି ଆଦେଶ, ଭାଗ୍ୟଶ୍ରୀ ନାଗ, ଦୀପିକା ଭୋଇ, ଜେନିସା ପୋଲ, ଶ୍ରେୟାଂଶ ପତି, ଆଲଫିଆ ସାହୁ, ଦଗସେତ ପଧାନ ଓ ରତୁସ୍ମିତା ହାତି ଭାଗ ନେଇ ୧୦ଟି ମେଡାଲ ହାସଲ କରିଛନ୍ତି। ବଲାଙ୍ଗୀର ଜିଲ୍ଲା ଟାଇକୋଣ୍ଡୋ ସଂଘ ତରଫରୁ ଜାତୀୟ କୋଚ୍ ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ସ୍ଥାନୀୟ ପି.ପି.ଏକାଡେମୀ ହାଇସ୍କୁଲ ସଭାଗୃହରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସଦର ଏସ୍‌ଡିପିଓ ପ୍ରଦୀପ ସାହୁ ଯୋଗ ଦେଇ ଖେଳାଳିମାନଙ୍କୁ ଉପଢ଼ୌକନ ଓ ଫୁଲତୋଡ଼ା ସହ ସମ୍ବର୍ଦ୍ଧିତ କରିଥିଲେ। ଆଗାମୀ ଦିନରେ ଏହି ଟାଇକଣ୍ଡୋ ସଂଘର ଭିତ୍ତିଭୂମିର ବିକାଶ ପାଇଁ ଜିଲ୍ଲାପାଳଙ୍କ ସଙ୍ଗେ କଥା ହେବା ଓ ଏହି ଟାଇକୋଣ୍ଡୋ ଖେଳକୁ ପୋଲିସ ବିଭାଗରେ ଯେଭଳି ସାମିଲ କରାଯିବ ସେଥିପାଇଁ ଉଦ୍ୟମ କରିବେ ବୋଲି ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ କହିଛନ୍ତି। ଟାଇକୋଣ୍ଡୋ ସଂଘ ସଭାପତି ତଥା ସୂଚନାକର୍ମୀ ହେମନ୍ତ ପଣ୍ଡା କହିଛନ୍ତି ଯେ ଏହି ଟାଇକୋଣ୍ଡୋ ଓ କରାଟେ ଖେଳ ପାଇଁ ଅସୀମ ଭୋଇ ସହରଠୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁଠି ପରିଚିତ। ଗତ ୩୦ ବର୍ଷ କାଳ ଏହି ମାର୍ସଲ ଆର୍ଟ ଖେଳ ପାଇଁ ନିଜ ଜିବନର ଅଧା ସମୟ ବିତାଇ ଦେଇଥିବା ସତ୍ତ୍ୱେ ଶ୍ରୀ ଭୋଇଙ୍କ ଏହି ସଂଗଠନର ବିକାଶ ପାଇଁ ଆଜି ପର୍ଯ୍ୟନ୍ତ ପ୍ରଶାସନ ଠାରୁ କୌଣସି ପ୍ରକାର ସହାୟତା ନ ମିଳିବା ଆଶ୍ଚର୍ଯ୍ୟର ବିଷୟ ବୋଲି କହିଥିଲେ। ଆଗାମୀ ଦିନରେ ଏହି ଟାଇକୋଣ୍ଡୋ ସଂଘର ବିକାଶ ପାଇଁ ସମସ୍ତ ପ୍ରକାର ଚେଷ୍ଟା କରାଯିବ ବୋଲି ଶ୍ରୀ ପଣ୍ଡା ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ହର୍ଷିତା ମିଶ୍ର ପରିଚାଳନା କରିଥିଲେ।

# ରୋହିତ ଶର୍ମା ହେଉଛନ୍ତି ୨୪ କ୍ୟାରେଟ୍ ସୁନା : ଆକାଶ ଚୋପ୍ରା

**ନୂଆଦିଲ୍ଲୀ**

ରୋହିତ ଶର୍ମା ଏବେ ଭାରତର ଟେଷ୍ଟ ଏବଂ ଦିନିକିଆ ଦଳର ଅଧିନାୟକ ଅଛନ୍ତି। ରୋହିତ ଟି-୨୦ ବିଶ୍ୱକପ ୨୦୨୪ ଜିତିବା ପରେ ଅନ୍ତର୍ଜାତୀୟ ଟି-୨୦ରୁ ଅବସର ନେଇଥିଲେ। ରୋହିତ ଶର୍ମା ଚମତ୍କାର ଅଧିନାୟକତ୍ୱ ଏବଂ କୁଲ୍ ମିଜାଜ୍ ପାଇଁ ଜଣାଶୁଣା। ଭାରତୀୟ ଅଧିନାୟକ ପ୍ରାୟତଃ ପଡ଼ିଆରେ କିଛି ମଜାଳିଆ କାମ କରୁଥିବା ଦେଖାଯାଏ।

ନିଜର କୁଲ୍ ମିଜାଜ୍ ପାଇଁ ପ୍ରସିଦ୍ଧ ରୋହିତ ଶର୍ମା ବେଳେବେଳେ ଖେଳାଳିଙ୍କ ଉପରେ ରାଗୁଥିବା ଦେଖାଯାଏ। ଅନେକ ଥର ସେ ପଡ଼ିଆରେ ରାଗିଛନ୍ତି। ତେବେ ଦଳର ଖେଳାଳିମାନେ ରୋହିତ ଶର୍ମାଙ୍କ ଉପରେ ରାଗିଛନ୍ତି କି ? ଏହି ପ୍ରଶ୍ନ ସମସ୍ତଙ୍କ ମନରେ ମଧ୍ୟ ଉଠିପାରେ। ରୋହିତ ଶର୍ମାଙ୍କ ଦଳର ଖେଳାଳିଙ୍କ ସହ ସମ୍ପର୍କ କିପରି ଏବଂ କାହା ସହିତ ଝଗଡ଼ା ଅଛି।

ଭାରତୀୟ ଦଳର ପୂର୍ବତନ ବ୍ୟାଟ୍ସମ୍ୟାନ ଆକାଶ ଚୋପ୍ରା ରୋହିତ ଶର୍ମାଙ୍କ ଲଢେଇ ବିଷୟରେ ନିଜ ମତ ରଖିଛନ୍ତି। ସେ କହିଛନ୍ତି, ରୋହିତ ଶର୍ମାଙ୍କ ବିଷୟରେ ସେ କାହାଠାରୁ ଶୁଣି ନାହାଁନ୍ତି ଯେ ସେ ଜଣେ ଭଲ ବ୍ୟକ୍ତି ନୁହଁନ୍ତି। ତାଙ୍କର ଏକ ବିବୃତ୍ତିରେ ଆକାଶ ରୋହିତ ଶର୍ମାଙ୍କ ବିଷୟରେ କହିଛନ୍ତି, ମୁଁ ଏପରି



କୌଣସି ବ୍ୟକ୍ତିଙ୍କୁ ଦେଖି ନାହିଁ, ମୁଁ ଏହା ସମସ୍ତଙ୍କ ପାଇଁ କହି ପାରିବି ନାହିଁ, କିନ୍ତୁ ରୋହିତଙ୍କ ପାଇଁ ମୁଁ କହିପାରେ ଯେ ରୋହିତଙ୍କ ଭଳି ଭଲ ବ୍ୟକ୍ତି ମୁଁ କୋଉଠି ବି ଦେଖି ନାହିଁ। ସେ ହେଉଛନ୍ତି ୨୪ କ୍ୟାରେଟ୍ ସୁନା। ସେ ମୋ ବନ୍ଧୁ ନୁହଁନ୍ତି କିନ୍ତୁ ଏକଥା ଦାବିର ସହ କହିପାରିବି।

# ଆଜିଠୁ ବାରିପଦାରେ ରାଜ୍ୟ ସ୍ତରୀୟ ସାହାଣୀ କପ୍

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏସନ ଆନୁକୂଲ୍ୟରେ ତଥା ଓଡ଼ିଶା ଫୁଟବଲ ଆସୋସିଏସନର ସହଯୋଗରେ ବୁଧବାର ଠାରୁ ଆରମ୍ଭ ହେବାକୁ ଥିବା ୬୩ ତମ ରାଜ୍ୟ ସ୍ତରୀୟ ଆନ୍ତଃ ଜିଲ୍ଲା ଫୁଟବଲ ଚମ୍ପିୟାନସିପ ସାହାଣୀ କପ- ୨୦୨୪ ଅନୁଷ୍ଠିତ ହେବ। ଏହି ଅବସରରେ ଏକ ସାମ୍ବାଦିକ ସମ୍ମିଳନୀ ବାରିପଦା ଷ୍ଟାଡିୟମ ସଭା କକ୍ଷ ଠାରେ ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ବିଜୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ ଓ ସୁବ୍ରମନିୟମ ମହାନ୍ତି, ଫୁଟବଲ ସମ୍ପାଦକ ଅମର କୁମାର ସେଠୀ, କାଉନସିଲ ସଭ୍ୟ ତଥା ଓଡ଼ିଶା ଫୁଟବଲ ଏସୋସିଏସନର ଉପ ସଭାପତି ଅସିତ ପତି, ପ୍ରମୁଖ ଉପସ୍ଥିତ ରହି ୯ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ସାହାଣୀ କପ ଉପରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଓଡ଼ିଶାର ୪ଟି ଜୋନ୍‌ରେ ଖେଳ ହେଉଥିବା ବେଳେ ବାରିପଦାରେ ବୌଦ୍ଧ, ମୟୁରଭଞ୍ଜ, ଭଦ୍ରକ, ଅନୁଗୁଳ, ବାଲେଶ୍ୱର, ଦେବଗଡ଼, ଯାଜପୁର ଓ ଢେଙ୍କାନାଳ ଜିଲ୍ଲା ଖେଳିବେ ବୋଲି ଫୁଟବଲ ସମ୍ପାଦକ ପ୍ରକାଶ କରିଥିଲେ। ଏହି ଚାମ୍ପିଅନସିପ ସେପ୍ଟେମ୍ବର ୨୫ ତାରିଖଠାରୁ ଅକ୍ଟୋବର ୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବା ସହ କ୍ୱାର୍ଟର ଫାଇନାଲ ଅକ୍ଟୋବର ୨, ସେମିଫାଇନାଲ ୪ ଓ ଫାଇନାଲ ୬ ତାରିଖରେ ହେବ ବୋଲି ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ୧୮ ବର୍ଷ ତଳେ ବାରିପଦାରେ ଖେଳାଯାଇଥିବା ସାହାଣୀ କପରେ ମୟୂରଭଞ୍ଜ ରନର୍ସ ଅପ ହୋଇଥିବା ଏ ବର୍ଷ ମଧ୍ୟ ଭଲ ପ୍ରଦର୍ଶନ କରିବ ବୋଲି ଅସିତ ପତି ପ୍ରକାଶ କରିଥିଲେ। ଏହି ସାହାଣୀ କପ ପାଇଁ ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ତଥା ମ୍ୟୁନିସିପାଲିଟିର ସମସ୍ତ ସାହାଯ୍ୟ ସହଯୋଗ ମିଳିବା ସହିତ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି ବୋଲି ଫୁଟବଲ୍ ସମ୍ପାଦକ ଅମର କୁମାର ସେଠୀ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀକୁ ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ପରିଚାଳନା କରିଥିଲେ।

## ରାଜ୍ୟସ୍ତରୀୟ କ୍ରୀଡ଼ାମିଟ୍‌ରେ ସୁଜାତା ମିଞ୍ଜ୍‌ଙ୍କ ସଫଳତା






**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ପୋଲିସର ସୋନପୁର ଥାନାରେ କାର୍ଯ୍ୟରତ ସୁଜାତା ମିଞ୍ଜ ରାଜ୍ୟସ୍ତରୀୟ କ୍ରୀଡ଼ାମିଟ୍‌ର ଡିସ୍‌କସ୍ ଥ୍ରୋରେ ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ସୁବର୍ଣ୍ଣପୁର ପୋଲିସ ପାଇଁ ଗୌରବ ଆଣିବା ସହ ମାନସମ୍ମାନ ବଢାଇଛନ୍ତି। ସେ ଜିଲ୍ଲାକୁ ଫେରିବା ପରେ ସୁବର୍ଣ୍ଣପୁର ଜିଲ୍ଲା ପୋଲିସ ତରଫରୁ ଜିଲ୍ଲା ପୋଲିସ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ୟସ୍ ପ୍ରତାପ ଶ୍ରୀମାଲ୍ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସଭାରେ ଅନେକ ଜିଲ୍ଲା ପୋଲିସର ଅଧିକାରୀ ଅନେକ ଅଫିସର ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଜିଲ୍ଲା ପୋଲିସ୍ ସମସ୍ତ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେବା ସହ ଉନ୍ନତମାନର କ୍ରୀଡ଼ା ପ୍ରଦର୍ଶନ କରିବା ସହ ଉପଯୁକ୍ତ ଖେଳାଳି ବାହାର କରିବାକୁ ସୁବର୍ଣ୍ଣପୁର ଏସ୍‌ପି ପରାମର୍ଶ ଦେଇଥିଲେ। ସେହିପରି ସୋନପୁର ସଦର ଥାନା ଆଇଆଇସି ରମେଶ ମାହାଣା ଓ ସମସ୍ତ ଥାନା ଅଧିକାରୀ ସୁଜାତା ମିଞ୍ଜ ଥାନା ପରିସରରେ ସମ୍ବର୍ଦ୍ଧିତ କରିଛନ୍ତି। ଆଗାମୀ ଦିନରେ ଜାତୀୟ ସ୍ତରରେ କୃତକାର୍ଯ୍ୟ ହେବା ପାଇଁ ଉତ୍ସାହିତ କରିଛନ୍ତି।

## ବିଜେପିର ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ ଯୋଗ ଦେଲେ ବୈଜୟନ୍ତ ପଣ୍ଡା

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୋନପୁର ବ୍ଲକ୍ ବାବୁପାଲି ଠାରେ ସୋମବାର ବିଜେପି ପକ୍ଷରୁ ଅନୁଷ୍ଠିତ ହୋଇଥିବା ସଦସ୍ୟତା ସଂଗ୍ରହ ଅଭିଯାନରେ ଯୋଗ ଦେଇଥିଲେ ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା। ବିଜେପି ଦେଶ ଏବଂ ଜାତିର ବିକାଶ ପାଇଁ ପ୍ରତିଶୃତି ବଦ୍ଧ ବୋଲି କହିବା ସହ ବିଜେପିର ସଦସ୍ୟତା ଗ୍ରହଣ କରି ଶକ୍ତ ଭାରତ ଏବଂ ଶକ୍ତ ଓଡ଼ିଶା ଗଠନ ଦିଗରେ ସହାୟକ ହେବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ବିଜେପି ସଭାପତି ପ୍ରମୋଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବୀରମହାରାଜପୁର ବିଧାୟକ



ରଘୁନାଥ ଜଗଦଲା, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ପୂଜାରୀ, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଶରତ ଶତପଥି, ବିଜେପି ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ସ୍ୱରୂପ ପାତ୍ର, କାଉନସିଲର ଗଙ୍ଗାଧର ତରିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗୁପ୍ତ ପ୍ରକାଶ ମିଶ୍ର, ପ୍ରବୀଣ ପଟ୍ଟନାୟକ, କୁନାଲ ପ୍ରଧାନ, ସଂଜୀବ ମେହେର, ବବ୍ରୁବାହାନ ମେହେର, ନିତୁ ଦରାନ ପ୍ରମୁଖଙ୍କ ସହ ଅନ୍ୟମାନେ ବିଜେପିରେ ଯୋଗ ଦେଇଥିଲେ। ପରେ ବିଜେପି କାର୍ଯ୍ୟାଳୟରେ ବିଜେପିର ସଦସ୍ୟତା ଅଭିଯାନକୁ ବ୍ୟାପକ କରିବା ପାଇଁ ହୋଇଥିବା ବୈଠକରେ ସାଂସଦ ଶ୍ରୀ ପଣ୍ଡା ଯୋଗ ଦେଇ ମାର୍ଗ ଦର୍ଶନ କରିଥିଲେ।

## ଗୋବର୍ଦ୍ଧନ ହେଲେ ଓଡ଼ିଶା ଆଇନଜୀବୀ ପରିଷଦର ଶୃଙ୍ଖଳା କମିଟି ଅଧ୍ୟକ୍ଷ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**



କେନ୍ଦ୍ରାପଡ଼ାର ବରିଷ୍ଠ ଆଇନଜୀବୀ ଗୋବର୍ଦ୍ଧନ ରାଉତ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଶୃଙ୍ଖଳାଗତ କମିଟିର ଅଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଗତ ୨୨ ତାରିଖ ରାଜ୍ୟ ଆଇନଜୀବୀ ପରିଷଦ ତରଫରୁ ୩ ଜଣ ବରିଷ୍ଠ ଆଇନଜୀବୀଙ୍କୁ ପରିଷଦର ଶୃଙ୍ଖଳାଗତ କମିଟିରେ ମନୋନୀତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ବରିଷ୍ଠ ଆଇନଜୀବୀ ଦିନେଶ ଚନ୍ଦ୍ର ରାୟ ଓ ମାନସ କୁମାର ଚାନ୍ଦ ରହିଥିବା ବେଳେ ପରିଷଦର ଚେୟାରମ୍ୟାନ ସୀତାଂଶୁ ମୋହନ ଦ୍ୱିବେଦୀ କେନ୍ଦ୍ରାପଡ଼ା ବାର୍ ଆସୋସିଏସନର ବରିଷ୍ଠ ଆଇନଜୀବୀ ଗୋବର୍ଦ୍ଧନ ରାଉତଙ୍କୁ କୋ-ଅପଟି ସଦସ୍ୟ ଭାବେ ମନୋନୀତ କରିଥିଲେ। ସେମାନଙ୍କ ମଧ୍ୟରୁ ବରିଷ୍ଠତା ଭିତ୍ତିରେ ଶ୍ରୀ ରାଉତଙ୍କୁ ଶୃଙ୍ଖଳାଗତ କମିଟିର ଚେୟାରମ୍ୟାନ ଭାବେ ମନୋନୀତ କରାଯାଇଛି। କେନ୍ଦ୍ରାପଡ଼ା ଆଇନଜୀବୀ ସଂଘ ପକ୍ଷରୁ ପ୍ରଥମ ଥର ଲାଗି ରାଜ୍ୟ ଆଇନଜୀବୀ ପରିଷଦକୁ ଶ୍ରୀ ରାଉତ ମନୋନୀତ ହୋଇଥିବାରୁ ଜିଲ୍ଲା ଓକିଲ ସଂଘ ତରଫରୁ ସଭାପତି ଧୃବ ଚରଣ ଜେନାଙ୍କ ସମେତ ଭୀମସେନ ଭୂୟାଁ, ନିହାର ମହାପାତ୍ର, କୁଞ୍ଜ ବିହାରୀ ପରିଡ଼ା, ନିରଞ୍ଜନ ବଳ, ସ୍ମୃତି ରଞ୍ଜନ ସିଂହ, ସେଜ ଅଜିମୁଦ୍ଦିନ ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନା ଦେଇଛନ୍ତି।

## ପ୍ରେମୀଯୁଗଳଙ୍କ ଝୁଲନ୍ତା ଶବ ଉଦ୍ଧାର କଲା ପୁଲିସ

**ରାଇଘର, ନ୍ୟୁଜ୍‌ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା କୁନ୍ଦେଇ ଥାନ ଅନ୍ତର୍ଗତ ଭୁରୁଖାମହୁଲି ଗ୍ରାମ ନିକଟସ୍ଥ ଜଙ୍ଗଲରେ ପ୍ରେମୀଯୁଗଳଙ୍କ ଝୁଲନ୍ତା ଶବ ପୁଲିସ ଉଦ୍ଧାର କରିଛି। ମୃତକ ଦୁଇଜଣ ହେଲେ ରାଇଘର ବ୍ଲକ୍ ଭୁରୁଖାମହୁଲି ଗ୍ରାମର ନାରାୟଣ ଗଣ୍ଡଙ୍କ ପୁଅ ରେମଲାଲ ଗଣ୍ଡ (୧୮) ଏବଂ ଛବିଲାଲ୍ ଗଣ୍ଡଙ୍କ ଝିଅ ଦିକେଶ୍ୱରୀ ଗଣ୍ଡ (୧୬)। ଦୁହେଁ ଦୀର୍ଘ ଦିନରୁ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିବା ବେଳେ ପରିବାର ଲୋକେ ବିବାହ ପାଇଁ ମନା କରିଥିବାରୁ ଦୁହେଁ ଆତ୍ମହତ୍ୟା କରିଥିବା ପୁଲିସ ସନ୍ଦେହ କରିଛି।



ସୂଚନା ଅନୁଯାୟୀ, ଗତ ରବିବାର ୨୨ ତାରିଖ ଠାରୁ ରେମଲାଲ୍ ଓ ଦିକେଶ୍ୱରୀ ଦୁହେଁ ଘରୁ ବାହାରି ଆଉ ଫେରି ନଥିଲେ। ପରିବାର ଲୋକେ ବହୁତ ଖୋଜାଖୋଜି କରି ପାଇ ନଥିଲେ। ମଙ୍ଗଳବାର ସକାଳୁ ସେଠାକାର କିଛି ଗ୍ରାମବାସୀ ନିକଟସ୍ଥ ଜଙ୍ଗଲକୁ ଘାସ କାଟିବାକୁ ଯାଇଥିବା ବେଳେ ଏକ ଅଶ୍ୱତଥ ଗଛ ଉପରେ ଦୁଇଜଣଙ୍କ ମୃତଦେହ ଦେଖି ଗ୍ରାମରେ ଆସି ଆଲୋଚନା କରିଥିଲେ। ଏହି କଥା ଶୁଣି ସମ୍ପୃକ୍ତ ଉଭୟ ଯୁବକ ଯୁବତୀଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଶବ ଚିହ୍ନଟ କରିବା ସହ କୁନ୍ଦେଇ ଥାନାରେ ଲିଖିତ ଭାବେ ଜଣାଇଥିଲେ। କୁନ୍ଦେଇ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସେଠୀ ଘଟଣା ସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛନ୍ତି।

Mail ID : - sepwdbalangir@gmail.com

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER,
BALANGIR (R&B) CIRCLE: BALANGIR
e - Procurement Notice
BID IDENTIFICATION No: CCE(R&B) BGR/02/ 2024-25
Letter No- 2594 // Dtd. 20.09.2024 B-323

The **Chief Engineer, Balangir (R&B) Circle, Balangir** on behalf of Governor of Odisha invites percentage rate bid in double cover system in **ONLINE MODE** for the construction of works detailed in the table below from "B" "A" & "Special" Class Contractors registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Civil works. The proof of registration from the appropriate authority shall be enclosed along with the bid.

1. Nature of Work : Road Work & Bridge Work
2. No. of tender : Road Work -4 Nos. & Bridge Work-2 Nos
3. Tender Cost : Rs.10, 000/-
4. Class of Contractor : "B" "A" & "Special"
5. Date & Time of sale & Receipt of Bids : From Dt. 07.10.2024, 10.00 A.M. to Dt. 22.10.2024 up to 05.00 P.M.
6. Date of opening Bid : Dt. 23.10.2024 at 11.00 A.M.
7. The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendum will be available on ONLINE MODE only.

Sd/- Chief Construction Engineer,
Balangir (R&B) Circle, Balangir.
OIPR-34028/11/0006/2425

OFFICE OF THE DIVISIONAL FOREST OFFICER
ATHMALLIK FOREST DIVISION, ATHMALLIK MM-175
E-Mail ID: dfoathmallik@gmail.com
Phone /Fax No.06763-254236, Notification No. 139 / dated. 23.09.2024

1. Sealed tenders are invited for the sale of 55 confiscated vehicles from the Athmallik Forest Division, available for purchase at the Athmallik Division Office. The vehicles are sold on an 'as is, where is" basis, and no complaints about their condition will be accepted afterward.
2. Tender papers will be accepted from **26.09.2024 to 29.10.2024**, on working days between **11:00 AM to 1:30 PM** at the office of the undersigned through obtaining the sale list and tender forms by paying Rs 100/- (Rupees one hundred only) in cash for each set of documents which is non refundable. Apart from that the Tenderers must submit a copy of valid government-issued ID issued from Govt, of India or Odisha along with their tender papers either by registered post or by dropping them in a designated box. By submitting a tender, the tenderer acknowledges thac they have thoroughly assessed the current condition of the vehicle as no complaints regarding the condition of the vehicles will be entertained on any circumstances after the tender sale is finalized. Tender papers will be opened on **29.10.2024 at 4:30 PM.** in the presence of the tenderers or their authorized representatives
3. Intending tenderers must submit an Earnest Money Deposit for each vehicle, as specified in the list below, via **Bank Draft or Banker's Cheque** payable to the Divisional Forest Officer, ***Athmallik Forest Division, at SBI, main branch, Athmallik.*** Tenders submitted without the required EMD will be rejected outright.
4. Tenderers may bid on multiple vehicles by submitting a separate tender form for each vehicle, along with a distinct Bank Draft or Bankers Cheque for the Earnest Money Deposit (EMD) for each submission. The EMD will be adjusted toward the sale value for successful bids and refunded within 7 days after the completion of the sale event for unsuccessful bids.
5. The highest tenderer must deposit **50%** of the accepted amount, including the EMD, via Bank Draft or Banker's Cheque immediately, with the remaining 50% due within **15 days** of the ratification order.
6. If the successful tenderer fails to pay the quoted amount*within the stipulated period of 15 days after the ratification order, 50% of the tender amount, including the EMD, will be forfeited to the government. The vehicle will then be re-offered through a new tender process. The vehicle will not be delivered until full payment and all formalities arc completed
7. The Divisional Forest Officer shall not handle any tax liabilities (road tax, insurance, and fitness charges, etc.), as the bidder is solely responsible for preparing them.
8. Successful tenderers must remove vehicles from the site within **45 days** of full payment. If this deadline is not met, a daily ground rent of 1% of the tender amount will be charged until removal. Tenderers are responsible for the custody and safekeeping of the vehicles.
9. The undersigned reserves the right to accept or reject any bids or cancel the invitation without reason. The decision of the Divisional Forest Officer, Athmallik Forest Division, is final and not subject to challenge, and the officer will not be liable for any resulting consequences.
10. Details of the vehicles are available on **www.odishaforest.in**

Sd/-Divisional Forest Officer,
Athmallik Division
OIPR-08125/11/0004/2425

## ନାବାଳିକା ବଳତ୍କାର ପରେ ହତ୍ୟା ସନ୍ଦେହ ଘଟଣା

# ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

**ନବରଙ୍ଗପୁର, ନ୍ୟୁଜ୍‌ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ଥାନା ଅଧିନ ଏକ ଗାଁରେ ଜଣେ ନାବାଳିକାକୁ ବଳତ୍କାର ପରେ ହତ୍ୟା ହୋଇଥିବା ବିଭିନ୍ନ ରାଜନୈତିକ ଦଳ, ସାମାଜିକ କର୍ମୀ ଅଭିଯୋଗ ଆଣିଥିଲେ। କିନ୍ତୁ ପରିବାର ଲୋକ ଥାନାରେ ହତ୍ୟା ହୋଇଥିବା ୧୭ ତାରିଖ ଦିନ ରାତି ୧୦ଟାରେ ଏତଲା ଦେଇଥିଲେ। ପୋଲିସ ଏହି ଘଟଣାକୁ ଗମ୍ଭୀରତା ସହ ନେଇ ଡିଆଇଜିଙ୍କ ନିର୍ଦ୍ଦେଶ କ୍ରମେ ୩ଟି ଟିମ୍ ଗଠନ କରି ତଦନ୍ତ ଜାରି ରଖିଥିଲା। ଏହି ଘଟଣାରେ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

ନବରଙ୍ଗପୁର ଜିଲ୍ଲା ନାବାଳିକା ହତ୍ୟା ଘଟଣାରେ ଗାଁର ଦୁଇଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଦୁଇଜଣ ହେଲେ କଣ୍ଟାଗାଁର ଅଲେଖ ମାଝୀ(୨୦) ଓ ପରମା ନନ୍ଦ ଦିଶାରୀ(୨୪) ବୋଲି ନବରଙ୍ଗପୁର ପୋଲିସ ମୁଖ୍ୟାଳୟ ଠାରେ ଆହୁତ ଖବରଦାତା ସମ୍ମିଳନୀରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଚରଣ ସିଂ ମିନା କହିଛନ୍ତି। ୧୭ ତାରିଖ ଦିନ ନାବାଳିକାର ପରିବାରଙ୍କ ଅଭିଯୋଗ କ୍ରମେ କେସ୍ ନମ୍ବର ୨୨୨/୨୪ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲେ। ନାବାଳିକା ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ ରହିଥିଲା। ନାବାଳିକାକୁ ଯୌନ ଆଘାତ ପରେ ତଣ୍ଟି ଚିପି ଶ୍ୱାସ ରୁଦ୍ଧ କରି ହତ୍ୟା କରାଯାଇଥିବା ଡିଆଇଜି ମିନା ସୂଚନା ଦେଇଛନ୍ତି। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଆମେ ଜଣାଇ ପାରିବୁ ନାହିଁ। କୋର୍ଟରେ ଦାଖଲ କରାଯିବ ବୋଲି କହିଛନ୍ତି। ଡଗ୍ ସ୍କ୍ୱାଡ୍, ସାଇଣ୍ଟିଫିକ ଟିମ୍‌ର ସହଯୋଗ ସମେତ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ନବରଙ୍ଗପୁର ଏସ୍‌ଡିପିଓ କୃଷ୍ଣ ଚନ୍ଦ୍ର ଭତ୍ରାଙ୍କୁ ତଦନ୍ତ ଭାର ଦିଆଯାଇଥିଲା। ପରେ ୩ଟି ଟିମ୍ ଗଠନ କରାଯାଇ ଏଏସ୍‌ପି ବଟକୃଷ୍ଣ ମିଶ୍ର, ଡିଏସ୍‌ପି ରଜ କିଶୋଇ ଦାଶ୍, ଡିଏସ୍‌ପି ଡିଆଇବି ଏନ.କେ. ପୂଜାରୀ, ଏସଡିପି ଓ ମିନାକ୍ଷୀ ଠାକୁର, ନବରଙ୍ଗପୁର ଥାନା ଅଧିକାରୀ ସମ୍ବିତ ବେହେରା, ତେନ୍ତୁଳିଖୁଣ୍ଟି ଥାନା ଅଧିକାରୀ ଗୋପାଳ କୃଷ୍ଣ ଅଗୁପାତ୍ର, ଇନ୍ସପେକ୍ଟର ଡି.ଜେନା ପ୍ରମୁଖଙ୍କୁ ନେଇ ଏହା ସ୍ୱତନ୍ତ୍ର ଟିମ୍ ଗଠନ କରା ଯାଇଥିଲା। ଏହି ସ୍ୱତନ୍ତ୍ର ଟିମ୍ ବିଭିନ୍ନ ଦିଗକୁ ଅନୁସନ୍ଧାନ କରିଥିଲା। ଅଲେଖ ମାଝୀ ଓ ପରମାନନ୍ଦ ଦିଶାରୀ ସମ୍ପୃକ୍ତ ଥିବା ଜାଣିପାରିଥିଲେ। ପରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କୋର୍ଟ ଚାଲାଣ କରାଯାଇଛି। ଘଟଣା ଦିନ ଅଭିଯୁକ୍ତ ଦୁଇଜଣ ସମ୍ପୃକ୍ତ ନାବାଳିକାକୁ ଯୌନ ଆଘାତ କରିଥିଲେ। ଧରାପଡ଼ିଯିବା ଭୟରେ ତାକୁ ଶ୍ୱାସ ରୁଦ୍ଧ କରି ହତ୍ୟା କରିଥିଲେ ବୋଲି କହିଛନ୍ତି। ପୀଡ଼ିତାଙ୍କ ପରିବାରଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରିବା ପାଇଁ ପୋଲିସ ତାହାର ଉଦ୍ୟମ କରୁଛି। ତ୍ୱରିତ ନ୍ୟାୟ ପାଇଁ ଯଥା ଶୀଘ୍ର ଚାର୍ଜସିଟ୍ କୋର୍ଟକୁ ପ୍ରଦାନ କରାଯିବ। ସରକାରଙ୍କ ପ୍ରବଧାନ ଅନୁଯାୟୀ ପିଡିତାଙ୍କ ପ୍ରରିବାର ବର୍ଗଙ୍କୁ ତୁରନ୍ତ କ୍ଷତି ପୂରଣ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକାରଣଙ୍କୁ ଚିଠି କରାଯାଇଛି। ପୀଡ଼ିତା ପରିବାର ବର୍ଗଙ୍କୁ ଉଚିତ ନ୍ୟାୟ ଓ ସମସ୍ତ ପ୍ରକାର ଆଇନଗତ ସହାୟତା ପାଇଁ ନବରଙ୍ଗ ପୁର ପୋଲିସ ପ୍ରତିଶ୍ରୁତିବଦ୍ଧ ବୋଲି ଡିଆଇଜି ମିନା ଖବରଦାତା ସମ୍ମିଳନୀରେ କହିଛନ୍ତି। ଖବରଦାତା ସମ୍ମିଳନୀରେ ଏସ୍‌ପି ରୋହିତ ବର୍ମା ଉପସ୍ଥିତ ସମେତ ତଦନ୍ତ କରି ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

### ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ନ୍ୟାୟ ସମିତିର ମଶାଲ ଶୋଭାଯାତ୍ରା

ନାବାଳିକା ବଳାତ୍କାର ଓ ହତ୍ୟା ଘଟଣାରେ ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ନବରଙ୍ଗପୁର ସହରର ସଦାଶିବ ପାର୍କ ନିକଟରୁ ଶୋଭାଯାତ୍ରା ବାହାରି ଆମ୍ବେଦକର ଛକ ନିକଟରେ ପହଞ୍ଚିଥିଲା। ନ୍ୟାୟ ସମିତିର ମଶାଲ ଶୋଭାଯାତ୍ରା ସମିତିର ଅଧ୍ୟକ୍ଷା କାଦମ୍ବିନୀ ତ୍ରିପାଠୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେଠାରେ ମୃତ ନାବାଳିକାଙ୍କୁ ସମବେଦନା ଜଣାଇବା ସହିତ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରାବା ସହିତ ଅଭିଯୁକ୍ତଙ୍କୁ ଗିରଫ ଦାବି କରାଯାଇଛି। ଏହି ଶୋଭାଯାତ୍ରାରେ ମୁନ୍ନା ତ୍ରିପାଠୀ, ଜେନାମଣି ବିଷୋୟୀ, ପରିସାହୁ, ସୁମିତ ପୂଜାରୀ, ଗଣେଶ ଦାସ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇଥିଲେ। ୨୧ ତାରିଖ ଦିନ ସମିତି ଗଠନ ପରେ ନବରଙ୍ଗପୁରରେ ପୀଡ଼ିତା ଛାତ୍ରୀ ନାମରେ ଗଠନ ହୋଇଛି। ନ୍ୟାୟ ସମିତି ଏହି ମଶାଲ ଶୋଭାଯାତ୍ରା କରିଛି। ଜିଲ୍ଲାରେ ମହିଳାଙ୍କୁ ବିଭିନ୍ନ କ୍ଷେତ୍ରରେ ନ୍ୟାୟ ଦେବା ପାଇଁ କରିବ ଲଢ଼େଇ। କାଦମ୍ବିନୀ ତ୍ରିପାଠୀ, ଜେମାମଣି ବିଷୋୟୀ, ନବରଙ୍ଗପୁର ଜିଲ୍ଲା ଆଇନଜୀବୀ ସଂଘର ସଭାପତି ନରସିଂହ ନାଥ ତ୍ରିପାଠୀ, ସୁମିଟ ପୂଜାରୀ, ସୁମିତ ପାଳ, ନିନୀ ବାବୁ ତ୍ରିପାଠୀ, ପ୍ରକାଶ ସାମନ୍ତରାୟ, ଦିବାକର ପୂଜାରୀ, ନବଜୀବନ ମନ୍ଦାର, ସ୍ୱର୍ଣ୍ଣଲତା ପଟ୍ଟନାୟକ, ଅଳ ଭତରା, ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ଅବଦୁଲ ଫିରୋଜ, ମୁନ୍ନା ତ୍ରିପାଠୀ, ପ୍ରଦୀପ ସାହୁ, ସମେତ ଶତାଧିକ ଲୋକ ଯୋଗଦେଇଥିଲେ।

30 YEARS

ଭୁବନେଶ୍ୱର, ୨୫ ସେପ୍ଟେମ୍ବର ୨୦୨୪ ବୁଧବାର





## ପାର୍ବଣ ପାଇଁ କଟକରେ ବିଭିନ୍ନ ଦୋକାନରେ ସିଏମସି ସ୍ୱାସ୍ଥ୍ୟ ବିଭାଗର ଚଢଉ

**କଟକ, ନ୍ୟୁଜ ବ୍ୟୁରୋ**

ଦଶହରା ପୂର୍ବରୁ ଲୋକଙ୍କ ସ୍ୱାସ୍ଥ୍ୟ ଓ ଉନ୍ନତ ମାନର ଖାଦ୍ୟ ଜିନିଷ ପାଇଁ ସିଏମସି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ଦେଖାଦେଇଛି । ଆକ୍ସନ ମୁଡରେ ରହିଛି ସିଏମସି ସ୍ୱାସ୍ଥ୍ୟ ବିଭାଗ । ଷ୍ଟ୍ରିଟ ଫୁଡ୍ ଉପରେ ଚଢଉ କରାଯାଇଛି । କଟକ ଦୋଳମୁଣ୍ଡାଇ ଛକରେ ବିଭିନ୍ନ ରେଷ୍ଟୋରାଁ ଓ ରାସ୍ତାକଡ ଖାଦ୍ୟ ଷ୍ଟଲରେ ଯାଞ୍ଚ କରିଛନ୍ତି ସିଏମସି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଏବଂ ଫୁଡ ସେଫଟୀ ଅଧିକାରୀ । ଦୋଳମୁଣ୍ଡାଇ ନିକଟ ବିଭିନ୍ନ ରେଷ୍ଟୋରାଁ, ଫାଷ୍ଟ ଫୁଡ୍, ଜଳଖିଆ ଦୋକାନ, ଚାଟ୍, ମୋମୋ, ଗୁପଚୁପ୍, ମକ୍କା ଏବଂ ଦହିବରା ଦୋକାନରେ ସ୍ୱାସ୍ଥ୍ୟ ବିଭାଗ ଟିମ୍ ଯାଞ୍ଚ କରିଛି । ପାର୍ବଣ ଆରମ୍ଭ ହେଉଥିବାରୁ ଅପମିଶ୍ରିତ ଖାଦ୍ୟ ବିକ୍ରିକୁ ରୋକିବାକୁ ଟିମ୍ ଏହି ଯାଞ୍ଚ କରିଛି ।

ଝାରପଡା



ସହିଦନଗର



ରସୁଲଗଡ



ଭୁବନେଶ୍ୱର : ଦୁର୍ଗାପୂଜା ନିମନ୍ତେ ବିଭିନ୍ନ ପୂଜା ମଣ୍ଡପରେ ଆଗେଇ ଚାଲିଛି ତୋରଣ ନିର୍ମାଣ

## ସୂର୍ଯ୍ୟମନ୍ଦିର ଜିପିଆର ସର୍ଭେ ଆରମ୍ଭ : ବାଲି ତଳୁ ବାହାରିବ ପୁରାତନ କୀର୍ତ୍ତିରାଜୀ

**କୋଣାର୍କ, ନ୍ୟୁଜ ବ୍ୟୁରୋ**

କଳା ଭାସ୍କର୍ଯ୍ୟର କୀର୍ତ୍ତିବହନ କରୁଥିବା ବିଶ୍ୱ ଐତିହ୍ୟ ସୂର୍ଯ୍ୟମନ୍ଦିର ଚତୁଃପାର୍ଶ୍ୱରେ ବହୁ ପୁରାତନ କୀର୍ତ୍ତିରାଜି ବାଲି ତଳେ ପୋତି ହୋଇପଡିଛି । ଏନେଇ ଜାତୀୟ ଭୂ- ଭୈତିକ ଗବେଷଣା ସଂସ୍ଥା (ଏନଜିଆରଆଇ)ର ଏକ ଟିମ, ଏଏସଆଇ ବିଭାଗ ମିଳିତ ଭାବେ ଜିପିଆର ସର୍ଭେ ଆରମ୍ଭ କରିଛି । ଭାରତୀୟ ପୁରାତତ୍ୱ ସର୍ବେକ୍ଷଣ ପୁରୀ ମଣ୍ଡଳ ଅଧିକ୍ଷଣ ପୁରାତତ୍ତ୍ୱବିଦ ଡା. ଦିବିଷଦ ବ୍ରଜସୁନ୍ଦର ଗଡ଼ନାୟକଙ୍କ ତତ୍ତ୍ୱାବଧାନରେ ମନ୍ଦିର ସମ୍ମୁଖସ୍ଥ ଶହେ ଫୁଟ ଓ ଶହେ ଫୁଟରେ ଜିପିଆର ସର୍ଭେ ଆରମ୍ଭ ହୋଇଛି । ପ୍ରାୟ ୫ ଘଣ୍ଟାରୁ ଅଧିକ ସମୟ ହେବ ରେଡ଼ିଓ ୱେଭ ସାହାଯ୍ୟରେ ୧୫ମିଟର ଭୂତଳକୁ ସ୍କାନି



କରାଯାଇଥିଲା । ଏହି ସମୟରେ ଦୁଇଟି ଜାଗାରେ ବାଲି ତଳେ ମୂର୍ତ୍ତି ରହିଥିବା ଜଣାପଡିଛି । ସେହି ସ୍ଥାନକୁ ସଫା କରାଯାଉଛି । ଏହା ଦୁଇ ଦିନ ଧରି ଚାଲିବ । ଏହି ସର୍ଭେ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଭୂତତ୍ତ୍ୱବିଦ ମାନସ ରଞ୍ଜନ ସ୍ୱାଇଁ,ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଚିତ୍ତରଞ୍ଜନ ଦାଶ,ଏନଜିଆରଆଇର ଏକେ ପାଣ୍ଡେ ଓ ଗବେଷଣା ସଂସ୍ଥାର ବରିଷ୍ଠ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ବାଲି ତଳେ କେତେ ପୁରାତନ କାରୁକାର୍ଯ୍ୟ ମୂର୍ତ୍ତି ସବୁ ରହିଛି ଏହି ଜିପିଆର ସର୍ଭେରେ ଜଣାପଡିବ । ଏବେ ଦୁଇଟି ଯାଗାରେ ମୂର୍ତ୍ତି ରହିଥିବା ଚିହ୍ନଟ ହୋଇଛି । ଖୁବଶୀଘ୍ର ଏହା ଖୋଲାଯିବ ବୋଲି କହିଛନ୍ତି ଅଧିକ୍ଷଣ ପୁରାତତ୍ତ୍ୱବିଦ ଶ୍ରୀ ଗଡନାୟକ ।

## ଉତ୍କଳ ଆଲୁମିନା ପକ୍ଷରୁ ସ୍ୱଚ୍ଛ ସମୁଦାୟ ନିମନ୍ତେ ସ୍ୱଚ୍ଛ ଅଭିଯାନ ଶୁଭାରମ୍ଭ



**ଟିକିରି/ରାୟଗଡା, ନ୍ୟୁଜ ବ୍ୟୁରୋ**

ଆଦିତ୍ୟ ବିର୍ଲା ଗ୍ରୁପ୍ ଅଧୀନସ୍ଥ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଲିମିଟେଡର ଏକ ସହଯୋଗୀ କମ୍ପାନୀ ଉତ୍କଳ ଆଲୁମିନା ରାୟଗଡା ଜିଲ୍ଲାର କୁଚେଇପଦର ଗ୍ରାମପଞ୍ଚାୟତରେ ସ୍ୱଚ୍ଛ ଅଭିଯାନ ଶୁଭାରମ୍ଭ କରିଛି । ଫଳପ୍ରଦ କର୍ପୋରେଟ ସାମାଜିକ ଦାୟିତ୍ୱ ନିର୍ବାହ (ସିଏସଆର) କାର୍ଯ୍ୟକ୍ରମ ଢାଞ୍ଚାରେ ଗୋଷ୍ଠୀ କଲ୍ୟାଣରେ ଏକ ସୁଦୃଢ଼ କମ୍ପାନୀର ପ୍ରତିବଦ୍ଧତାର ଅଂଶ ସ୍ୱରୂପ ଏହି ପ୍ରୟାସ ହାତକୁ ନିଆଯାଇଛି । ୨୦୨୪ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନ ଉକ୍ତ ଅଞ୍ଚଳର ପାଞ୍ଚଟି ଗ୍ରାମକୁ ପରିବେଷ୍ଟନ କରିବା ଲକ୍ଷ୍ୟ ରଖୁଛି । କାର୍ଯ୍ୟକ୍ରମ ଶୁଭାରମ୍ଭ ଅବସରରେ ଶ୍ରୀମତୀ ସରିତା ସେଠ, ସବ୍‌କଲେକ୍ଟର, ଦୋରାଗୁଡା ଥାନାଙ୍କ ସହିତ କଲୋନେଲ ପରମଜିତ ବାଜୱା, ଜେନେରାଲ ମ୍ୟାନେଜର, ସିକ୍ୟୁରିଟି, ଏଜିଏମ୍ କିରଣ ନାୟକ, ଏଚଆର, ଚନ୍ଦନ କିଶୋର, ଏଜିଏମ୍ ଟେକ୍ନିକାଲ ସର୍ଭିସେସଙ୍କ ସମେତ ଉତ୍କଳ ଆଲୁମିନାର ଅଧିକାରୀବୃନ୍ଦ ଏବଂ ଶ୍ରୀମତୀ ଲୋପାମୁଦ୍ରା ମିଶ୍ର, ହେଡ୍, ସିଏସଆରଙ୍କ ନେତୃତ୍ୱରେ ସମୁଦାୟ ସିଏସଆର ଟିମ୍ ଉପସ୍ଥିତ ଥିଲେ । ଏହି ପ୍ରୟାସର ଅଂଶସ୍ୱରୂପ ଗୋଷ୍ଠୀ ମଧ୍ୟରେ ସ୍ୱଚ୍ଛତା ଏବଂ ତାହାର ଗୁରୁତ୍ୱ ସମ୍ପର୍କିତ ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ ଏକାଧିକ ନିୟୋଜନକାରୀ କାର୍ଯ୍ୟକଳାପ ଆୟୋଜନ କରାଯିବ । ୧୭ଟି ସ୍କୁଲରୁ ଛାତ୍ର ଛାତ୍ରୀ ତର୍କ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ଏବଂ ଏହା ପରିମଳର ଗୁରୁତ୍ୱ ସମ୍ପର୍କରେ ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗ ସଚେତନ ହେବାକୁ ଉତ୍ସାହିତ କରିବ । ଏହିସବୁ ଶିକ୍ଷଣୀୟ କାର୍ଯ୍ୟକଳାପ ସହିତ ପାଞ୍ଚଟି ଗ୍ରାମରେ ଗ୍ରାମ ସଫେଇ ଅଭିଯାନ କାର୍ଯ୍ୟକାରୀ କରିବାକୁ ଯୋଜନା କରାଯାଉଛି । ପ୍ରଥମେ ବିଲମାଳ ଗ୍ରାମରେ ସଫେଇ କାର୍ଯ୍ୟ ସଫଳତାର ସହିତ କରାଯାଇଥିଲା, ଯେଉଁଠାରେ ୫୫ପରିବାର ବାସ କରୁଛନ୍ତି, ଏବଂ ଏହା ଅବଶିଷ୍ଟ ଗ୍ରାମଗୁଡିକ ନିମନ୍ତେ ଏକ ସକାରାତ୍ମକ ଉଦାହରଣ ସୃଷ୍ଟି କରିଛି । ଏହି ପଦକ୍ଷେପ ମଧ୍ୟ ସ୍ୱଚ୍ଛବୃତ୍ତ, ଗୋଷ୍ଠୀ ସ୍ୱେଚ୍ଛାସେବୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲା, ଯେଉଁମାନେ ସେମାନଙ୍କ ପରିବେଶରେ ଅପରିଷ୍କାର ପରିସ୍ଥିତିର ବିପଜ୍ଜନକ ପ୍ରଭାବ ପ୍ରତି ଧ୍ୟାନଦେବାରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛନ୍ତି । ଏହି ଉତ୍ସର୍ଗୀକୃତ ବ୍ୟକ୍ତିବିଶେଷ ବାସିନ୍ଦାମାନଙ୍କୁ ସ୍ୱାସ୍ଥ୍ୟକର କାର୍ଯ୍ୟଭ୍ୟାସ ସମ୍ପର୍କରେ ପ୍ରଶିକ୍ଷିତ କରାଇବା ଏବଂ ଏକ ସ୍ୱଚ୍ଛ ପରିବେଶ ବଜାୟ ରଖିବାର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇବାରେ ସହାୟତା କରିବେ । ଦ୍ୱାର-କୁ-ଦ୍ୱାର ଅଭିଯାନ ଦୁଇଟି ଗ୍ରାମପଞ୍ଚାୟତରେ କାର୍ଯ୍ୟକାରୀ କରାଯିବ, ଯେଉଁଥିରେ ସ୍ୱାସ୍ଥ୍ୟରକ୍ଷାର ଅତ୍ୟାବଶ୍ୟକ ଭୂମିକା ସମ୍ପର୍କରେ ଅଧିବାସୀମାନଙ୍କ ସହିତ ପ୍ରତ୍ୟକ୍ଷ ଯୋଗାଯୋଗ କରିବାକୁ ସୁଯୋଗ ପ୍ରଦାନ କରିବ । ସାତଟି ଗ୍ରାମପଞ୍ଚାୟତରେ ସୂଚନା ଭିତ୍ତିକ ମାଇକ ଘୋଷଣା କରାଯିବ, ଯଦ୍ୱାରା ସଚେତନତାର ପ୍ରସାର ସହିତ ଗୋଷ୍ଠୀ ଅଂଶଗ୍ରହଣକୁ ଉତ୍ସାହିତ କରାଯାଇପାରିବ । ସ୍ୱଚ୍ଛତା ରଥ ନାମରେ ଏକ ଭ୍ରାମ୍ୟମାଣ ସଚେତନତା ଅଭିଯାନ ସମସ୍ତ ପାରିପାର୍ଶ୍ୱିକ ଗ୍ରାମ ପରିଭ୍ରମଣ କରିବ, ଯାହା ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟରକ୍ଷାର ବାର୍ତ୍ତାକୁ ପ୍ରୋତ୍ସାହିତ କରିବ । ଏହି ସମସ୍ତ ପ୍ରୟାସକୁ ଅଧିକ ମଜଭୁତ କରିବା ପାଇଁ ଗ୍ରାମଗୁଡିକରେ ବ୍ୟାନରର ଏବଂ ପୋଷ୍ଟର ରଣକୌଶଳାତ୍ମକ ଦୃଷ୍ଟିକୋଣରୁ ପ୍ରଦର୍ଶିତ କରାଯିବ, ଯାହା ସ୍ୱଚ୍ଛତା ଅଭିଯାନ ଏବଂ ତାହାର ଲକ୍ଷ୍ୟଗୁଡିକ ସମ୍ପର୍କରେ ନିରନ୍ତର ଭାବରେ ସ୍ମରଣ କରାଇଦେବ । ଏହି କାର୍ଯ୍ୟକ୍ରମର ସବୁଠାରୁ ବଡ ଲକ୍ଷ୍ୟ ହେଉଛି ଜୀବନର ପ୍ରତ୍ୟେକଟି ଦିଗରୁ ସ୍ୱଚ୍ଛତାର ମହତ୍ତ୍ୱକୁ ଅନ୍ତର୍ନିହିତ କରିବା, ଯାହା ଗୋଷ୍ଠୀ ମଧ୍ୟରେ ଏକ ସ୍ୱାସ୍ଥ୍ୟରକ୍ଷା ଏବଂ କଲ୍ୟାଣକାରୀ ସଂସ୍କୃତିକୁ ଆଗେଇନେବ । ଉତ୍କଳ ଆଲୁମିନା ଏକ ସ୍ୱଚ୍ଛ, ସ୍ୱାସ୍ଥ୍ୟକର ପରିବେଶକୁ ପ୍ରୋତ୍ସାହିତ କରିବା ଏବଂ ସ୍ଥାନୀୟ ଜନସାଧାରଣଙ୍କ ସହିତ ମିଶି କାର୍ଯ୍ୟ କରିବାକୁ ପ୍ରତିବଦ୍ଧ ରହିଛି, ଯଦ୍ୱାରା ସ୍ୱଚ୍ଛତା ଭାବଧାରାକୁ ଏହି ଅଭିଯାନ ପରିସର ବାହାରେ ବଜାୟ ରଖିବାକୁ ସୁନିଶ୍ଚିତ କରାଯାଇପାରିବ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିକଶିତ ଓଡ଼ିଶାର...

ବେଳେ ସେମାନଙ୍କ ମଧ୍ୟରୁ କେବଳ ଓଡ଼ିଶାରୁ ୧୫ ଜଣ ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରୁ ଦେବଗଡ ଜିଲ୍ଲାର ଅମରେଶ ସାହୁ ଅକ୍ଷୟ ଶକ୍ତି କ୍ଷେତ୍ରରେ ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ଗଜପତି ଜିଲ୍ଲାର ଗେଡେଲା ଅଖିଲ ୱାଟର ଟେକ୍ନୋଲୋଜିରେ ମେଡାଲିଅନ୍ ଫର ଏକ୍ସିଲେନ୍ସ ପାଇଛନ୍ତି ।

ଏହି ଅବସରରେ ପିଲାମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ ସାରା ଦେଶର ୬୦ ଜଣ ପ୍ରତିଯୋଗୀମାନଙ୍କ ମଧ୍ୟରୁ କେବଳ ଓଡ଼ିଶାରୁ ୧୫ଜଣ ଭାଗ ନେବା ଏକ ବହୁତ ବଡ ସଫଳତା । ଓଡ଼ିଶାର ପିଲାମାନଙ୍କର ଦକ୍ଷତା ଉପରେ ଥିବା ଭରସାର ଏହା ହେଉଛି ଜ୍ୱଳନ୍ତ ପ୍ରମାଣ । ଏହା ଆମ ଦକ୍ଷତାର ନୂଆ ମାନଦଣ୍ଡ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାର ପିଲାମାନଙ୍କ ଦକ୍ଷତା ବର୍ତ୍ତମାନ ସାରା ବିଶ୍ୱର ଦୃଷ୍ଟିକୁ ଆସି ଗଲାଣି । ଗ୍ଲୋବାଲ ଷ୍ଟେଜରେ ଓଡ଼ିଶା ପିଲାମାନେ ଆୱାର୍ଡ଼ ପାଇବା ଏକ ରୁଟିନ ହୋଇ ଗଲାଣି ବୋଲି ପ୍ରକାଶ କରି ସେ କହିଲେ ଯେ ଏହି ଛାତ୍ରଛାତ୍ରୀମାନେ ହେଉଛନ୍ତି ଆମର ଗର୍ବ । ଏହିଭଳି ଦକ୍ଷ ଯୁବକ ଯୁବତୀ ମାନେ ହିଁ ଓଡ଼ିଶା ପାଇଁ ଏକ ସୁନ୍ଦର ଭବିଷ୍ୟତ ନିର୍ମାଣ କରି ପାରିବେ । ଏହି ଭଳି ଦକ୍ଷ ଯୁବକ ଯୁବତୀମାନଙ୍କ କାନ୍ଧରେ ହିଁ ଅଛି ଏକ ନୂତନ ଓଡିଶା ଗଠନର ଗୁରୁ ଦାୟିତ୍ୱ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାରେ ଦକ୍ଷତା ବିକାଶ ପାଇଁ ଆମେ ରୋଡ ମ୍ୟାପ ପ୍ରସ୍ତୁତ କରିଛୁ । ଆମେ କେବଳ ସ୍ୱପ୍ନ ଦେଖେଇବାରେ ବିଶ୍ୱାସ ରଖୁନା ବରଂ ବାସ୍ତବତାର ରୂପାୟନ କରିଥାଉ । ଏ ବର୍ଷ ବଜେଟରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ କେବଳ ପ୍ରୋଗ୍ରାମ ଇମ୍ପ୍ଲିମେଣ୍ଟେସନ ପାଇଁ ୧୦୫୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ।

ଦକ୍ଷତା କ୍ଷେତ୍ରରେ ସି.ଏମ ଆସ୍ୱାୟାର ଯୋଜନା ସଂପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଏହାର ଲକ୍ଷ୍ୟ ହେଉଛି ଶିଳ୍ପ କ୍ଷେତ୍ରରେ ପିଲାଙ୍କୁ ନିଯୁକ୍ତି ଯୋଗ୍ୟ କରିବା । ଆଧୁନିକ ଶିଳ୍ପର ଚାହିଦା ଅନୁଯାୟୀ ପିଲାଙ୍କ ଦକ୍ଷତାର ବିକାଶ କରିବା । ଏବେ ନିକଟରେ ୪୫ ହଜାର କୋଟି ଟଙ୍କାର ୨୬ ଟି ଶିଳ୍ପ ସ୍ଥାପନ ପାଇଁ ମଞ୍ଜୁରି ଦେଇଛୁ । ସେଥିରେ ୩୬ ହଜାର ନିଯୁକ୍ତି ସୃଷ୍ଟି ହେବ । ତେଣୁ ପିଲାଙ୍କୁ ଏହି ସବୁ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପାଇଁ ଉପଯୁକ୍ତ ଦକ୍ଷତା ଦରକାର । ସେଥିପାଇଁ ପିଲା ମାନଙ୍କୁ ଇଣ୍ଡଷ୍ଟ୍ରି ରେଡ଼ି କରିବା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି । ଏହା ସହିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ବିକେନ୍ଦ୍ରୀକରଣ କରାଯାଇ ଜିଲ୍ଲା ସ୍ତରରେ 'ନୂଆ ଓଡ଼ିଶା ଜିଲ୍ଲା ଦକ୍ଷତା କେନ୍ଦ୍ର' ଖୋଲା ଯାଉଛି । ଏହା ଦ୍ୱାରା ସ୍ଥାନୀୟ ଅଞ୍ଚଳର ଯୁବକ ମାନେ ଦକ୍ଷତା ଅର୍ଜନ କରିବା ସହିତ ସ୍ଥାନୀୟ ଶିଳ୍ପର ଚାହିଦା ମଧ୍ୟ ପୂରଣ କରି ପାରିବେ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ଶିଳ୍ପ ଦକ୍ଷତା ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ, ଦେଶର ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀମାନଙ୍କ ମଧ୍ୟରୁ କେବଳ ୨୫ ପ୍ରତିଶତ ପ୍ରତିଯୋଗୀ ହିଁ ଓଡ଼ିଶାରୁ ହିଁ ଥିଲେ । ଓଡ଼ିଶା ପିଲାମାନଙ୍କର ଦକ୍ଷତା ରହିଛି । ଏହାକୁ ତୃଣମୂଳସ୍ତରରୁ ପ୍ରସାରିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଉଦ୍ୟମ ଆରମ୍ଭ କରାଯାଇଛି । ମୁଖ୍ୟଶାସନ ସଚିବ ମନୋଜ ଆହୁଜା କହିଥିଲେ ଯେ, ଓଡ଼ିଶାର ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଏକ ସ୍ୱତନ୍ତ୍ର ମାନଦଣ୍ଡ ରହିଛି । ବିଶ୍ୱସ୍ତରରେ ଓଡ଼ିଶା ପିଲାମାନଙ୍କର ଦକ୍ଷତାକୁ ପରିଚୟ ମିଳିପାରିଛି । ତେଣୁ ଶିଳ୍ପର ଚାହିଦା ଅନୁସାରେ ଆମ ପିଲାମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦିଆଗଲେ ସେମାନେ ବିଶ୍ୱସ୍ତରରେ ନିଯୁକ୍ତି ପାଇବା ପାଇଁ ଯୋଗ୍ୟ ହୋଇପାରିବେ ବୋଲି ସେ କହିଥିଲେ । ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଏନ୍.ବି. ଏସ୍ ରାଜପୁତ ସ୍ୱାଗତ ଭାଷଣ ଦେଇଥିଲେ ଓ ବିଭାଗର ନିର୍ଦ୍ଦେଶିକା ରଶ୍ମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

### ଓଡ଼ିଶାରୁ ...

ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପାଇଁ ସମସ୍ତ ପଦକ୍ଷେପ ନେଉଛି ବୋଲି ସେ କହିଥିଲେ ।

ଓଡ଼ିଶାରୁ ଇଭି ପ୍ରକଳ୍ପ ସ୍ଥାନାନ୍ତର ହେଉଥିବା ନେଇ ଖବର ପ୍ରସାରିତ ହେବାପରେ ଜେଏସଡବ୍ଲ୍ୟୁ କମ୍ପାନୀର କାର୍ଯ୍ୟନିର୍ବାହୀ ଉପସଭାପତି(କର୍ପୋରେଟ ବ୍ୟାପାର) ରଞ୍ଜନ ନାୟକଙ୍କ ଦ୍ୱାରା ଏକ ପ୍ରେସ ବିବୃତ୍ତି ଜାରି ହୋଇଛି । ସେଥିରେ କମ୍ପାନୀ କହିଛି ଯେ, ଓଡ଼ିଶାରେ ପ୍ରସ୍ତାବିତ ୪୦ହଜାର କୋଟି ଟଙ୍କାର ଇଭି ଓ ବ୍ୟାଟେରିଂ ଉତ୍ପାଦନ ପ୍ରକଳ୍ପରୁ ଜେଏସଡବ୍ଲ୍ୟୁ ଗ୍ରୁପ ଓହରିବ ନାହିଁ ।

ସୂଚନାଯୋଗ୍ୟ, ଗତ ପ୍ରାୟ ୭ମାସ ପୂର୍ବରୁ ସାଜ୍ଜନ ଜିନ୍ଦଲଙ୍କ ଜେଏସଡବ୍ଲ୍ୟୁ ତତକାଳୀନ ବିଜେଡି ସରକାର ସମୟରେ କଟକର ନରାଜ ନିକଟରେ ୪୦ହଜାର କୋଟି ଟଙ୍କା ବ୍ୟୟରେ ଇଭି ଓ ପାରାଦୀପ ଠାରେ ବ୍ୟାଟେରୀ ପ୍ରକଳ୍ପ ସ୍ଥାପନ ନିମନ୍ତେ ଓଡ଼ିଶା ସରକାରଙ୍କ ସହ ଏମଓୟୁ ସ୍ୱାକ୍ଷର କରିଥିଲା । ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଅତିରିକ୍ତ ୧୦ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି ।

### ୧୦ ଦଫା ଦାବି ...

ଦାବି କରାଯାଇଛି । ଏନଏଚଏମ ଅଧୀନରେ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ ନୂତନ ସିଏଚଓଙ୍କୁ ନିଯୁକ୍ତି ଦାବି କରିଛି ସଂଘ ।

୨୫ ଓ ୨୬ ତାରିଖ ଦୁଇଦିନ ଆନ୍ଦୋଳନ ଚାଲିବ । ତେବେ ଏହି ସମୟରେ ଜରୁରୀକାଳୀନ ସେବା ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି । ଯଦି ସରକାର ସେମାନଙ୍କ ଦାବି ନଶୁଣନ୍ତି ତେବେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସମ୍ପୂର୍ଣ୍ଣ ରୋଗୀ ସେବା ବନ୍ଦ କରିଦିଆଯିବ ବୋଲି ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

### କାର୍ଯ୍ୟାନୁଷ୍ଠାନ ପାଇଁ ...

କରିବାକୁ ମଙ୍ଗଳବାର ସବୁ ସିଡିଏମ୍ଓ ଓ ସରକାରୀ ମେଡିକାଲ କଲେଜଙ୍କୁ ଚିଠି ଲେଖିଛି ନର୍ସିଂ ନିର୍ଦ୍ଦେଶାଳୟ । ଅନ୍ୟପକ୍ଷରେ ନର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ ପରିପ୍ରେକ୍ଷୀରେ ବୁଧବାର ସଂଘ ପ୍ରତିନିଧିଙ୍କୁ ଆଲୋଚନା ପାଇଁ ସରକାର ଡାକିଛନ୍ତି ।

### ବନ୍ୟା କ୍ଷତିଗ୍ରସ୍ତଙ୍କ...

ବାସନକୁସନ ପାଇଁ ୨୫୦୦ ଟଙ୍କା ଆର୍ଥିକ ସହାୟତାରାଶି ଯୋଗାଇ ଦିଆଯିବ । କ୍ଷୁଦ୍ର ଏବଂ ନାମମାତ୍ର ଚାଷୀମାନଙ୍କୁ ଫସଲ/ଉଦ୍ୟାନ କୃଷି କ୍ଷୟକ୍ଷତିର ଭରଣା ନିମନ୍ତେ ଅଣଜଳସେଚିତ ଅଞ୍ଚଳ ପାଇଁ ହେକ୍ଟର ପିଛା ୮,୫୦୦ ଟଙ୍କା, ଜଳସେଚିତ ଜମି ପାଇଁ ହେକ୍ଟର ପିଛା ୧୭,୦୦୦ ଟଙ୍କା ଓ ସମସ୍ତ ପ୍ରକାର ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨,୫୦୦ ଟଙ୍କା ଆର୍ଥିକ ସହାୟତାରାଶି ପ୍ରଦାନ କରାଯିବ । ଏହି ସହାୟତା ସର୍ବାଧିକ ୨ ହେକ୍ଟର ପାଇଁ ଯୋଗାଇଦିଆଯିବ । ସେହିଭଳି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ବାଲିଚର ସହାୟତା ( ଯଦି ୩ ଇଞ୍ଚରୁ ଊର୍ଦ୍ଧ୍ୱ ବାଲିଚର ହୋଇଥାଏ) ହେକ୍ଟର ପିଛା ୧୮,୦୦୦ ଟଙ୍କା, ସର୍ବନିମ୍ନ ୨୨୦୦ ଟଙ୍କା, ମାଛଚାଷ ପୋଖରୀର ମରାମତି ଓ ପଙ୍କ ଉଦ୍ଧାର ପାଇଁ ହେକ୍ଟର ପିଛା ୧୮,୦୦୦ ଟଙ୍କା, ସର୍ବନିମ୍ନ ୨୨୦୦ ଟଙ୍କା, ଯଦି ଚାଷ ଜମିର ଅନେକାଂଶ ଭୂସ୍ଖଳନ ଯୋଗୁଁ, ନଦୀର ଗତିପଥ ପରିବର୍ତ୍ତନ ଯୋଗୁଁ କ୍ଷୟ ହୋଇଥାଏ ତେବେ ହେକ୍ଟର ପିଛା ୪୭,୦୦୦ ଟଙ୍କା ଏଥିପାଇଁ ଚାଷୀ ପିଛା ସର୍ବନିମ୍ନ ୫୦୦୦ ଟଙ୍କା ଆର୍ଥିକ ସହାୟତା ଦିଆଯିବ । ମତ୍ସ୍ୟଜୀବୀ ମାନଙ୍କ ଆଂଶିକ କ୍ଷତିଗ୍ରସ୍ତ ଡଙ୍ଗା ପାଇଁ ୬,୦୦୦ ଟଙ୍କା, ଆଂଶିକ କ୍ଷତିଗ୍ରସ୍ତ ଜାଲ ପାଇଁ ୩୦୦୦ ଟଙ୍କା, ସଂପୂର୍ଣ୍ଣ ଭାଙ୍ଗି ଯାଇଥିବା ଡଙ୍ଗା ପାଇଁ ୧୫,୦୦୦ ଟଙ୍କା, ସଂପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ଜାଲ ପାଇଁ ୪,୦୦୦ ଟଙ୍କା ଓ ମତ୍ସ୍ୟ ଯାଆଁଳ ଚାଷର କ୍ଷତି ପାଇଁ ହେକ୍ଟର ପିଛା ୧୦,୦୦୦ ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ । ମୃତ ଗୃହପାଳିତ ପଶୁମାନଙ୍କ ପାଇଁ ଦୁଧିଆଳୀ ପଶୁ ଯଥା ମଇଁଷି, ଗାଈ ପିଛା ୩୭,୫୦୦ ଟଙ୍କା, ଛେଳି ବା ମେଣ୍ଢା ପିଛା ୪୦୦୦ ଟଙ୍କା, ଭାରବାହୀ ପଶୁ ଯଥା ବଳଦ, ମଇଁଷି, ଘୋଡା ପିଛା ୩୨,୦୦୦ ଟଙ୍କା, ବାଛୁରୀ, ଗଧ ଏବଂ ଖଚର ପିଛା ୨୦,୦୦୦ ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ । ଏହି ସହାୟତା ରାଶି ଗୋଟିଏ ପରିବାରର ୩ଟି ବଡ଼ ଦୁଗ୍ଧ ପ୍ରଦାନକାରୀ ପଶୁ ବା ୩୦ଟି ଛୋଟ ଦୁଗ୍ଧ ପ୍ରଦାନକାରୀ ପଶୁ କିମ୍ବା ୩ଟି ବୃହତ ଭାରବାହୀ ପଶୁ ବା ୬ଟି ଛୋଟ ଭାରବାହୀ ପଶୁଙ୍କ ପର୍ଯ୍ୟନ୍ତ ସୀମିତ ରହିବ । ହସ୍ତଶିଳ୍ପ, ହସ୍ତତନ୍ତ କାରିଗରମାନଙ୍କୁ ଯନ୍ତ୍ରାଂଶ ନଷ୍ଟ ବା ପ୍ରତିସ୍ଥାପନ ପାଇଁ ଗ୍ରାମୀଣ କାରୀଗର ପିଛା ୫୦୦୦ ଟଙ୍କା ଓ ବିଭିନ୍ନ ଆନୁସଙ୍ଗିକ ଦ୍ରବ୍ୟ ପାଇଁ ଗ୍ରାମୀଣ କାରୀଗର ପିଛା ୫୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବ । ସର୍ବସାଧାରଣ ସମ୍ପତ୍ତି ଯଥା- ରାସ୍ତାଘାଟ, ପୋଲ, ବିଦ୍ୟାଳୟ, ପ୍ରାଥମିକ/ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ୧୧ କେଭି ଏଚି ଲାଇନ୍ , ପାନୀୟଜଳ ଯୋଗାଣ ବ୍ୟବସ୍ଥା, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ମହିଳା ମଣ୍ଡଳ, ଯୁବ କେନ୍ଦ୍ର, ପଞ୍ଚାୟତ ଘର ଓ ଅଙ୍ଗନବାଡି ଗୃହ ଆଦିର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ନିମନ୍ତେ ସଂପୃକ୍ତ ବିଭାଗମାନଙ୍କଠାରୁ ସବିଶେଷ କ୍ଷୟକ୍ଷତିର ତଥ୍ୟ ହସ୍ତଗତ ହେଲାପରେ ଆର୍ଥିକ ସହାୟତା ଉକ୍ତ ବିଭାଗମାନଙ୍କୁ ପ୍ରଦାନ କରାଯିବ । ସୂଚନାଯୋଗ୍ୟ ଯେ ବନ୍ୟା ସମୟରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବିପନ୍ନଙ୍କ ତ୍ୱରିତ ଉଦ୍ଧାର କାର୍ଯ୍ୟ ନିମନ୍ତେ ୮ ଟି ଅଗ୍ନିଶମ ବାହିନୀ, ୩ ଟି ଓଡ୍ରାଫ ଟିମ ଓ ଗୋଟିଏ ଏନଡିଆରଏଫ ଟିମ ନିୟୋଜିତ କରାଯାଇଥିଲା । ଆଶ୍ରୟସ୍ଥଳୀ ମାନଙ୍କରେ ଥିବା ଲୋକମାନଙ୍କୁ ବନ୍ୟା ପରିସ୍ଥିତିରେ ସୁଧାର ଆସିବା ପର୍ଯ୍ୟନ୍ତ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିଲା ।

### ୩୦ ତାରିଖ ମଧ୍ୟରେ...

ନ୍ୟାୟ ପାଇ ନଥିଲେ ପୀଡ଼ିତା । ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସମ୍ପୃକ୍ତ ଅଧ୍ୟାପକଙ୍କୁ ନିଲମ୍ବନ କରାଯାଇଥିଲା । ହେଲେ ଏକାଧିକ ଶିକ୍ଷାନୁଷ୍ଠାନରେ ଆଇସିସି ନଥିବା ଓ ଯେଉଁ କିଛି ସ୍ଥାନରେ ରହିଛି ସେଠାରେ ସଠିକ ଭାବେ କାର୍ଯ୍ୟ କରୁ ନଥିବା ଅଭିଯୋଗ ହୋଇଥିଲା । ଶିକ୍ଷାନୁଷ୍ଠାନରେ ଛାତ୍ରୀ ଓ ମହିଳା କର୍ମଚାରୀମାନେ ନିଜର ସୁରକ୍ଷା ନେଇ ମଧ୍ୟ ପ୍ରଶ୍ନ ଉଠାଇଥିଲେ ।

ଏଣୁ ଉଚ୍ଚ ଶିକ୍ଷାନୁଷ୍ଠାନରେ ପଢୁଥିବା ଛାତ୍ରଛାତ୍ରୀ ଓ ମହିଳାଙ୍କ ସୁରକ୍ଷା ଦୃଷ୍ଟିରୁ ଆଇସିସି ଗଠନକୁ ଉଚ୍ଚଶିକ୍ଷା ବିଭାଗ ଗୁରୁତ୍ୱ ଦେଇଛି । ମହିଳାମାନଙ୍କୁ ଯୌନ ନିର୍ଯାତନା କ୍ଷେତ୍ରରେ ଆଇସିସି ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ । ସେହିପରି ସେମାନଙ୍କୁ ସୁରକ୍ଷିତ ବାତାବରଣ ଯୋଗାଇବା ପାଇଁ ମଧ୍ୟ କାର୍ଯ୍ୟ କରିବ । ଏଥିପାଇଁ ଆଇସିସି ଗଠନ କରିବାକୁ ସମସ୍ତ ବିଶ୍ୱବିଦ୍ୟାଳୟର କୁଳସଚିବ, ସରକାରୀ ଓ ବେସରକାରୀ ମହାବିଦ୍ୟାଳୟର ଅଧକ୍ଷ ଏବଂ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ଅଧକ୍ଷଙ୍କୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

### ଆଉ ୪ଦିନ...

କଳାହାଣ୍ଡି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, କେନ୍ଦୁଝର, ନବରଙ୍ଗପୁର, ବାଲେଶ୍ୱର, ଭଦ୍ରକ ଓ କନ୍ଧମାଳ ଆଦି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

### ଏଥର ଦୁର୍ଗାପୂଜା...

ମଙ୍ଗଳବାରଠାରୁ ଆରମ୍ଭ ହୋଇଯାଇଛି । ସପ୍ତମୀ ପୂଜା ଅକ୍ଟୋବର ୧୦ରେ ପାଳିତ ହେବ । ସାର୍ବଜନୀନ ଦଶହରା ଅକ୍ଟୋବର ୧୩ ତାରିଖରେ ପାଳନ କରାଯିବ । ଦଶହରାକୁ ଦୃଷ୍ଟିରେ ରଖି ପୂଜାକମିଟିଗୁଡ଼ିକ ତରଫରୁ ଯୁଦ୍ଧକାଳୀନ ଭିତ୍ତିରେ କାମ ଚାଲିଛି । ରାଜଧାନୀ ଭୁବନେଶ୍ୱରରେ ଏଥର ୧୭୧ଟି ସ୍ଥାନରେ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇବେ । ପୂର୍ବବର୍ଷ ଭଳି ଧୁମଧାମରେ ଦଶହରା ପାଳନ ହେବ । ତାହାକୁ ନେଇ ଅଣ୍ଟା ଭିଡିଛି ପ୍ରଶାସନ, ଟ୍ରାଫିକ ଲ' ଆଣ୍ଡ ଅର୍ଡର, ପୁଲିସ ପାଇଁ ପାଲଟିଛି ବଡ଼ ଚ୍ୟାଲେଞ୍ଜ । ପୂଜା ମଣ୍ଡମରେ ଅନୁଷ୍ଠିତ ହେଉଥିବା ମେଲୋଡି କାର୍ଯ୍ୟକ୍ରମ ରାତି ୧୦ଟା ପରିବର୍ତ୍ତେ ୧୨ଟା ସୁଦ୍ଧା ଶେଷ କରିବାକୁ କୁହାଯାଇଛି । ରାବଣ ପୋଡିବେଳେ ଶବ୍ଦ ପ୍ରଦୂଷଣ କରୁଥିବା ବାଣକୁ ବ୍ୟବହାର ନକରିବାକୁ ନିବେଦନ କରାଯାଇଛି । ସେହିପରି ବିନା ରାସାୟନିକ ପଦାର୍ଥ ଓ ପ୍ଲାଷ୍ଟିକରେ ମୂର୍ତ୍ତି ନିର୍ମାଣ କରିବାକୁ ଅନେକ ପୂଜା କମିଟି ନିଷ୍ପତ୍ତି ନେଇଛନ୍ତି ।

## ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ ରିପୋର୍ଟରେ ଓଡ଼ିଶାର ଦୁଇ ଦଶନ୍ଧିର ପ୍ରଗତିକୁ ପ୍ରଶଂସା: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନିକଟରେ ପ୍ରକାଶିତ ହୋଇଥିବା ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ ରିପୋର୍ଟରେ ଦିଆଯାଇଥିବା ବିବରଣୀକୁ ଦର୍ଶାଇ, ବିଜୁ ଜନତା ଦଳ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ଜାତୀୟ ମୁଖପାତ୍ର ତଥା ବିଜେଡି ସଭାପତିଙ୍କ ରାଜନୈତିକ ସଚିବ ଶ୍ରୀ ସଂତୃପ୍ତ ମିଶ୍ର କହିଥିଲେ, ଗତ ଦୁଇ ଦଶନ୍ଧିରେ ଓଡିଶା ଅର୍ଥନୈତିକ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି, ଯାହା ପ୍ରତ୍ୟେକ ଓଡ଼ିଆ ପାଇଁ ଗର୍ବର ବିଷୟ । ଏହି ରିପୋର୍ଟ ବିଜୁ ଜନତା ଦଳ ଦ୍ୱାରା ପ୍ରସ୍ତୁତ ରିପୋର୍ଟ ନୁହେଁ, କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ ରିପୋର୍ଟ ଓ ଏଥିରେ ଓଡ଼ିଶାର ଦୁଇ ଦଶନ୍ଧିର ସଫଳତାକୁ ଭୂରି ଭୂରି ପ୍ରଶଂସା କରାଯାଇଛି । ନବୀନ ପଟ୍ଟନାୟକଙ୍କ ଚବିଶ ବର୍ଷର ଶାସନ କାଳରେ ରାଜ୍ୟରେ କୌଣସି ଆଖିଦୃଶିଆ ବିକାଶ ହୋଇନାହିଁ ବୋଲି ବିଜେପି ତରଫରୁ ଲଗାତର ଭାବେ କରାଯାଉଥିବା ଅଭିଯୋଗର କୌଣସି ସତ୍ୟତା ନାହିଁ ବୋଲି ଶ୍ରୀ ମିଶ୍ର କହିଥିଲେ ।ଶ୍ରୀ ମିଶ୍ର କହିଥିଲେ, ମୁଣ୍ଡ ପିଛା ଆୟ ବୃଦ୍ଧି କ୍ଷେତ୍ରରେ, ବିଗତ ଦୁଇ ଦଶନ୍ଧିରେ ଭାରତର ସମସ୍ତ ରାଜ୍ୟମାନଙ୍କ ତୁଳନାରେ ଓଡିଶାର ଅଭିବୃଦ୍ଧି ହାର ସର୍ବାଧିକ । ଏହି ଅଭିବୃଦ୍ଧି ଓଡିଶା ସରକାରଙ୍କ ପାରଦର୍ଶୀ ନୀତି ଯୋଗୁଁ ସମ୍ଭବ ହୋଇପାରିଛି ବୋଲି ରିପୋର୍ଟରେ କୁହାଯାଇଛି । ରାଜ୍ୟର ଆପେକ୍ଷିକ ମୁଣ୍ଡ ପିଛା ଆୟ ଯାହା ୨୦୦୦ ମସିହାରେ ୫୫% ଥିଲା, ତାହା ୨୦୨୪ ବେଳକୁ ୮୮%କୁ ବୃଦ୍ଧି ପାଇଛି । ଏହି ସମୟ ମଧ୍ୟରେ ଦେଶର ଜିଡିପିକୁ ବଡ଼ ବଡ଼ ରାଜ୍ୟମାନଙ୍କ ଅବଦାନ କମିଥିବା ବେଳେ ଓଡ଼ିଶାର ଅବଦାନ ଲଗାତାର ବୃଦ୍ଧି ପାଇଛି । ୨୦୦୦-୦୧ରେ ଦେଶର ଜିଡିପିକୁ ଓଡ଼ିଶାର ଅବଦାନ ୨.୩% ରହିଥିବା ବେଳେ ୨୦୨୩-୨୪ ବେଳକୁ ଏହା ୨.୮%କୁ ବୃଦ୍ଧି ପାଇଛି । ଅପରପକ୍ଷରେ, ପଞ୍ଜାବର ଅବଦାନ ୩.୯%ରୁ ୨.୪%କୁ, ମହାରାଷ୍ଟ୍ରର ଅବଦାନ ୧୪%ରୁ ୧୩.୩%କୁ, ଦିଲ୍ଲୀର ଅବଦାନ ୩.୭%ରୁ ୩.୬%କୁ, ପଶ୍ଚିମବଙ୍ଗର ଅବଦାନ ୮.୨%ରୁ ୫.୬%କୁ, ଉତ୍ତର ପ୍ରଦେଶର ଅବଦାନ ୧୦.୯% ରୁ



୯.୫%କୁ ଖସିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି । ଏହି ରିପୋର୍ଟରେ ଓଡ଼ିଶାର ଅଭିବୃଦ୍ଧିକୁ ଏକ ବଡ଼ ଉପଲବ୍ଧି ବୋଲି ଦର୍ଶାଯାଇଛି ।ଶ୍ରୀ ମିଶ୍ର ଆହୁରି କହିଥିଲେ, ୨୦୦୦ ମସିହାରେ ନବୀନ ବାବୁ ରାଜ୍ୟ ଶାସନ ଦାୟିତ୍ୱ ନେବା ସମୟରେ ଓଡ଼ିଶାର ଆର୍ଥିକ ସ୍ଥିତି ଦେବାଳିଆ ସ୍ଥିତିରେ ଥିଲା । ସେହି ସମୟରେ ରିଜର୍ଭ ବ୍ୟାଙ୍କ ପାଖରେ ଓଡ଼ିଶାର ପ୍ରାୟ ୧୪୪ କୋଟି ଟଙ୍କାର ଓଭର ଡ୍ରାଫ୍ଟ ଥିଲା । ରିଜର୍ଭ ବ୍ୟାଙ୍କ ଏହି ଓଭର ଡ୍ରାଫ୍ଟକୁ ଆଉ ଅଧିକ କରିବା ପାଇଁ ଅନୁମତି ଦେଇନଥିଲେ, ଯାହା ଫଳରେ ରାଜ୍ୟ ସରକାରଙ୍କ ନିକଟରେ କାର୍ଯ୍ୟରତ ପ୍ରାୟ ଛଅ ଲକ୍ଷ କର୍ମଚାରୀ ଓ ପେନସନ ଧାରୀଙ୍କୁ ତାଙ୍କ ପ୍ରାପ୍ୟ ପ୍ରଦାନ କରିବାରେ ବିଳମ୍ବ ହେଉଥିଲା । ୨୦୦୦ ମସିହାରେ ଏକ ଦେବାଳିଆ ରାଜ୍ୟ ଭାବେ ପରିଚୟ ପାଇଥିବା ଓଡ଼ିଶା, ନବୀନ ବାବୁଙ୍କ ନେତୃତ୍ୱରେ ଆର୍ଥିକ ଶୃଙ୍ଖଳା, ପ୍ରଶାସନିକ ପାରଦର୍ଶିତା ଓ ନୂତନ ଶିଳ୍ପ ନୀତି ମାଧ୍ୟମରେ ଓଡିଶା ଏକ ରାଜସ୍ୱ ନିଅଣ୍ଟ ରାଜ୍ୟରୁ ରାଜସ୍ୱ ବଳକା ରାଜ୍ୟରେ ପରିଣତ ହୋଇପାରିଥିଲା । ୨୦୦୦ ମସିହାରେ ଓଡିଶା ୧୮,୦୦୦ କୋଟି ଟଙ୍କାର ରାଜସ୍ୱ ନିଅଣ୍ଟ ଥିଲାବେଳେ ୨୦୨୪ ବେଳକୁ ୪୮,୦୦୦ କୋଟି ଟଙ୍କାର ରାଜସ୍ୱ ବଳକା ହୋଇଛି । ସେହିପରି, ରାଜ୍ୟର ମୁଣ୍ଡ ପିଛା ଆୟ ମାତ୍ର ୧୦,୨୧୧ ଟଙ୍କା ଥିଲାବେଳେ ଏହା ୨୦୨୪ ବେଳକୁ ଏହା ୧,୬୧,୪୩୭ ଟଙ୍କାକୁ ବୃଦ୍ଧି ପାଇଛି ।୨୦୦୦ ମସିହାରେ ଓଡ଼ିଶାର ସତୁରି ଭାଗ ଲୋକ ଗରିବ ସୀମାରେଖା ତଳେ ଥିଲେ, ଯାହା ୨୦୨୪ ବେଳକୁ ମାତ୍ର ଦଶ ପ୍ରତିଶତକୁ ଖସି ଆସିଛି । ୨୦୦୦ ମସିହାରେ ରାଜ୍ୟର ଜିଡିପି ୪୬,୭୫୬ କୋଟି ଟଙ୍କା ଥିଲାବେଳେ ଏହା ୨୦୨୪ ବେଳକୁ ୮.୩ ଲକ୍ଷ କୋଟି ଟଙ୍କାରେ ପହଁଚିଛି । ରାଜ୍ୟରେ ଧାନ ଉତ୍ପାଦନ ୨୦୦୦ ମସିହାରେ ୪୬.୧୪ ଲକ୍ଷ ମେଟ୍ରିକ ଟନ ଥିଲାବେଳେ ଏହା ୨୦୨୪ରେ ୧୦୧.୩୦ ଲକ୍ଷ ମେଟ୍ରିକ ଟନକୁ ବୃଦ୍ଧି ପାଇଛି । ସେହିପରି ରାଜ୍ୟରେ ମାଛ ଉତ୍ପାଦନ ୨.୬୦ ଲକ୍ଷ ମେଟ୍ରିକ ଟନରୁ ୧୦.୫୨ ଲକ୍ଷ ମେଟ୍ରିକ ଟନକୁ ବୃଦ୍ଧି ପାଇଛି ଓ ଓଡିଶା ଦେଶର ଚତୁର୍ଥ ବୃହତ ମାଛ ଉତ୍ପାଦନ ରାଜ୍ୟ ଭାବେ ପରିଗଣିତ ହୋଇଛି । ରାଜ୍ୟରେ ଅଣ୍ଡା ଉତ୍ପାଦନ ୭୩୦ ନିଯୁତରୁ ୩୪୭୫ ନିଯୁତକୁ ବୃଦ୍ଧି ପାଇଛି । ଓଡିଶା ୨୦୦୦ ମସିହାରେ ୩୮୭ କୋଟି ଟଙ୍କାର ରପ୍ତାନି କରୁଥିବା ବେଳେ ୨୦୨୩-୨୪ରେ ଏହା ୧,୬୫,୨୧୧ କୋଟି ଟଙ୍କାରେ ପହଁଚିଛି ଓ ଓଡିଶା ଦେଶର ସପ୍ତମ ଶ୍ରେଷ୍ଠ ରପ୍ତାନୀକାରୀ ରାଜ୍ୟର ମାନ୍ୟତା ପାଇଛି । ୨୦୦୦ ମସିହାରେ ରାଜ୍ୟରେ ଗୋଟିଏ ବିମାନବନ୍ଦର କାର୍ଯ୍ୟକ୍ଷମ ଥିଲାବେଳେ ୨୦୨୪ରେ ଛଅଟି ବିମାନବନ୍ଦର କାର୍ଯ୍ୟକ୍ଷମ ହୋଇପାରିଛି । ସେହିପରି ରାଜ୍ୟରେ ବନ୍ଦର ସଂଖ୍ୟା ଏକରୁ ତିନିକୁ ବୃଦ୍ଧି ପାଇଛି ବୋଲି ଶ୍ରୀ ମିଶ୍ର କହିଥିଲେ । ୨୦୦୦ ମସିହାରେ ଓଡ଼ିଶାର ବଜେଟ ମାତ୍ର ୧୦,୦୦୦ କୋଟି ଟଙ୍କା ଥିଲାବେଳେ ୨୦୨୩ ବେଳକୁ ଏହା ୨,୫୫,୦୦୦ କୋଟି ଟଙ୍କାରେ ପହଂଚିଥିଲା । ବର୍ତ୍ତମାନର ସରକାର ୨,୬୫,୦୦୦ କୋଟି ଟଙ୍କାର ବଜେଟ ଆଣିଛନ୍ତି ଯାହା ପୂର୍ବ ବର୍ଷ ବଜେଟ ଠାରୁ ମାତ୍ର ୩.୭୭% ଅଧିକ । କିନ୍ତୁ ଏହା ପନ୍ଦର ପ୍ରତିଶତ ଅଧିକ ବୋଲି କୁହାଯାଉଛି, ଯାହା ସତ୍ୟ ନୁହେଁ ବୋଲି ଶ୍ରୀ ମିଶ୍ର କହିଥିଲେ । ସେ ଆହୁରି କହିଥିଲେ, ଚବିଶ ବର୍ଷରେ ବିଜେଡି ସରକାର ୭୪,୦୦୦ କୋଟି ଟଙ୍କା ଋଣ କରିଥିବା ବେଳେ ବିଜେପି ସରକାର ପ୍ରଥମ ବର୍ଷରେ ୪୪, ୦୦୦ କୋଟି ଋଣ ପାଇଁ ଯୋଜନା କରିଛନ୍ତି । ଏହିପରି ଋଣ କଲେ, ଆଗାମୀ ପାଂଚ ବର୍ଷରେ ଏହି ଋଣ ପରିମାଣ ୩ ଲକ୍ଷ କୋଟିରେ ପହଂଚିବ ବୋଲି ଆକଳନ କରାଯାଉଛି । କେନ୍ଦ୍ର ସରକାରଙ୍କ ରିପୋର୍ଟରୁ ସ୍ପଷ୍ଟ ଯେ, ଗତ ଦୁଇ ଦଶନ୍ଧିରେ ଓଡିଶା ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି । ରାଜ୍ୟର ଆଇନଶୃଙ୍ଖଳା ସ୍ଥିତିକୁ ସୁଦୃଢ଼ ରଖି ବୃହତ ଶିଳ୍ପ ପ୍ରତିଷ୍ଠା ପାଇଁ ରାଜ୍ୟରେ ଅନୁକୂଳ ବାତାବରଣର ଆବଶ୍ୟକତା ରହିଛି ।

## ୮୨୧ ଏକର ଜମିରେ ନିର୍ମାଣ ହେବ ହାଇଟେକ୍ ସିଟି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱରକୁ ଲାଗି ଆଉ ଏକ ନୂଆ ସହର ନିର୍ମାଣ ହେବ । ଉପକଣ୍ଠକୁ ଲାଗି ଗଢ଼ି ଉଠିବ ନ୍ୟୁ ସିଟି ବା ହାଇଟେକ୍ ସିଟି । ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଏନେଇ ନକ୍ସା ଅଙ୍କା ଯାଇଛି । ଖାଲି ସେତିକି ନୁହେଁ, ଏହି ନୂଆ ସହରର ପାଚେରି କାମ ମଧ୍ୟ ଆରମ୍ଭ ହୋଇଯାଇଛି । ଉପକଣ୍ଠକୁ ଲାଗି ୩ ରାଜସ୍ୱ ଗ୍ରାମକୁ ଏହି ନ୍ୟୁ ସିଟିକୁ ଗିଳି ଦେବ । ଏନେଇ ମଳିପଡା, ଦାସପୁର ଓ ଗୋଠପାଟଣାରେ ପ୍ରାୟ ୮୨୧.୯୬୧ ଏକର ଜମି ଚିହ୍ନଟ କରାଯାଇଛି । ଏହି ଜମିରୁ ମଳିପଡ଼ାରେ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା (ଓଏସ୍ଏଚ୍‌ବି) ୨୮.୫୦୦ ଏକର ଜାଗା ରହିଛି । ସେହିପରି ଗୋଠପାଟଣାରେ ୧୯୪ ଏକର ଜଙ୍ଗଲ ଜମି, ଇଡ୍‌କୋର ୭୯ ଏକର, ସାଧାରଣ ପ୍ରଶାସନର ୭୯ ଏକର ଏବଂ ଘରୋଇ ଜମି ୧୯ ଏକର ରହିଛି । ସେହିପରି ଦାସପୁରରେ ମୋଟ ୨୧୫ ଏକର ଜମି ରହିଛି । ସେଥିମଧ୍ୟରେ ୧୦୩.୧୦୫ଏକର ଗୋଚର ଜମି, ୨୯.୫୧୦ ଜଙ୍ଗଲ ଜମି ଏବଂ ୫ ଏକର ଘରୋଇ ଜମି ରହିଛି । ଏହି ନୂଆ ସହରରେ ପ୍ରାୟ ୨୦ ହଜାର ଘର ନିର୍ମାଣ ହେବ । ପ୍ରାୟ ୧.୫ ଲକ୍ଷରୁ ଅଧିକ ଲୋକେ ଏହି ନୂଆ ସହରରେ ବାସ କରିବାକୁ ଯୋଜନା ହୋଇଛି । ବିଡିଏ ପକ୍ଷରୁ ୪୦ ପ୍ରତିଶତ ସବୁଜ ବଳୟ ପାଇଁ ଖୋଲା ରହିବ । ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ହସ୍ପିଟାଲ, ସଫ୍ଟୱେର ପାର୍କ ନିର୍ମାଣ କରିବାକୁ ଯୋଜନା କରାଯାଇଛି । ଫଳରେ ନିଯୁକ୍ତି ବଢ଼ିବ । ଖୁବ୍‌ଶୀଘ୍ର ଏନେଇ ଜମି ଅଧିଗ୍ରହଣ କରାଯିବ । ତା' ପୂର୍ବରୁ ପାଚେରୀ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ମୋଟ୍ ୭.୫ କିମି ପାଚେରୀ ନିର୍ମାଣ ହେବ । ସେଥିମଧ୍ୟରୁ ପ୍ରାୟ ୧.୬ କିମି ପାଚେରୀ ନିର୍ମାଣ କାର୍ଯ୍ୟ କରିଛି ବିଡିଏ । ନ୍ୟୁ ସିଟି ପାଇଁ ଚିହ୍ନଟ ହୋଇଥିବା ଜମିରେ ପ୍ରାୟ ୩୦ଟି ଇନ୍ଦିରା ଆବାସ ଘର ରହିଛି । ଏହିସବୁ ହିତାଧିକାରୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତରଣ କରିବାକୁ ଯୋଜନା ହୋଇଛି । ହେଲେ ଏହା ଭିତରେ ଥିବା ପ୍ରାୟ ୪୦ ଡୁପ୍ଲେକ୍ସକୁ ସ୍ଥାନାନ୍ତରଣ କରାଯିବନି । ଘରୋଇ ଜମି ଅଧିଗ୍ରହଣ କରାଯିବ । ଗାଁ ଲୋକଙ୍କୁ ଅନ୍ୟତ୍ର ଜାଗା ଦେବାକୁ ଯୋଜନା କରାଯାଉଥିବା ନେଇ ବିଶ୍ୱସ୍ତସୂତ୍ରରୁ ଜଣାପଡ଼ିଛି । ସେହିପରି ଇଡ୍‌କୋ, ସାଧାରଣ ପ୍ରଶାସନ, ଓଏସ୍ଏଚ୍‌ପିରୁ ମଧ୍ୟ ଜାଗା କିଣା ହେବାକୁ ଯୋଜନା ରହିଛି । ସହର ନକ୍ସା ପ୍ରସ୍ତୁତ କରାଯାଉଛି । ଏଥିରେ ବଡ ବଡ ବିଲ୍ଡିଂ ନିର୍ମାଣ କରିବାକୁ ଯୋଜନା ହୋଇଛି । ମାର୍କେଟ କମ୍ପ୍ଲେକ୍ସ, ଖେଳ ପଡିଆ, ସ୍କୁଲ, କଲ୍ୟାଣ ମଣ୍ଡପ ରହିବ । ଏହାର ଡିଜାଇନ୍ ଖୁବ୍‌ଶୀଘ୍ର ପ୍ରସ୍ତୁତ କରିବାକୁ ବିଡିଏ ଯୋଜନା କରୁଛି । ଏହି ସହର ଭୁବନେଶ୍ୱର ସହିତ ଯୋଡ଼ି ହେବ । ଚନ୍ଦକା ସଂରକ୍ଷିତ ଜଙ୍ଗଲ ଭିତରୁ ଜାଗା ନେବାକୁ ନେଇ କେଁ ପଶିଛି । ଜଙ୍ଗଲ ଜମିକୁ ନେଇ ନୂଆ ସହର ନିର୍ମାଣକୁ ବିରୋଧ କରିବାକୁ ପରିବେଶପ୍ରେମୀ ସଜବାଜ ହେଲେଣି । ପ୍ରାକୃତିକ ସବୁଜିମାକୁ ମାରି ସହର ନିର୍ମାଣ ନ କରିବାକୁ ପରାମର୍ଶ ଦେଇଛନ୍ତି । ବିଡିଏ ଉପାଧ୍ୟକ୍ଷ ଏନ୍.ଥିରୁମାଲା ନାୟକ କହିଛନ୍ତି ଯେ ବର୍ତ୍ତମାନ ଏହି ନୂଆ ସହର ପାଇଁ ଜମି ଅଧିଗ୍ରହଣ ଆରମ୍ଭ ହେବ । ଆମେ କେବଳ ପାଚେରି ବୁଲାଇଛୁ । ଏହାର ବିସ୍ତୃତ ଯୋଜନା ପାଇଁ ଆହୁରି ସମୟ ଲାଗିବ ।

ଭୁବନେଶ୍ୱର
୨୫ ସେପ୍ଟେମ୍ବର
ବୁଧବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ପୁଞ୍ଜି ବଜାରରେ ଜବରଦସ୍ତ ଉତ୍ସାହ
## ସେନସେକ୍ସ ୮୫ ହଜାର ପାର



ମୁମ୍ବାଇ ୨୪/୯

ପାର୍ବଣ ପୂର୍ବରୁ ପୁଞ୍ଜି ବଜାରରେ ଜବରଦସ୍ତ ଉତ୍ସାହ । ସର୍ବକାଳୀନ ରେକର୍ଡ ଭାଙ୍ଗିଛି ବମ୍ବେଷ୍ଟକ୍ ଏକ୍ସଚେଞ୍ଜ । ସେନସେକ୍ସ ୮୫ ହଜାର ପାର୍ କରିଥିବାବେଳେ ନିଫ୍ଟି ୨୬ ହଜାର ଛୁଇଁଛି । ମଙ୍ଗଳବାର କାରବାର ଆରମ୍ଭରୁ ଷ୍ଟକ୍ ମାର୍କେଟରେ ସବୁଜ ସଙ୍କେତ ଦେଖିବାକୁ ମିଳିଥିଲା । ୮୪ ହଜାର ୭୮୭ ପଏଣ୍ଟରୁ କାରବାର ଆରମ୍ଭ ହୋଇଥିଲା। ପରେ ଏହା ପାର୍ କରିଥିଲା। ୮୫ ହଜାର ମାର୍କ ପାର୍ କରି ୮୫.୦୫୮ ପଏଣ୍ଟରେ ପହଞ୍ଚିଥିଲା । ସେହିପରି ଏନ୍ଏସ୍ଇର ନିଫ୍ଟି ୫୦ ଇଣ୍ଡେକ୍ସ ବା ପ୍ରାୟ ୩୩ ପଏଣ୍ଟ ହାସଲ କରି ୨୫,୯୭୫ ପଏଣ୍ଟ ପହଞ୍ଚିଥିଲା । ପୁଞ୍ଜି ବଜାରରେ ଉତ୍ସାହ ଯୋଗୁ ଟାଟା ଷ୍ଟିଲ୍ ଓ ପାୱାର ଗ୍ରୀଡ୍ ସେୟାରରେ ଚମକ ଦେଖିବାକୁ ମିଳିଛି । ଫଳରେ ନିବେଶକ ମାଲେମାଲ ହୋଇଛନ୍ତି । ଗତ ଦୁଇ ସପ୍ତାହ ଭିତରେ ସେନସେକ୍ସ ୮୦ହଜାରରୁ ୮୫ ହଜାର ଛୁଇଁଛି । ଚାରି ଦିନ ତଳେ ୮୪ ହଜାର ପାର୍ କରିଥିଲା।

# ପବିତ୍ର ମୂଳାଷ୍ଟମୀ : ଶକ୍ତି ପୀଠରେ ମା'ଙ୍କ ଷୋଡ଼ଶ ଉପଚାର ପୂଜାରମ୍ଭ



**ପୁରୀ, ୨୪/୯ ନ୍ୟୁଜ ବ୍ୟୁରୋ**

ମଙ୍ଗଳବାର ଆଶ୍ୱିନ ମାସ ମୂଳାଷ୍ଟମୀ ତିଥି। ଏହି ଅବସରରେ ମଙ୍ଗଳବାରଠୁ ରାଜ୍ୟର ବିଭିନ୍ନ ଶକ୍ତି ପୀଠରେ ଆରମ୍ଭ ହୋଇଛି ମା'ଙ୍କ ଷୋଡ଼ଶ ଉପଚାର ପୂଜା ନୀତି। ପୁରୀ ଶ୍ରୀମନ୍ଦିରରେ ମା' ବିମଳାଙ୍କ ପୀଠରେ ମା'ଙ୍କ ଷୋଡ଼ଶ ଦିନାତ୍ମକ ପୂଜା ଉପଚାର ବିଧି ଆରମ୍ଭ ହୋଇଛି। ସହସ୍ରା କୁମ୍ଭାଭିଷେକ ପରେ ନିଦ୍ରାରୁ ଜାଗ୍ରତ କରାଯାଇ ମା'ଙ୍କ ଘଟସ୍ଥାପନ ସହିତ ଆବାହନ କରାଯାଇଛି। ଏଥିପାଇଁ ଶ୍ରୀ ନଅରରେ ଗଜପତି ମହାରାଜ ଦିବ୍ୟସିଂହ ଦେବ ୨୧ ଜଣ ବ୍ରାହ୍ମଣଙ୍କୁ ଆଚାର୍ଯ୍ୟବରଣ କରି ଦେବୀ ପୀଠମାନଙ୍କରେ ଷୋଡ଼ଶ ଦିନାତ୍ମକ ପୂଜା ପାଇଁ ଆମନ୍ତ୍ରଣ କରିଛନ୍ତି। ଶାରଦୀୟ ପୂଜା ଅବସରରେ ସବୁଠି ଦେବୀ ଦୁର୍ଗାଙ୍କ ପୂଜା ଚାଲୁଥିବା ବେଳେ ଶ୍ରୀମନ୍ଦିରରେ ଦୁର୍ଗାମାଧବ ଏକତ୍ର ଉପାସନାର ପରମ୍ପରା ରହିଛି। ଶ୍ରୀମନ୍ଦିରରେ ଶାକ୍ତ ଓ ଶକ୍ତିଙ୍କ ଉପାସନା ସ୍ୱରୂପ ଦୁର୍ଗାମାଧବଙ୍କୁ ପୂଜାର୍ଚ୍ଚନା କରାଯାଇଛି। ଶାରଦୀୟ ପୂଜା ପାଇଁ ଶ୍ରୀମନ୍ଦିରରେ ମା' ବିମଳାଙ୍କ ପୀଠ ସହିତ ପୁରୀର ଅନ୍ୟାନ୍ୟ ପ୍ରତିଷ୍ଠିତ ଶକ୍ତି ପୀଠ ପାଇଁ ଶ୍ରୀନଅରକୁ ବ୍ରାହ୍ମଣମାନଙ୍କୁ ଆମନ୍ତ୍ରଣ କରାଯାଇଛି। ଗଜପତି ମହାରାଜ ଶ୍ରୋତ୍ରୀୟ ବ୍ରାହ୍ମଣଙ୍କୁ ଆଚାର୍ଯ୍ୟପଦରେ ବରଣ କରିଥିଲେ। ଶ୍ରୀକ୍ଷେତ୍ରର ସବୁ ଶକ୍ତିପୀଠ ମାନଙ୍କରେ ଚଣ୍ଡୀପାଠ ଆରମ୍ଭ ହୋଇଛି । ସେହିପରି କଟକର ଅଧିଷ୍ଠାତ୍ରୀ ଦେବୀ ମା'କଟକ ଚଣ୍ଡୀ ଏବଂ ଗଡଚଣ୍ଡୀଙ୍କ ପୀଠରେ ମଧ୍ୟ ମା'ଙ୍କ ଷୋଡ଼ଶ ଦିନାତ୍ମକ ପୂଜା ବିଧି ଆରମ୍ଭ ହୋଇଛି। ମା'ଙ୍କ ସହସ୍ର କୁମ୍ଭାଭିଷେକ ପରେ ନଦୀରୁ ଜଳ ଆଣି ଘଟ ସ୍ଥାପନ କରାଯାଇଛି। ଏହାପରେ ଷୋଡ଼ଶ ଉପଚାର ପୂଜା ଓ ସୁନାବେଶ କରାଯିବ। ସେହିପରି ମଣ୍ଡପରେ ବି ଦୁର୍ଗତନାଶୀନଙ୍କ ଆବାହନ ପାଇଁ ପ୍ରସ୍ତୁତି ଜୋରଦାର ହୋଇଛି।

# ଖୋଲିଲା ହୀରାକୁଦର ୨ ଗେଟ୍

**ସମ୍ବଲପୁର ୨୪।୦୯ ନ୍ୟୁଜ ବ୍ୟୁରୋ**

ଖୋଲିଲା ହୀରାକୁଦର ୨ଟି ଗେଟ୍। ବର୍ତ୍ତମାନ ୩ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଛି। ଗତ ୨୧ରେ ମ୍ୟାଜିକ୍ ନମ୍ବର ଛୁଇଁଥିଲା ହୀରାକୁଦର ଜଳସ୍ତର। ଚଳିତ ବର୍ଷ ପ୍ରଥମ କରି ହୀରାକୁଦ ଜଳସ୍ତର ସର୍ବୋଚ୍ଚ ସୀମା ଛୁଇଁଥିଲା। ଶନିବାର ସକାଳ ୯ଟା ପରେ ଜଳସ୍ତର ମ୍ୟାଜିକ ନମ୍ବର ୬୩୦ ଫୁଟ ଛୁଇଁଥିଲା। ସେପଟେ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଲଘୁଚାପ। ଫଳରେ ଆଗାମୀ ୪ ଦିନ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷାର ସମ୍ଭାବନା ରହିଛି । ଏନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଜାରି ହୋଇଛି। ସେହିପରି ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ, ୨୫ରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗୀର ଓ ନୂଆପଡ଼ାରେ ଭାରି ବର୍ଷା ହୋଇପାରେ। ଆଉ ୨୬ରେ ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ ଓ ବଲାଙ୍ଗୀରରେ ୭୦ରୁ ୧୧୦ମିମି ପର୍ଯ୍ୟନ୍ତ ବର୍ଷା ସମ୍ଭାବନା ଅଛି।



## ଯୋଗୀ ସରକାରଙ୍କ ନୂଆ ନିର୍ଦ୍ଦେଶ
# ୟୁପିର ଢାବା ଓ ରେଷ୍ଟୁରାଣ୍ଟ ମାଲିକ ନିଜ ନାଁ ଲେଖନ୍ତୁ ଏବଂ ମାସ୍କ ଲଗାନ୍ତୁ



**ନୂଆଦିଲ୍ଲୀ,୨୪।୯**

ଖାଦ୍ୟ ଜିନିଷରେ ପରିସ୍ରା ଏବଂ ଛେପ ଲଗା ଘଟଣା ପରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏହା ସହ ସେ ଏଭଳି କାମ କରୁଥିବା ଲୋକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯୋଗୀ କହିଛନ୍ତି, ରାଜ୍ୟରେ ପ୍ରତ୍ୟେକ ଢାବା ଓ ରେଷ୍ଟୁରାଣ୍ଟରେ ମାଲିକ ଓ ସଞ୍ଚାଳକଙ୍କ ନାଁ ଲେଖାଯାଉ। କର୍ମଚାରୀ ମାସ୍କ ଲଗାନ୍ତୁ ଓ ସିସିଟିଭି ବି ଲଗାଯାଉ। ଅଧିକାରୀଙ୍କୁ ଏହା ଉପରେ ନଜର ରଖିବାକୁ ଯୋଗୀ ଦେଇଛନ୍ତି ନିର୍ଦ୍ଦେଶ। ଦେଶର ବିଭିନ୍ନ କ୍ଷେତ୍ରରେ ଘଟୁଥିବା ଏଭଳି ଘଟଣା ବିଷୟରେ ଜାଣିବା ନେଇ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଏକ ଉଚ୍ଚସ୍ତରୀୟ ବୈଠକ ଡକାଇଥିଲେ। ରାଜ୍ୟର ସବୁ ହୋଟେଲ/ଢାବା/ରେଷ୍ଟୁରାଣ୍ଟ ଆଦି ପ୍ରତିଷ୍ଠାନର ଯାଞ୍ଚ କରିବା ନେଇ ଅଭିଯାନ ଚଳାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ସୁନିଶ୍ଚିତ କରିବା ନିୟମରେ ଆବଶ୍ୟକତା ଅନୁସାରେ ସଂଶୋଧନ ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ସାଧାରଣଜନତାଙ୍କ ସୁରକ୍ଷା ସୁନିଶ୍ଚିତ କରି ନିୟମର ଆବଶ୍ୟକତା ଅନୁସାରେ ସଂଶୋଧନ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ କହିଛନ୍ତି, ଦେଶର ବିଭିନ୍ନ ସ୍ଥାନରେ ଡାଲି ଓ ରୁଟି ଭଳି ଖାଦ୍ୟପେୟ ଜିନିଷରେ ଏଭଳି ଅପରିଷ୍କାର ଜିନିଷ ମିଶାଇ ଦେଉଛନ୍ତି। ଏଭଳି ଘଟଣା ବୀଭତ୍ସ ଓ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇବ। ଏପରି କୁତ୍ସିତ ଚେଷ୍ଟାକୁ କେବେ ବି ଗ୍ରହଣ କରାଯିବନି। ଉତ୍ତର ପ୍ରଦେଶରେ ଏଭଳି ଘଟଣା ଯେଉଁଭଳି ନହେବ ସେ ନେଇ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର।

## 'ବିକଶିତ ଭାରତ ୨୦୪୭' ଓ 'ବିକଶିତ ଓଡ଼ିଶା ୨୦୩୬' ପାଇଁ ମାର୍ଗଦର୍ଶିକା
# ୱେବ୍ ପୋର୍ଟାଲରେ ହେବ ମତ ସଂଗ୍ରହ

**ଭୁବନେଶ୍ୱର,୨୪/୦୯ ନ୍ୟୁଜ ବ୍ୟୁରୋ**

୨୦୪୭ ମସିହା ହେଉଛି ଭାରତ ସ୍ୱାଧୀନତାର ଶହେ ବର୍ଷ ପୂର୍ତ୍ତି । ୨୦୩୬ ହେଉଛି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଶହେ ବର୍ଷ ପୂର୍ତ୍ତି । 'ବିକଶିତ ଭାରତ ୨୦୪୭' ଓ 'ବିକଶିତ ଓଡ଼ିଶା ୨୦୩୬' ଗଠନ ପାଇଁ ଏକ ଦୂରଦୃଷ୍ଟିସମ୍ପନ୍ନ ମାର୍ଗଦର୍ଶିକା ପ୍ରସ୍ତୁତ କରାଯିବ। ଏଥିପାଇଁ ଗଠିତ ରାଜ୍ୟସ୍ତରୀୟ ପରିଚାଳନା କମିଟିର ପ୍ରଥମ ବୈଠକ ଲୋକସେବା ଭବନ ସମ୍ମିଳନୀ କକ୍ଷରେ କମିଟିର ଅଧ୍ୟକ୍ଷ ତଥା ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ କ୍ଷେତ୍ରରେ ଥିବା ସୁବିଧା ସୁଯୋଗର ସୁବିନିଯୋଗ ଓ ଆହ୍ୱାନର ମୁକାବିଲା ପାଇଁ ଅର୍ଥନୀତି, ଶିଳ୍ପ ଓ ଭିତ୍ତିଭୂମି, ସାମାଜିକ ଓ ମାନବ ସମ୍ବଳ ବିକାଶ,



ସଂସ୍କୃତି ଓ ଐତିହ୍ୟ, ବୈଷୟିକ ଜ୍ଞାନକୌଶଳ ଏବଂ ନବସୃଜନ, ସୁଶାସନ ଏବଂ ଗ୍ରାମୀଣ ରୂପାନ୍ତରଣ ଭଳି କ୍ଷେତ୍ରକୁ ଫୋକସ୍ କରାଯିବ। ଏ କ୍ଷେତ୍ର ପାଇଁ ସଚିବସ୍ତରୀୟ ଗୋଷ୍ଠୀ ଗଠନ କରାଯାଇଛି । ମୁଖ୍ୟ ସଚିବ ଶ୍ରୀ ଆହୁଜା କହିଥିଲେ, ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତି ଆମ ପାଇଁ ଅନନ୍ୟ ସୁଯୋଗ ଆଣିଛି । ଏହି ମାର୍ଗଦର୍ଶିକା କିପରି ସୁବ୍ୟବସ୍ଥିତ ଭାବରେ ବାସ୍ତବ ଦସ୍ତାବିଜ ହେବ ସେଥିପାଇଁ ସଂପୃକ୍ତ ସମସ୍ତ ସଚିବସ୍ତରୀୟ କ୍ଷେତ୍ରୀୟ ଗୋଷ୍ଠୀର ସେ ସହଯୋଗ କାମନା କରିଛନ୍ତି । ଉନ୍ନୟନ କମିଶନର ଅନୁ ଗର୍ଗ ବିଭିନ୍ନ ସଚିବସ୍ତରୀୟ କ୍ଷେତ୍ରୀୟ ଗୋଷ୍ଠୀର କାର୍ଯ୍ୟ ଅଗ୍ରଗତି ସଂପର୍କରେ ସୂଚନା ଦେଇଥିଲେ । ଏହାସହ ରାଜ୍ୟର ସାମାଜିକ ଓ ଅର୍ଥନୈତିକ ବିକାଶ ସଂପର୍କରେ ସୂଚନା ଦେଇଥିଲେ । ଦେଶ ବିଦେଶରେ ଅବଲମ୍ବନ କରାଯାଉଥିବା ବିଭିନ୍ନ କ୍ଷେତ୍ରରେ ଉତ୍ତମ ଅଭ୍ୟାସକୁ ଅନୁସରଣ କରାଯିବା ସଂପର୍କରେ ମତ ରଖିଥିଲେ । ଗଠିତ ସଚିବସ୍ତରୀୟ କ୍ଷେତ୍ରୀୟ ଗୋଷ୍ଠୀ ଏବଂ ପରିଚାଳନା କମିଟି ବିଶିଷ୍ଟ ନାଗରିକ, ନାଗରିକ ସମାଜ ସଂଗଠନ, ନୀତି ନିର୍ଦ୍ଧାରକ , ଶିକ୍ଷାବିତ୍, ବୁଦ୍ଧିଜୀବୀ, ଶିଳ୍ପ କ୍ଷେତ୍ରରେ ପ୍ରତିଷ୍ଠିତ ନେତୃବୃନ୍ଦଙ୍କ ସମେତ ବିଭିନ୍ନ ଅଂଶୀଦାରଙ୍କ ଠାରୁ ମତାମତ ନେବା ପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା। ଡିଜିଟାଲ ପ୍ଲାଟଫର୍ମ ଜରିଆରେ ଜନସାଧାରଣଙ୍କ ଠାରୁ ମତାମତ ସଂଗ୍ରହ ପାଇଁ ଖୁବ୍‌ଶୀଘ୍ର ଏକ ୱେବ ପୋର୍ଟାଲ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଥିଲା।

# ଲାଇନଚ୍ୟୁତ ହେଲା ମାଲ୍‌ବାହୀ ଟ୍ରେନ : ରେଳ ଚଳାଚଳ ପ୍ରଭାବିତ

**ନୂଆଦିଲ୍ଲୀ, ୨୪/୦୯**

ପୁଣି ଲାଇନଚ୍ୟୁତ ହେଲା ମାଲବାହୀ ଟ୍ରେନ। ମଙ୍ଗଳବାର ସକାଳୁ ପଶ୍ଚିମବଙ୍ଗ ଜଳପାଇଗୁଡିର ମୟନାଗୁଡି ଷ୍ଟେସନରେ ଘଟିଛି ଏହି ଘଟଣା। ମାଲବାହୀ ଟ୍ରେନ୍‌ର ୫ଟି ବଗି ଲାଇନଚ୍ୟୁତ ହୋଇଥିବା ସୂଚନା ମିଳିଛି । ସୂଚନା ମୁତାବକ, ମଙ୍ଗଳବାର ସକାଳ ସାଢ଼େ ୬ଟାରେ ଆଲିପୁରଦାର ଡିଭିଜନର ନୂଆ ମୟନାଗୁଡି ଷ୍ଟେସନରେ ଏକ ମାଲବାହୀ ଟ୍ରେନ୍‌ର ୫ଟି ୱାଗନ୍ ଲାଇନ୍‌ଚ୍ୟୁତ ହୋଇଛି। ଏହି କାରଣରୁ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଫଳରେ ଅନ୍ୟ ଟ୍ରେନ ଗୁଡିକ ଷ୍ଟେସନରେ ଅଟକି ରହିଛି। ସେପଟେ ଏହି ଘଟଣାରେ କାହାର କିଛି କ୍ଷୟକ୍ଷତି ହୋଇନଥିବା ଜଣାପଡିଛି। ସେପଟେ ଏହି ଘଟଣାରେ ଷ୍ଟେସନର ଜଳ ଯୋଗାଣ ପାଇପଲାଇନ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଟ୍ରେନ୍ ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ରେଳ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ମରାମତି କାମ ଚାଲିଛି। ଏହି ରୁଟ୍ ଦେଇ ଯାଉଥିବା ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଅନେକ ଟ୍ରେନ୍‌ର ଗତିକୁ ପରିବର୍ତ୍ତନ କରାଯାଇଛି। ଖୁବ୍‌ଶୀଘ୍ର ମରାମତି କାମ ସରିବ ବୋଲି ରେଳ ଅଧିକାରୀମାନେ କହିଛନ୍ତି। ତେବେ କେଉଁ କାରଣ ଯୋଗୁଁ ଏହି ଦୁର୍ଘଟଣା ଘଟିଲା ସେନେଇ କୌଣସି ସୂଚନା ମିଳିନଥିବା ବେଳେ ଏନେଇ ଅଧିକ ତଦନ୍ତ ଜାରି ରହିଛି ।

# ଜାପାନ ଓ ରୁଷ୍‌କୁ ପଛରେ ପକାଇ ମହାଶକ୍ତି ହେଲା ଭାରତ

**ନୂଆଦିଲ୍ଲୀ, ୨୪/୯**

ଭାରତର ଶକ୍ତି ବିଷୟରେ ଏବେ ଆଉ ଦୁନିଆଁକୁ ଅଛପା ନାହିଁ । ପୂରା ଦୁନିଆଁ ଜାଣିଛି ଭାରତ କେଉଁ ଭଳି ଭାବେ ଆଗେଇ ଚାଲିଛି। ଏହି କଥାର ପ୍ରମାଣ ନିକଟରେ ଆସିଥିବା ରିପୋର୍ଟରେ ଦର୍ଶାଯାଇଛି। ନିକଟରେ ଅଷ୍ଟ୍ରେଲିଆର ଥିଙ୍କ୍ ଟ୍ୟାଙ୍କ ଲୋଭି ଦ୍ୱାରା ଜାରି ଏସିଆ ପାୱାର ଇଣ୍ଡେକ୍ସର ର୍ୟାଙ୍କିଂରେ ଭାରତ ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନରେ ପହଞ୍ଚି ଯାଇଛି। ସୂଚନା ଅନୁସାରେ ଭାରତ, ଆମେରିକା ଓ ରୁଷ୍ ପରେ ୩ୟ ମହାଶକ୍ତି ଭାବେ ଉଭା ହୋଇଛି। ଏହି ର୍ୟାଙ୍କିଂରେ ଭାରତ, ରୁଷ୍ ଓ ଜାପାନ ଭଳି ମହାଶକ୍ତିଙ୍କୁ ପଛରେ ପକାଇ ୩ୟ ସ୍ଥାନ ଅକ୍ତିଆର କରିଛି। ଭାରତର ସ୍କୋର ୩୯.୧ ରହିଥିବା ବେଳେ ଜାପାନର ସ୍କୋର ୩୮.୯ ରହିଛି। ଯେଉଁଥିରେ ସେ ୪ର୍ଥ ସ୍ଥାନରେ ରହି ଯାଇଛି। ଏହି ର୍ୟାଙ୍କିଂରେ ପାକିସ୍ତାନର ସ୍ଥିତି ସାଂଘାତିକ ନଜର ଆସିଛି। ଲୋଭିର ରିପୋର୍ଟରେ ଏହି କଥାର ଖୁଲାସା କରାଯାଇଛି ଯେ, ଏସିଆରେ ଶକ୍ତିର ସନ୍ତୁଳନତା ଏବେ ବି ଆମେରିକା ଓ ଚୀନ୍ ହାତରେ ରହିଛି। କିନ୍ତୁ ଭାରତର ଦ୍ରୁତ ଆବିର୍ଭାବ ଏହି ସ୍ଥିତିକୁ ବଦଳାଇ ପାରେ। ସେପଟେ ଚୀନ୍‌ର ଆର୍ଥିକ ଓ ସେନା ବୃଦ୍ଧି ଲଗାତାର ଜାରି ରହିଛି, କିନ୍ତୁ ଏହାର ଶକ୍ତି ସ୍ଥିର ହୋଇ ଯାଇଛି। ରିପୋର୍ଟରେ କୁହାଯାଇଛି ଯେ, ଚୀନର ଶକ୍ତି ନା ବଢୁଛି ନା ହ୍ରାସ ପାଇଛି, ବରଂ ସେ ଏକ ସ୍ଥିର ଅବସ୍ଥାରେ ରହିଛି। ଅନ୍ୟପଟେ ଆମେରିକା ଏବେ ବି ୮ଶକ୍ତିର ମାନକରେ ସବୁଠୁ ଆଗରେ ରହିଛି। ଏହାସହ ଭାରତର ସ୍ଥିତିରେ ସୁଧାର ନଜର ଆସୁଛି ଏବଂ ସେ ଜାପାନ ଓ ରୁଷ୍‌କୁ ପଛରେ ପକାଇ ଏସିଆରେ ୩ୟ ସ୍ଥାନରେ ନିଜର ସ୍ଥାନ ବଜାୟ ରଖିଛି। କେନ୍ଦ୍ର ମନ୍ତ୍ରୀ ହରଦୀପ ସିଂହ ପୁରୀ ଏସିଆର ପାୱାର ଇଣ୍ଡେକ୍ସରେ ଭାରତର ଶକ୍ତି ବୃଦ୍ଧିର ଶ୍ରେୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦର୍ଶୀ ନେତୃତ୍ୱ ଓ ବୈଶ୍ୱିକ ରଣନୀତିକୁ ଦେଇଛନ୍ତି। ରିପୋର୍ଟ ଅନୁସାରେ, ୨୦୨୩ରେ ଭାରତ ଏସିଆ ପାୱାର ଇଣ୍ଡେକ୍ସର ଦିଗରେ ସବୁଠୁ ଅଧିକ ଡିପ୍ଲୋମାଟିକ ଡାଏଲଗ୍‌ରେ ଭାଗ ନେଇଛି। ଯାହାକି ଏହା ଦର୍ଶାଇଛି ଯେ ଭାରତ ନିଜର କୂଟନୀତିକ ସ୍ଥିତିକୁ ମଜବୁତ୍ କରିବାରେ ଖୁବ୍ ସକ୍ରିୟ ହୋଇଛି। ଅଷ୍ଟ୍ରେଲିଆର ଥିଙ୍କ୍ ଟ୍ୟାଙ୍କ ଅନୁସାରେ ଭାରତର ଶକ୍ତି ବୃଦ୍ଧିର ମୁଖ୍ୟ ଆଧାର। ଏହାର ବିଶାଳ ଜନସଂଖ୍ୟା ଓ ଖୁବ୍‌ଜୋରରେ ବିକଶିତ ହୋଇଥିବା ଅର୍ଥବ୍ୟବସ୍ଥା। ରିପୋର୍ଟରେ ଭାରତର ଆର୍ଥିକ କ୍ଷମତାରେ ୪.୨ ଅଙ୍କର ବୃଦ୍ଧି ହୋଇଛି। ଏହାସହ ଭବିଷ୍ୟତର ଉତ୍ସର ସନ୍ଦର୍ଭରେ ଭାରତର ସ୍କୋର ୮.୨ ଅଙ୍କ ବଢିଛି। ଏହାର ଅର୍ଥ ଯେ ଭାରତର ଯୁବ ଜନସଂଖ୍ୟା ଆଗାମୀ ଦଶକରେ ଏକ ଜନସଂଖ୍ୟକ ଲାଭ ପ୍ରଦାନ କରିପାରେ, ଯାହାକି ତାକୁ ଆର୍ଥିକ ଓ ସାମରିକ ଦୃଷ୍ଟିକୋଣରେ ଆହୁରି ମଜବୁତ କରିବ।

# ସ୍ୱାସ୍ଥ୍ୟ ସେବା ବ୍ୟାହତ ହେବନି : ସ୍ୱାସ୍ଥ୍ୟ ମନ୍ତ୍ରୀ

**ଭୁବନେଶ୍ୱର, ୨୪/୯ ନ୍ୟୁଜ ବ୍ୟୁରୋ**

ଦାବି ଉପରେ ଆଲୋଚନା ନେଇ ବୁଧବାର ନର୍ସିଂ ସଂଘକୁ ଡାକିଛୁ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ। ନର୍ସିଂ ଅଫିସରଙ୍କ ପ୍ରସ୍ତାବିତ ଆନ୍ଦୋଳନକୁ ନେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ତାଙ୍କ ପ୍ରତିକ୍ରିୟାରେ ଏହା କହିଛନ୍ତି । ସେ ଆହୁରି କହିଛନ୍ତି ଯେ, ଆଲୋଚନା ସଫଳ ହେବା ନେଇ ସରକାର ଆଶାବାଦୀ ଅଛନ୍ତି। ସେ କହିଛନ୍ତି ଯେ, ସ୍ୱାସ୍ଥ୍ୟ ସେବା ବ୍ୟାହତ ହେବନି ।

# କେନାଲରୁ କାର୍ ସହ ଜଣଙ୍କ ମୃତଦେହ ଉଦ୍ଧାର

ଭୁବନେଶ୍ୱର/କଟକ, ୨୪ ସେପଟ୍ଟେମ୍ବର - କେନାଲରେ ପଶିଗଲା କାର୍। ଦୁର୍ଘଟଣାରେ ଚାଳକଙ୍କର ମୃତ୍ୟୁ ହୋଇଛି। କଟକ ସଦର ଥାନା ଅନ୍ତର୍ଗତ ବମ୍ଫକୁଦ ଅଂଚଳରେ ଏହି ଦୁର୍ଘଟଣା ଘଟିଛି। ମୃତକ ହେଲେ ବମ୍ଫକୁଦ ଗାଁର କାହ୍ନୁ ଜେନା । ପ୍ରାଥମିକ ରିପୋର୍ଟ ମୁତାବକ କାହ୍ନୁ ସୋମବାର ରାତିରୁ ନିଖୋଜ ଥିଲେ । ବିଳମ୍ବିତ ରାତି ଯାଏ ଘରକୁ ନଫେରିବା କାରଣରୁ ପରିବାର ଲୋକେ ତାଙ୍କୁ ଯୋଗାଯୋଗ କରିବା ଓ ତଲାସ କରିବା ଜାରି ରଖିଥିଲେ । ମଙ୍ଗଳବାର ସକାଳେ କିଛି ସ୍ଥାନୀୟ ଲୋକେ କେନାଲ ଭିତରେ ଏକ କାର ଦେଖିଥିଲେ । ପରେ ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ ଏବଂ ଘଟଣାସ୍ଥଳରେ ଏକ ଟିମ ପହଂଚି କାରକୁ ବାହାରକୁ କାଢିଥିଲେ । କାରଟିକୁ ବାହାର କରିବା ପରେ ଏଥିରୁ କାହ୍ନୁଙ୍କର ମୃତଦେହ ଉଦ୍ଧାର ହୋଇଛି । କାଲି ରାତିରୁ କାରଟି କେନାଲ ଭିତରକୁ ଖସିଯିବା କାରଣରୁ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି ।

DADLS-34



ରାଷ୍ଟ୍ରବାଦୀ ଜନନାୟକ
ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୦୯ ତମ
ରାଜ୍ୟସ୍ତରୀୟ ଜୟନ୍ତୀ

୨୫ ସେପ୍ଟେମ୍ବର, ୨୦୨୪

ସାଧାରଣ ସଭା
ଅପରାହ୍ନ ୪ ଘଟିକା, ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସମ୍ମାନନୀୟ ଅତିଥି
ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ
ମନ୍ତ୍ରୀ, ଆଇନ, ପୂର୍ତ୍ତ ଓ ଅବକାରୀ, ଓଡ଼ିଶା

ମୁଖ୍ୟ ବକ୍ତା
ଶ୍ରୀଯୁକ୍ତ ଭୁବନାନନ୍ଦ ତ୍ରିପାଠୀ
ବିଶିଷ୍ଟ ସାହିତ୍ୟିକ ଓ ଗବେଷକ

ଧନ୍ୟବାଦ ଅର୍ପଣ :
ଶ୍ରୀଯୁକ୍ତ ଗୋଲକ ଚନ୍ଦ୍ର ମହାପାତ୍ର
ଉପଦେଷ୍ଟା, ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ ଫାଉଣ୍ଡେସନ, ଭୁବନେଶ୍ୱର

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0217/2425

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ଦେବଗଡ଼ ଗସ୍ତ
# ଜିଲ୍ଲାରେ ରାଜସ୍ୱ ବିଭାଗର କାର୍ଯ୍ୟକ୍ରମ ନେଇ ସମୀକ୍ଷା

**ଭୁବନେଶ୍ୱର, ୨୪/୯ ନ୍ୟୁଜ ବ୍ୟୁରୋ**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଦେବଗଡ଼ ଗସ୍ତରେ ଯାଇ ବିଭାଗ ପକ୍ଷରୁ ପରିଚାଳିତ ବିଭିନ୍ନ ଯୋଜନାର ଅଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ । ଏହି ବୈଠକରେ ଜିଲ୍ଲାର ବିଶେଷ କରି ଜମିଜମାର ହାଇଟେକ୍ ସର୍ଭେ ପରବର୍ତ୍ତୀ ଉପୁଜିଥିବା ସମସ୍ୟା, ବସୁନ୍ଧରା ଯୋଜନାର ସର୍ଭେ କାର୍ଯ୍ୟ ଯଥାଶୀଘ୍ର ସମାପ୍ତ କରି ଘରଡିହ ନଥିବା ପ୍ରତ୍ୟେକ ପରିବାରଠାରୁ ଦରଖାସ୍ତ ଗ୍ରହଣ କରି ଘରଡ଼ିହ ପଟ୍ଟା ଯୋଗାଇଦେବା, ରେଙ୍ଗାଲି ପ୍ରକଳ୍ପ ଦ୍ୱାରା ବାସଚ୍ୟୁତ ଲୋକମାନଙ୍କର ତଥ୍ୟ ସଂଗ୍ରହ କରି କ୍ଷତିପୂରଣ ଓ ଜମିପଟ୍ଟା ଯୋଗାଇଦେବା, ବିମଳାଗଡ଼ ରେଲୱେ ଲାଇନ୍ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବା, ଜିଲ୍ଲାର ସମସ୍ତ ତହସିଲରେ ଖାଲି ପଡ଼ିଥିବା ପଦବୀ ପୂରଣ ସଂପର୍କରେ ଆଲୋଚନା ହୋଇଥିଲା । ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସ୍ଥାୟୀ ଜମିପଟ୍ଟା ଯୋଗାଇଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଥିଲେ । କ୍ଷୁଦ୍ର ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଅନୁପସ୍ଥିତ ରହୁଥିବାରୁ ସ୍ଥାନୀୟ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଥିଲେ ।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ପୂଜାରୀ ବିଶିଷ୍ଟ ସମାଜସେବୀ ତଥା ସର୍ବଜନପ୍ରିୟ ବ୍ୟକ୍ତିତ୍ୱ ସ୍ୱର୍ଗତ ଭାଗବତ ନନ୍ଦଙ୍କ ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ସେଠାରେ ମନ୍ତ୍ରୀ ଶ୍ରୀ ପୂଜାରୀ ଉପସ୍ଥିତ ନେତୃବୃନ୍ଦ ଓ ଜନସାଧାରଣଙ୍କ ସହ ଦେବଗଡ଼ର ସାମୂହିକ ଉନ୍ନତି ନେଇ ଆଲୋଚନା କରିଥିଲେ ।

# ବନ୍ଦ ହେଉନି ବିଷାକ୍ତ ମଦ କାରବାର : ଏବେ ସୁଦ୍ଧା ଗଲାଣି ୫୩ ଜଣଙ୍କ ମୁଣ୍ଡ

**ଗୋପାଳପୁର/ବ୍ରହ୍ମପୁର,୨୪/୯ ନ୍ୟୁଜ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାରେ ମଦମୃତ୍ୟୁ ନୂଆ ନୁହେଁ । ମଦ ପାଇଁ ଅନେକ ପରିବାର ଛାରଖାର ହୋଇଯାଇଛି। ଜିଲ୍ଲାରେ ୧୯୯୪ରୁ ଆଜି ପର୍ଯ୍ୟନ୍ତ ବିଷାକ୍ତ ମଦ ପିଇ ୫୩ ଜଣଙ୍କ ମୃତ୍ୟୁ ହେଲାଣି । ତଥାପି ବିଷାକ୍ତ ମଦ କାରବାର ବନ୍ଦ ହୋଇ ନାହିଁ । ମଦ ପିଇ ମରିଯାଇଥିବା ଲୋକଙ୍କ ପରିବାରରେ ଏବେ ବି ଦୁଃଖର ବୋଝ ହଟି ନାହିଁ । କିଏ ପୁଅକୁ ହରାଇ ବାହୁନି କାନ୍ଦୁଛି ତ ଆଉ କିଏ ବାପା ବା ସ୍ୱାମୀକୁ ହରାଇ ଦୁଃଖରେ ଜୀବନ କାଟୁଛି । ୨୦୦୬ରେ ଗୋଳାବନ୍ଧରେ ବିଷାକ୍ତ ମଦ ପିଇ ୧୨ ଜଣଙ୍କ ମୃତ୍ୟୁ ହୋଇଥିଲା । ସେମାନଙ୍କ ଭିତରେ ଥିଲେ ଏ. ସରସ୍ୱତୀଙ୍କ ସ୍ୱାମୀ ଏ. ସନ୍ନ୍ୟାସୀ । ସେଲୁନରେ କାମ କରି ସେ ପରିବାର ପ୍ରତିପୋଷଣ କରୁଥିଲେ । ୬ ଝିଅ ଓ ଗୋଟିଏ ପୁଅ । ପରିବାର ଲୋକ ବହୁ ଚେଷ୍ଟା କରି ବି ତାଙ୍କର ମଦ ଅଭ୍ୟାସ ଛଡ଼ାଇ ପାରି ନ ଥିଲେ । ୨୦୦୬ ଏପ୍ରିଲ୍ ୨୨ ତାରିଖ ସକାଳୁ ସନ୍ନ୍ୟାସୀ ସେଲୁନକୁ ଯିବାକୁ ଘରୁ ବାହାରିଥିଲେ । କିଛି ସମୟ ପରେ ସେ ଅସୁସ୍ଥ ଥିବା ଖବର ଆସିଥିଲା । ପରିବାରର ସମସ୍ତେ ଦୌଡ଼ିଥିଲେ ବଡ଼ ଡାକ୍ତରଖାନା । ପୁଅ ସେତେବେଳେ ସେନାରେ ଭର୍ତ୍ତି ହୋଇଥିବାରୁ ବାହାରେ ଥିଲା । ଡାକ୍ତରଖାନାରେ କିଛି ସମୟ ଭିତରେ ସନ୍ନ୍ୟାସୀଙ୍କ ମୃତ୍ୟୁ ଖବର ଆସିଥିଲା । ପ୍ରଶାସନ ପକ୍ଷରୁ କେବଳ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା । ପୂର୍ବରୁ ୩ ଝିଅ ବିବାହ କରିଥିଲେ । ବହୁ କଷ୍ଟରେ ଆଉ ଗୋଟିଏ ଝିଅ ଓ ପୁଅକୁ ବିବାହ କରାଇଲେ । ପୁଅ ଏବେ ଚାକିରି କରୁଛି । ଅର୍ଥାଭାବ କାରଣରୁ ଦୁଇଝିଅର ବିବାହ କରାଇପାରିନଥିଲେ। ଏବେ ବି ସେଦିନର କଥା ମନେପଡ଼ିଲେ ଛାତିରେ କୋହ ଉଠୁଛି ବୋଲି ସରସ୍ୱତୀ କହିଛନ୍ତି । ଭଡ଼ା ଘର, ଦୁଇଝିଅଙ୍କ ବୋଝ । ପରବର୍ତ୍ତୀ ସମୟରେ ଝିଅମାନେ ବି ମଜୁରି ଲାଗିବା ଆରମ୍ଭ କରିଥିଲେ । ଦୀର୍ଘ ୧୮ ବର୍ଷ ହେଲା ମୂଲ ଲାଗି ଖାଉଛନ୍ତି। ମଦ କେବଳ ସ୍ୱାମୀଙ୍କ ଜୀବନ ନେଇନି, ଆମ ସୁଖ ସଂସାରକୁ ଭାଙ୍ଗିଦେଇଛି ବୋଲି କାନ୍ଦିକାନ୍ଦି କହିଛନ୍ତି ସରସ୍ୱତୀ ।